ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.218 Bhubaneswar Tuesday, October 19, 2021 | ୨୪ତମ ବର୍ଷ ସଂଖ୍ୟା-୨୧୮ ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୧୯, ୨୦୨୧ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS



ନୂଆଦିଲ୍ଲୀରେ ଡିଜିଡ଼ିଇ ଓ ଆଇଡ଼ିଇଏସ୍‌ର ଅଧିକାରୀ ଏବଂ ବୈଷୟିକ କର୍ମଚାରୀଙ୍କ ଦକ୍ଷତା ବିକାଶ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ସଚିବ ଡକ୍ଟର ଅଜୟ କୁମାର ସମ୍ବୋଧିତ କରିଛନ୍ତି

## ଗୋଟିଏ ଦିନରେ ୩୪୦ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧୮।୧୦(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୩୪୦ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୩୫୪୧୭ କୁ ବୃଦ୍ଧି ପାଇଛି। ସେହିପରି ୧୮ ବର୍ଷରୁ କମ ୫୦ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୨୨ ହଜାର ୨୫୦ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୪୮୨୪ ରହିଛି । ଆଜି ଚିହ୍ନଟ ହୋଇଥିବା ୩୪୦ ଜଣଙ୍କ ମଧ୍ୟରୁ ୧୯୯ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୪୧ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।

## ୧ କୋଟି ରାଜ୍ୟବାସୀ ନେଲେଣି ଡବଲ୍ ଡୋଜ୍ ଟିକା

ଭୁବନେଶ୍ୱର, ୧୮।୧୦(ପି.ଏନ): କରୋନା ଟିକାକରଣ କ୍ଷେତ୍ରରେ ରାଜ୍ୟ ସରକାର ଆଉ ଏକ ମାଇଲଷ୍ଟୋନ ଅତିକ୍ରମ କରିଛନ୍ତି। ରାଜ୍ୟର କୋଟିଏ ଲୋକ କୋଭିଡ୍ ଟିକାର ଉଭୟ ଡୋଜ ନେଇଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଟ୍ୱିଟ୍ କରି ଏନେଇ ସୂଚନା ଦେଇଛି।ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶା ସଫଳତାର ସହ ୧ କୋଟିରୁ ଊର୍ଦ୍ଧ୍ୱ ଲୋକଙ୍କୁ କୋଭିଡ୍-୧୯ ଟିକାର ଦୁଇଟି ମାତ୍ରା ପ୍ରଦାନ କରିଥିବାରୁ ଖୁସି ବ୍ୟକ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀ ବହୁମୂଲ୍ୟ ଜୀବନ ବଂଚାଇବା ପାଇଁ ଟିକାକରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥିବା ସ୍ୱାସ୍ଥ୍ୟକର୍ମୀମାନଙ୍କ ପ୍ରତି ସମ୍ମାନ ଜ୍ଞାପନ କରିଛନ୍ତି ।

## ୨ ଦିନ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର,୧୮।୧୦(ପି.ଏନ): ପଶ୍ଚିମବଙ୍ଗର ଗାଙ୍ଗେୟ କ୍ଷେତ୍ର ଉପରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ସୋମବାର ସକାଳେ ପଶ୍ଚିମବଙ୍ଗ ତତସଂଲଗ୍ନ ଉତର ଓଡ଼ିଶାରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ସମୁଦ୍ର ପତନଠାରୁ ବାୟୁମଣ୍ଡଳରେ ୫.୮ କିମି ଯାଏଁ ବ୍ୟାପିଛି। ଏହାର ପ୍ରଭାବରେ ରାଜ୍ୟରେ ଅନେକ ସ୍ଥାନରେ ବଜ୍ରପାତ ସହ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବା ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାରେ ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେଥିପାଇଁ ଅରେଂଜ ୱାର୍ଣ୍ଣିଂ ଜାରି କରାଯାଇଛି। ଯେଉଁଥିପାଇଁ ତଳିଆ ଅଂଚଳରେ ପାଣି ଜମି ରହିବ। ବଢ଼ାବଳଙ୍ଗ ଓ ସୁବର୍ଣ୍ଣରେଖା ନଦୀର ଜଳସ୍ତର ବୃଦ୍ଧି ପାଇପାରେ। ଏହି ସମୟ ମଧ୍ୟରେ ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର ,ସୁନ୍ଦରଗଡ଼, କେନ୍ଦୁଝର, ଦେବଗଡ଼ ଓ ଯାଜପୁର, ଜିଲ୍ଲାରେ ଗୋଟିଏ ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

# ସ୍କୁଲ ଖୋଲିବା ନେଇ ମାର୍ଗଦର୍ଶିକା ଜାରି କଲେ ରାଜ୍ୟ ସରକାର

ଭୁବନେଶ୍ୱର,୧୮।୧୦(ପି.ଏନ): ମହାମାରୀ କରୋନାର କୋପ କମିବା ପରେ ଆସନ୍ତା ୨୧ ତାରିଖରୁ ଏକାଦଶ ଓ ୨୫ ତାରିଖରୁ ଅଷ୍ଟମ ଶ୍ରେଣୀ ଖୋଲିବ। ସେଥିପାଇଁ ମାର୍ଗଦର୍ଶିକା ଜାରି କରିଛି ସ୍କୁଲ ଓ ଗଣ ଶିକ୍ଷା ବିଭାଗ। ଗାଇଡ୍ ଲାଇନ୍ ଅନୁଯାୟୀ ଅଷ୍ଟମ ଶ୍ରେଣୀ ପାଇଁ ୧୭ରୁ ୨୪ ତାରିଖ ମଧ୍ୟରେ ଶିକ୍ଷକ ଓ ପରିଚାଳନା କମିଟି ବୈଠକ ବସିବ। ଏଥିରେ ବିଦ୍ୟାଳୟ ପରିସରକୁ ପରିଷ୍କାର ପରିଚ୍ଛନ୍ନ ରଖାଯିବା ଉପରେ ଗୁରୁତ୍ୱ ଦିଆଯିବ। ସ୍କୁଲ ଖୋଲାଯିବାର ପୂର୍ବ ଦିନ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଜଣାଇବେ ପ୍ରଧାନଶିକ୍ଷକ। ପ୍ରଥମ ଦୁଇଦିନ ପାଠ ପଢ଼ା ଯିବନି। କେବଳ ପିଲାମାନଙ୍କ ସହ ଆଲୋଚନା ହେବ। ପାଠପଢ଼ା ନେଇ ଆଲୋଚନା କରିବେ ଶିକ୍ଷକ ଓ ପରିଚାଳନା କମିଟି। ୨୫ ଓ ୨୬ ଅକ୍ଟୋବର ପିଲାମାନଙ୍କ ମଧ୍ୟରେ ଆଲୋଚନା, ତର୍କ ପ୍ରତିଯୋଗୀତା, ସଂଗୀତଗାନ, ଚିତ୍ରାଙ୍କନ, ମାଟିକାମ, କୋଭିଡ୍ ସମୟରେ ସମୟ କିପରି ବିତାଇଲ ତା' ଉପରେ ଆଲୋଚନା କାର୍ଯ୍ୟକ୍ରମ ନିଆଯାଇପାରେ । ଏହି ଦୁଇଦିନ କୌଣସି ପାଠପଢ଼ା ହେବ ନାହିଁ। ପିଲାମାନେ ମୁକ୍ତଭାବରେବିଦ୍ୟାଳୟ ଭିତରେ ବୁଲିବା, ବିଭିନ୍ନ ପ୍ରଦର୍ଶନୀର ଆୟୋଜନ କରିବା, ବିଭିନ୍ନ ବସ୍ତୁ ସଂଗ୍ରହ କରି ଏହା ଉପରେ ଆଲୋଚନା କରିବା ଇତ୍ୟାଦି କାର୍ଯ୍ୟକ୍ରମ ନେଇପାରନ୍ତି। ୨୭, ୨୮ ଓ ୨୯ ତାରିଖରେ ସ୍ୱତନ୍ତ୍ର ପରୀକ୍ଷା ଜରିଆରେ ଶିକ୍ଷଣ ସ୍ତର ଆକଳନ ହେବ। ଆକଳନ ସରିବା ପରେ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରତିକାତ୍ମକ ଶିକ୍ଷାଦାନ କରାଯିବ। ସ୍କୁଲରେ ଭୟମୁକ୍ତ ବାତାବରଣ ସୃଷ୍ଟି ପାଇଁ ଶିକ୍ଷକମାନେ ପ୍ରଚେଷ୍ଟା କରିବେ। ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ବଦଳରେ ଶୁଖିଲା ଖାଦ୍ୟ ଯୋଗାଇ ଦିଆଯିବ ବୋଲି ମାର୍ଗଦର୍ଶିତାରେ ଉଲ୍ଲେଖ ରହିଛି।ପିଲାମାନେ ବିଦ୍ୟାଳୟ ବନ୍ଦ ରହିବା ଯୋଗୁଁ କୌଣସି ଲିଖିତ କାର୍ଯ୍ୟ କରିନାହାନ୍ତି । ସେଥିପାଇଁ ଶିକ୍ଷକ ପ୍ରତିପିଲାମାନଙ୍କୁ ସବୁଦିନ କିଛି ଲିଖିତ କାର୍ଯ୍ୟ ଦେବେ। ସେହିସବୁ କାର୍ଯ୍ୟକୁ ମଧ୍ୟ ସଂଶୋଧନ କରାଇବେ । ମାତାପିତା ଓ ଅଭିଭାବକ ମାନଙ୍କ ସହ ଏ ବିଷୟରେ ଆଲୋଚନା କରିବେ । ଶିକ୍ଷକମାନେ ପ୍ରତ୍ୟେକ ଦିନ ଯେଉଁ ବିଷୟ ପଢ଼ାଇବେ, ତାର ଲେସନ୍ ନୋଟ୍ ତିଆରି କରି ଶ୍ରେଣୀକୁ ଯିବେ । ତଦନୁଯାୟୀ ପାଠ ପଢ଼ାଇବେ ଓ ପିଲାମାନଙ୍କର ଦକ୍ଷତା ମାପିବେ । ପ୍ରଧାନଶିକ୍ଷକମାନେ ନିଶ୍ଚିତ ଭାବରେ ଶ୍ରେଣୀରେ ପାଠପଢ଼ାଇବେ। ଅନ୍ୟ ଶିକ୍ଷକମାନଙ୍କର ପାଠପଢ଼ାକୁ ଶ୍ରେଣୀର ପଛବେଂଚରେ ବସି ପ୍ରଧାନଶିକ୍ଷକ ନିରୀକ୍ଷଣ କରିବେ।ପ୍ରତ୍ୟେକ ଦିନ ପ୍ରଧାନଶିକ୍ଷକ ବିଦ୍ୟାଳୟ ପାଠପଢ଼ା ସମାପ୍ତି ପରେ ୩୦ମିନିଟ୍‌ର ଏକ ବୈଠକ ଶିକ୍ଷକମାନଙ୍କ ସହ କରି ପାଠପଢ଼ାର ଅଗ୍ରଗତି ବିଷୟରେ ସମୀକ୍ଷା କରିବେ। ପରଦିନ ପାଇଁ ମଧ୍ୟ ପାଠପଢ଼ାର ଯୋଜନା ତିଆରି କରିବେ । ପ୍ରତ୍ୟେକ ସପ୍ତାହରେ ଥରେ ଓ ମାସର ଶେଷଦିନ ବିଦ୍ୟାଳୟର ପାଠଦାନ ଉପରେ ପ୍ରଧାନ ଶିକ୍ଷକମାନେ ବୈଠକ କରି ପାଠପଢ଼ା ଅଗ୍ରଗତିର ସମୀକ୍ଷା ମଧ୍ୟ କରିବେ।ଯଦି କୌଣସି ଶିକ୍ଷକ ବା ଛାତ୍ରଛାତ୍ରୀ ଥଣ୍ଡା ବା କଫ ଜନିତ ରୋଗରେ ପିଡ଼ୀତ ଥିବେ, ସେମାନଙ୍କୁ ବିଦ୍ୟାଳୟରେ ପ୍ରବେଶ ଅନୁମତି ଦିଆଯିବ ନାହିଁ। ବିଦ୍ୟାଳୟ ଖୋଲିବା ନିମନ୍ତେ ଚୁଡ଼ାନ୍ତ ନିଷ୍ପତି ଜିଲ୍ଲାପାଳମାନେ ନେଇପାରିବେ। ବିଦ୍ୟାଳୟ ଖୋଲିବା ଦିନ ତା।୨୫.୧୦.୨୦୨୧ରିଖ ପିଲାମାନଙ୍କୁ ଅଷ୍ଟମ ଶ୍ରେଣୀର ଉତଥାନ ପୁସ୍ତିକା ଓ ପାଠ୍ୟପୁସ୍ତିକା ବଂଟାଯାଇ ନଥିଲେ ଯୋଗାଇ ଦିଆଯିବ।

# ମହିଳାଙ୍କ ନିଖୋଜ ପଛରେ ଗୃହ ରାଜ୍ୟ ମନ୍ତ୍ରୀ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ରଙ୍କ ହାତ : କଂଗ୍ରେସ

ଭୁବନେଶ୍ୱର,(ପି.ଏନ): ରାଜ୍ୟରେ ମହିଳା ସବୁଠାରୁ ଅଧିକ ବିପଦରେ ଓ ଅସୁରକ୍ଷିତ ଏକଥା ମମିତା ମେହେର ଅପହରଣ ଓ ନିଖୋଜ ଘଟଣାରୁ ପୁର୍ନବାର ସତ୍ୟ ପ୍ରମାଣିତ ହୋଇଛି ବୋଲି କଂଗ୍ରେସର ବରିଷ୍ଠ ନେତା ତଥା ବିଧାୟକ ସନ୍ତୋଷ ସିଂ ସାଲୁଜା ଅଭିଯୋଗ କରିଛନ୍ତି। ଆଜି ପ୍ରଦେଶ କଂଗ୍ରେସ କର୍ଯ୍ୟାଳୟ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସାଲୁଜା, ମୁଖପାତ୍ର ପ୍ରଶାନ୍ତ ଶତପଥି ଓ ରଜନୀ ମହାନ୍ତିଙ୍କ ଉପସ୍ଥିତିରେ ଶିକ୍ଷୟତ୍ରୀ ମମିତା ମେହେର ଅପହରଣ ଓ ନିଖୋଜ ଘଟଣାରେ ଗୃହ ରାଜ୍ୟ ମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ରଙ୍କ ସିଧାସଳଖ ସଂପୃକ୍ତିର ଅଭିଯୋଗ ଆଣିବା ସହିତ ପିଡୀତା ଓ ତାଙ୍କ ପରିବାରକୁ ତୁରନ୍ତ ନ୍ୟାୟ ପ୍ରଦାନ କରିବାକୁ ଦାବି କରିଛନ୍ତି। ଗତ ୮ ଅକ୍ଟୋବର ଶୁକ୍ରବାର ଦିନ ମମିତା ମେହେର ସକାଳ ୫ଘଂଟା ୪୫ ମି. ରେ ଜୟବଜରଙ୍ଗ ବାଲି ବସରେ ତାଙ୍କ କାର୍ଯ୍ୟସ୍ଥଳୀ ମହାଲିଙ୍ଗ୍ ଯାଉଥିଲେ। କିନ୍ତୁ ମହାଲିଙ୍ଗ ପୂର୍ବରୁ ଚାନ୍ଦତାରା ଛକରେ, ସେ ଶିକ୍ଷକ ଭାବେ କାର୍ଯ୍ୟକରୁଥିବା କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ସନସାଇନ ସ୍କୁଲର ମୁଖ୍ୟ ତଥା ମାଲିକ ଗୋବିନ୍ଦ ସାହୁ ତାଙ୍କୁ ବସ୍‌ରୁ ଓହ୍ଲାଇ ନିଜସହିତ ତାଙ୍କ ବ୍ୟକ୍ତିଗତ ଗାଡ଼ିରେ ନେଇଯାଇଥିଲେ ଯାହାର ସିସି ଟିଭି ଭିଡିଓ ଫୁଟେଜ ଅଛି। ତା ପରଠାରୁ ଶିକ୍ଷୟତ୍ରୀ ମମିତା ମେହେରଙ୍କର ଖୋଜ ଖବର ମିଳୁନାହିଁ। ତାଙ୍କ ଘର ପରିବାର ଲୋକଙ୍କ ତରଫରୁ ବଂଟି ମେହେର ତା ୧୩ ଅକ୍ଟୋବରରେ ସିଂଧେକେଲା ଥାନାରେ ସ୍କୁଲର ମୁଖ୍ୟ ଗୋବିନ୍ଦ ସାହୁଙ୍କ ନାମରେ ଅପହରଣ ଜନିତ ମାମଲା ନଂ ୦୦୯୭/୨୧ ରୁଜୁ କରିଥିଲେ। ସିଂଧେକେଲା ପୋଲିସ୍ ଅଭିଯୁକ୍ତ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତେ ଶିକ୍ଷୟତ୍ରୀ ମମିତା ମେହେରଙ୍କର ଘରକୁ ଯାଇ ତାଙ୍କର ଲାପଟପ, ପେନ ଡ୍ରାଇଭ ଆଦି ନିଜ ସହିତ ନେଇଯାଇଛନ୍ତି। ପୋଲିସ୍ ଗୋବିନ୍ଦ ସାହୁଙ୍କୁ ୪ଦିନ ଧରି ଥାନାରେ ଅଟକ ରଖିବା ପରେ ୧୭ ଅକ୍ଟୋବର ଦିନ ଛାଡ଼ି ଦେଇଥିଲା। ପୋଲିସ୍ ଗୋବିନ୍ଦ ସାହୁଙ୍କୁ ଥାନାକୁ ଧରିଆଣିବାର ୨୪ ଘଂଟା ଭିତରେ ମାନ୍ୟବର ଅଦାଲତଙ୍କ ପାଖରେ ଉପସ୍ଥିତ କରାଇବା ପରିବର୍ତ୍ତେ, ଛାଡ଼ି ଦେବା ପଛରେ ଗୃହରାଜ୍ୟ ମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ରଙ୍କର ସିଧାସଳଖ ସଂପୃକ୍ତି ରହିଛି ଏବଂ ଚାପରେ ପଡ଼ି ପୋଲିସ ଅଭିଯୁକ୍ତକୁ ଥାନାରୁ ଛାଡ଼ିଦେଇଛି ବୋଲି ଶ୍ରୀ ସାଲୁଜା ଅଭିଯୋଗ କରିଛନ୍ତି। ଅପହୃତା ଶିକ୍ଷୟତ୍ରୀ ମମିତା ମେହେରଙ୍କର କାକା କୌଷିକ ମେହେର ତାଙ୍କ ସ୍କୁଲର ମୁଖ୍ୟ ଗୋବିନ୍ଦ ସାହୁଙ୍କ ଭିତରେ ହୋଇଥିବା କଥାବାର୍ତାରୁ ସ୍ପଷ୍ଟ ଜଣାପଡୁଛି ଯେ ଏଭଳି ସଙ୍ଗୀନ ଘଟଣାରେ ଗୃହରାଜ୍ୟ ମନ୍ତ୍ରୀଙ୍କର ସିଧାସଳଖ ସଂପୃକ୍ତି ରହିଛି ଏବଂ ବର୍ତମାନ ତାଙ୍କର ସ୍ଥିତି ବିଷୟରେ ମନ୍ତ୍ରୀହିଁ ସଠିକ ଉତର ଦେଇପାରିବେ। ସ୍କୁଲ ମୁଖ୍ୟ ଗୋବିନ୍ଦ ସାହୁ ମମିତା ମେହେରଙ୍କର ଷ୍ଟେଟବ୍ୟାଙ୍କରେ ଥିବା ଆକାଉଂଟ ନମ୍ବର -୩୫୩୩୫୪୩୩୯୮ କୁ ୮ ହଜାର ଟଙ୍କା ନିଖୋଜ ହୋଇଥିବା ଦିନ ପଠାଇଥିବା କଥା ସାମନାକୁ ଆସୁଛି। ଭଣଜା ଆୟୁଷ ମେହେର, ମମିତା ମେହେରଙ୍କ ସାଙ୍ଗ ବୈଶାଳୀ ପଟ୍ଟନାୟକଙ୍କ ସହିତ କଥା ହେବାରୁ ଜଣାପଡ଼ିଲା ଯେ ସେ ସ୍କୁଲରେ ଅନେକ ଅନୈତିକ କାର୍ଯ୍ୟ ଚାଲୁ ଅଛି। ସ୍କୁଲରେ ପଢୁଥିବା ଝିଅମାନଙ୍କ ସହିତ ମିଶି ଗୃହମନ୍ତ୍ରୀ ନିଜକୁ କମବୟସର ଯୁବକ ବୋଲି ଅନୁଭବ କରୁଥିବା କଥା ଖୋଦ ମନ୍ତ୍ରୀ ଅନେକ ସମୟରେ କହିଥାନ୍ତି। ସନସାଇନ ସ୍କୁଲରେ ଅନେକ ଗୁପ୍ତ କଠୋରୀ ରହିଛି ଯାହାକି ମନ୍ତ୍ରୀଙ୍କ ନଷ୍ଟ ଚରିତ୍ରର ମୁକ ସାକ୍ଷୀ ଅଟନ୍ତି। ଏହାର ନିରପେକ୍ଷ ଓ ବିଧିବଧ ତଦନ୍ତ କରାଗଲେ ଅନେକ ଘଟଣା ଲୋକଲୋଚନକୁ ଆସିବ। ଶ୍ରୀ ସାଲୁଜା, ନିରପେକ୍ଷ ତଦନ୍ତ ନିମନ୍ତେ ଗୃହରାଜ୍ୟ ମନ୍ତ୍ରୀଙ୍କର ତୁରନ୍ତ ଇସ୍ତଫା ଦାବି କରିବା ସହିତ ଏଭଳି ସ୍ପର୍ଷକାତର ଘଟଣାର ସିବିଆଇ କିମ୍ବା ବିଚାରବିଭାଗୀୟ ତଦନ୍ତ କରି ଦୋଷୀଙ୍କୁ କଠୋର ଦଣ୍ଡ ବିଧାନ କରିବାପାଇଁ ଦାବି କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମ ସଂଯୋଜକ ଦୀପକ ମହାପାତ୍ର ଉପସ୍ଥିତ ଥିଲେ।




# ଓଡ଼ିଆ ଭାଷାରେ ଇଞ୍ଜିନିୟରିଂ ଶିକ୍ଷା ମାତୃଭାଷାକୁ ବ୍ୟବହାରିକ ରୂପ ଦେବ:ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର, ୧୮।୧୦(ପି.ଏନ): ଓଡିଶା ଭାଷାଭିତିକ ରାଜ୍ୟ ଗଠନର ୧୦୦ ବର୍ଷ ପୂର୍ତି ହେବାକୁ ଆଗାମୀ ୧୫ ବର୍ଷ ଏବଂ ଦେଶ ସ୍ୱାଧୀନତାର ୧୦୦ ବର୍ଷ ପୂର୍ତି ହେବାକୁ ଥିବା ଆଗାମୀ ୨୫ ବର୍ଷର ମଧ୍ୟରେ ପିଲାମାନଙ୍କୁ ପୋଷଣ, ଭାଷା, ଶିକ୍ଷା ଏବଂ ରୋଜଗାରକୁ ଆମ ସମାଜର ଗୁରୁତ୍ୱ ଓଡିଆ ଜାତିକୁ ସ୍ୱାବଲମ୍ବୀ, ସ୍ୱାଭିମାନୀ ଏବଂ ଆତ୍ମନିର୍ଭର କରିବ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।ସୋମବାର ଭୁବନେଶ୍ୱର ସ୍ଥିତ ଆଇଆଇଟି ଖଡ଼ଗପୁରରର ବର୍ଦ୍ଧିତ କ୍ୟାମ୍ପସ ଠାରେ ଓଡ଼ିଆ ଭାଷାରେ ଇଂଜିନିୟରିଂ ଶିକ୍ଷା ପ୍ରଦାନ କରିବା ପାଇଁ ଅଖିଳ ଭାରତୀୟ ଶିକ୍ଷା ପରିଷଦ(ଏଆଇସିଟିଇ) ଏବଂ ଓଡ଼ିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥାନ(ଆଇଓଏସଆର) ମଧ୍ୟରେ ଏକ ବୁଝାମଣା ପତ୍ର (ଏମଓୟୁ) ସ୍ୱାକ୍ଷରିତ ହୋଇଯାଇଛି । ଏହି ଅବସରରେ ଶ୍ରୀ ପ୍ରଧାନ ଏଆଇସିଟିଇ ଓ ଆଇଓଏସଆରକୁ ଏହି ସାଧୁ ଉଦ୍ୟମ ପାଇଁ ଧନ୍ୟବାଦ ଜଣାଇଛନ୍ତି। ସେ କହିଛନ୍ତି ଯେ ଏମଓୟୁ ଅନୁସାରେ ଶିକ୍ଷାର ମାନ ଏବଂ ଛାତ୍ରଛାତ୍ରୀ ମାନଙ୍କ ବୁଝିବାର ସାମର୍ଥ୍ୟ ଅନୁସାରେ ଡିପ୍ଲୋମା, ବି.ଟେକ୍ ଭଳି ଇଞ୍ଜିନିୟରିଂ ପାଠ୍ୟକ୍ରମକୁ ଓଡ଼ିଆରେ ଅନୁବାଦ କରାଯିବା ସହ ମାତୃଭାଷାରେ ଶିକ୍ଷା ପ୍ରଦାନ ପାଇଁ ନିର୍ଦ୍ଦିଷ୍ଟ ମାର୍ଗଦର୍ଶିକା ଏବଂ ପୁସ୍ତକ ପ୍ରସ୍ତୁତିର ବ୍ୟବସ୍ଥା କରାଯିବ । ଓଡ଼ିଆ ଭାଷାରେ ଇଞ୍ଜିନିୟରିଂ ଶିକ୍ଷା ମାତୃଭାଷାକୁ ବ୍ୟବହାରିକ ରୂପ ଦେବ ବୋଲି ଶ୍ରୀ ପ୍ରଧାନକହିଛନ୍ତି ।ଶ୍ରୀ ପ୍ରଧାନ କହିଛନ୍ତି ଯେ ଓଡ଼ିଶା ଆଗାମୀ ୧୫ ବର୍ଷ ପରେ ୨୦୩୬ରେ ଭାଷାଭିତିକ ରାଜ୍ୟ ଭାବେ ଓଡ଼ିଶାସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ ବର୍ଷ ପୂରଣ କରିବ। ସେହିପରି ଆଗାମୀ ୨୫ ବର୍ଷ ପରେ ୨୦୪୭ସୁଦ୍ଧା ଦେଶ ସ୍ୱାଧୀନତାର ୧୦୦ବର୍ଷ ପୂରଣ କରିବ। ଏହି ସମୟରେ ୪ଟି ବିଷୟ ଯଥା ପୋଷଣ, ଭାଷା,ଶିକ୍ଷା ଓ ରୋଜଗାର ଆମ ସମାଜ ପାଇଁ ଆହ୍ୱାନ ହୋଇଛି। ପିଲାଙ୍କୁ ପୃଷ୍ଟିକରଣଯୁକ୍ତ ଖାଦ୍ୟ ସହ ମାତୃଭାଷାକୁଗୁରୁତ୍ୱ, ଗୁଣାତ୍ମକ ଶିକ୍ଷା ସହ ରୋଜଗାରକୁ ପ୍ରାଧାନ୍ୟ ଦେବାକୁ ପଡ଼ିବ। ଏହାକୁ ଗୁରୁତ୍ୱ ଦେଲେ ହିଁ ଆମେସ୍ୱାବଲମ୍ବୀ, ସ୍ୱାଭିମାନୀ ଓ ଆତ୍ମନିର୍ଭର ହୋଇପାରିବା। ଅତୀତରେ ଗଭୀର ସମୁଦ୍ରରେ ବିଶାଳ ବୋଇତ ଚାଳନା, ଶିଳ୍ପୀ ବିଶୁ ମହାରଣାଙ୍କ ଦ୍ୱାରା ନିର୍ମିତ କୋଣାର୍କର ସୂର୍ଯ୍ୟ ମନ୍ଦିର ମାନବ ସଭ୍ୟତାର ବୈଜ୍ଞାନିକ ଦୃଷ୍ଟିଭଙ୍ଗୀର ଓଡ଼ିଆଙ୍କ ପରିପ୍ରକାଶର ପ୍ରମାଣ। ସେ ସମୟରେ ଏହିଭଳି ବୈଷୟିକ ଶିକ୍ଷା ବଳରେ ଆର୍ଥିକ ଓ ସାମାଜିକ ବିକାଶ ଓଡ଼ିଆ ଜାତିର ଅନନ୍ୟ ନିଦର୍ଶନନିଜ ଭାଷାରେ ଶିକ୍ଷା ଦ୍ୱାରା ବ୍ୟକ୍ତି ଓ ରାଷ୍ଟ୍ରର କିପରି ଆର୍ଥିକ ବିକାଶ ଘଟିଥାଏ, ତାହାର ସର୍ବଶ୍ରେଷ୍ଠ ଦୃଷ୍ଟାନ୍ତୟୁରୋପୀୟ ଦେଶ ଜର୍ମାନୀ, ଫ୍ରାନ୍ସ ଏବଂ ଏସୀୟ ଦେଶ ଜାପାନରେ ଦେଖିବାକୁ ମିଳେ। ଭାରତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ପ୍ରଣୟନ ହୋଇଥିବା ରାଷ୍ଟ୍ରୀୟ ଶିକ୍ଷା ନୀତି-୨୦୨୦(ଏନଇପି)ଅନୁସାରେ ଆମ ଦେଶର ଶିକ୍ଷା ବ୍ୟବସ୍ଥାକୁ ମାତୃଭାଷା ଆଧାରିତ କରିବା ଆବଶ୍ୟକ। ସୂଚନାଯୋଗ୍ୟ, ଏହି କାର୍ଯ୍ୟକ୍ରମରେ ଏଆଇସିଟିଇର ଅଧକ୍ଷ ପ୍ରଫେସର ଅନୀଲ ସହସ୍ରବୁଦ୍ଧେ, ଅବସରପ୍ରାପ୍ତରାଷ୍ଟ୍ରଦୂତ ତଥା ଆଇଓଏସଆରର ଅଧକ୍ଷ ଶ୍ରୀଯୁକ୍ତ ଅବସର ବେଉରିଆ, ଆଇଆଇଟି ଖଡଗପୁରର ନିର୍ଦ୍ଦେଶକପ୍ରଫେସର ବୀରେନ୍ଦ୍ର କୁମାର ତିୱାରୀ, ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଆର.ଭି ରାଜକୁମାର, ଏଆଇସିଟିଇର ପରିଷଦର ମୁଖ୍ୟ ସଂଯୋଜକ ବୁଦ୍ଧ ଚନ୍ଦ୍ରଶେଖର,ଆଇଓଏସଆରର ସଦସ୍ୟ ସଚିବ ଡ଼ାକ୍ତର ସୁବ୍ରତ ପୃଷ୍ଟି ପ୍ରମୁଖ ଯୋଗଦେଇଥିଲେ।




## APPOINTMENT

ପର୍ଯ୍ୟବେକ୍ଷକ PARYABEKHYAK
Visit at:- www.pabitramohansamantaray.in
THE KALINGA CHRONICLE
Popular people's Daily of Odisha

**Paryabekhyak** and **The Kalinga Chronicle** Group need

1. **DTP Operator & Layout designer** (English and Odiya)
   2-5 years experience in **Photoshop** and **Coreldraw**
2. **Accountant**
   B. Com. with knowledge in latest Tally version
3. **Advertisement Executive**
   2-5 years experience in Sale, Advertisement and Space Marketing
4. **Reporters** in Block, Sub-division & District level
   Minimum Graduate with 2-5 years experiences in fieled reporting
   (Diploma/Degree in Journalism preferred)

Send your bio-data within 15 days on email id:
**paryabekhyak@gmail.com**
**kalingachronicle@gmail.com**
**Whatsapp on: 9853400829**
**Visit at : www.paryabekhyak.com**
**www.thekalingachronicle.com**

**Paryabekhyak Odisha & Kalinga Chronicle TV**

1. **Visual Editor**
   2 to 5 years experience (Premier and FCP)
2. **Word Press**
   Developer-cum-Social Media Manager
   2 to 5 years experience in Managing Odia and English News Website, You tube and Social Media Platform
3. **Business Development Manager** (Sales & Marketing)
   3 to 5 years experience
4. **Bulletin Producer**
   3 to 5 years experience
5. **News Reader/ Content writer/ Anchor**
6. **Reporters at Panchyat/City** (NAC & Muncipality) / Block/ Tahasil / Sub-Division/ District Level)
   2 to 3 years experience in field Reporting
   Diploma/Degree in Digital and Broadcast Journalism Prefered

Mail your resume on
**Paryabekhyak Odisha@gmail.com**
**Kalinga Chronicle TV@gmail.com**
**Whatsapp on: 9437588705**
**Visit at :www.paryabekhyakodisha.in**
**www.kalingachronicletv.in**








# ଟି ଟାଇମ୍

## ଇତିହାସରେ ଆଜି ଦିନ

ଆଜିର ଦିନରେ ବିଶ୍ୱ ଇତିହାସରେ ଅନେକ ଘଟଣା ଓ ଦୁର୍ଘଟଣାମାନ ଘଟିଛି । ବହୁ ବରପୁତ୍ର ତଥା ପ୍ରଖ୍ୟାତ କଳାକାର ମଧ୍ୟ ଆଜି ଜନ୍ମ ହୋଇଛନ୍ତି । ଆଜିର ଦିନରେ ଇତିହାସ ପୃଷ୍ଠାରେ କ'ଣକ'ଣ ଘଟଣା ଘଟିଥିଲା ଆସନ୍ତୁ ଜାଣିବା :

❖ ଓହାୟୋର କଲମ୍ବସ ନିକଟସ୍ଥ ଚିଡିଆଖାନାରେ ବନ୍ଦୀ ଅବସ୍ଥାରେ ପ୍ରଥମ ଗରିଲା କୋଲୋରା ଜନ୍ମଲାଭ କରିଥିଲା(୧୯୫୬)

❖ ଆଫଗାନିସ୍ତାନର ମଧ୍ୟବର୍ତ୍ତିକାଳୀନ ସରକାରର ମୁଖ୍ୟ ବୁରାହନୁଦ୍ଦିନ ରବ୍ବାନୀ ରାଷ୍ଟ୍ରପତି ହମିଦ କାରଜାଇଙ୍କୁ କ୍ଷମତା କ୍ଷମତା ହସ୍ତାନ୍ତର କରିଥିଲେ(୨୦୦୧)

❖ ହଡସନ ନଦୀ ଉପରେ ନିର୍ମି ତ ଲିଙ୍କନ ଟନେଲ

❖ ସର୍ବସାଧାରଣଙ୍କ ଯାତାୟତ ପାଇଁ ଖୋଲା ଯାଇଥିଲା(୧୯୩୭)

❖ ବର୍ଲିନର ବ୍ରାଣ୍ଡେନବର୍ଗ ଗେଟ ଖୋଲିଥିଲା, ଏହା ଦୀର୍ଘ ୩୦ ବର୍ଷ ପର୍ଯ୍ୟନ୍ତ ବନ୍ଦ ହୋଇ ରହିଥିଲା(୧୯୮୯)

## ପୁରାଣ କାହାଣୀ

# ରାମଙ୍କ ପିତୃସତ୍ୟ ପାଳନ



ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ବର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ । ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ । ଏହା ଶୁଣି ରାମ ଧୀର ଚିତ୍ତରେ ପିତୃ-ସତ୍ୟ ପାଳନ ନିମନ୍ତେ କିଞ୍ଚିତ ଦୁଃଖ ପ୍ରକାଶ କଲେ ନାହି । ରାମଙ୍କର ଏହି ମହନୀୟତା ହିଁ ସାରା ରାମାୟଣରେ ଅନେକ ରୂପରେ ପ୍ରକାଶିତ ହୋଇଛି । ରାମଙ୍କର ଶତ ବାରଣ ସତ୍ତ୍ୱେ,ବନବାସ ବେଳେ ରାମଙ୍କର ଅନୁସରଣ କରିବା ପାଇଁ ଦେବୀ ସୀତା ଏବଂ ଭ୍ରାତା ଲକ୍ଷ୍ମଣ ଇଚ୍ଛା ପ୍ରକାଶ କଲେ । ରାମଙ୍କର ବାରଣର ଉତ୍ତରରେ ସୀତା କହନ୍ତି, ଆପଣଙ୍କ ପାଦ ଯେଉଁ ବନପ୍ରଦେଶରେ ପଡିମ ତାହା ମୋ ପାଇଁ ଅଯୋଧ୍ୟା ଆଉ ଆପଣଙ୍କ ବିନା ଆଯୋଧ୍ୟା ମଧ୍ୟ ମୋ ପାଇଁ ନର୍କ ସଦୃଶ । ଇତି ମଧ୍ୟରେ ଭାରତ, ଟିଏ କି ମାତୃଳଙ୍କ ଗୃହକୁ ବୁଲି ଯାଥିଲେ, ଏଖବର ଶୁଣି ଗଭୀର ଦୁଃଖ ପ୍ରକାଶ କଲେ । ରାଜା ହେବାର ସୁଯୋଗ ପରିତ୍ୟାଗ କରି ସେ ଭ୍ରାତା ରାମଙ୍କୁ ଦେଖା କରିବା ପାଇଁ ସେ ବନ ଗମନ କରି ରାମଙ୍କୁ ଦେଖା କଲେ । ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ । କିନ୍ତୁ ରାମ ପିତୃ-ସତ୍ୟ ପାଳନ ନିମନ୍ତେ ସମସ୍ତ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ବନବାସ ପୂର୍ବରୁ ରାଜ୍ୟକୁ ଫେରିବାକୁ ମନା କରିଦେଲେ । ତେବେ ଏକ ବିରଳ ଭ୍ରାତୃ ଭକ୍ତିର ଉଦାହରଣ ସ୍ୱରୂପ ଭରତ ଭ୍ରାତା ରାମଙ୍କ କଠଉ ଯୋଡିକ ମସ୍ତକରେ ଧାରଣ ପୂର୍ବକ ଫେରି ଆସିଲେ ଏବଂ ସିଂହାସନରେ ରାମଙ୍କ କଠଉ ସ୍ଥାପନ ପୂର୍ବକ ରାମଙ୍କ ପ୍ରତିନିଧି ଭାବରେ ରାଜ୍ୟ ଶାସନ କରିବାକୁ ଲାଗିଲେ ।

## ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ । ଆନୁଷ୍ଠାନିକ କାମରେ ସଫଳତା ପାଇବେ । ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ । ପରିବହନରେ ଉନ୍ନତି କରିବେ । ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ । ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି । ସ୍ଥଗିତ କାମକୁ ତ୍ୱରାନିତ କରିବେ । ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ । ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି ।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି । ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ । ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ । ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶ୍ରୁତି ପାଇ ଆସ୍ୱସ୍ତି ଅନୁଭବ କରିବେ । ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ । ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ । କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି । ବକେୟା ଟଙ୍କା ମିଳିବାର ଯୋଗ ରହିଛି । ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ । ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ । ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ । ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ । ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ । ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ । ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ । ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ । ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ । ଶାରୀରିକ ଅସୁସ୍ଥତା ଫେରି ପାଇବ । ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ । ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ମହିଳାଙ୍କ ମନୋବଳ ଦୃଢ଼ ରହିବ ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ । ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ । ମହିଳାମାନେ ଅଶାନ୍ତି ରହିବେ ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ । ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ । ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ । ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ । ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ । ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ ।

## ପଲ୍ଲୀ କବି ନନ୍ଦ କିଶୋର ବଳ



ଓଡିଶା ସାହିତ୍ୟର ପ୍ରାକ୍- ଆଧୁନିକ କାଳରେ ଜଣେ କବି ଥିଲେ । ସେ ଓଡିଶାର ପୁରପଲ୍ଲୀ ଉପରେ କାବ୍ୟ ରଚନା କରିଥିବାରୁ ତାଙ୍କୁ ପଲ୍ଲୀ କବି ବୋଲି ସମ୍ବୋଧନ କରାଯାଏ । ସେ ଓଡିଶାର କଟକ ଜିଲ୍ଲା ଅନ୍ତର୍ଗତ କୁସୁପୁର ଗାଆଁରେ ଜନ୍ମଗ୍ରହଣ କରିଥିଲେ । ପିତାଙ୍କ ନାମ ଥିଲା ଭଜନାନନ୍ଦ ଜେନା ଓ ମାତାଙ୍କର ନାମ ହିରଣ୍ମୟୀ ଦେବୀ । ଶୈଶବରେ ସେ "ରସାନନ୍ଦ ଜେନା" ନାମରେ ପରିଚିତ ଥିଲେ । ପିଉସୀ ପୋଷ୍ୟପୁତ୍ର କରିନେବା ପରେ ସେ ନନ୍ଦକିଶୋର ବଳ ଭାବରେ ପରିଚିତ ହେଲେ । ବାଲ୍ୟ ଜୀବନ କୁସୁପୁରରେ ହିଁ କଟିଥିଲା । ଗାଁ ସ୍କୁଲରୁ ଆରମ୍ଭ କରି, ସେ କଟକ ଟାଉନ ସ୍କୁଲ, ରେଭେନ୍ସା କଲିଜିଏଟ ସ୍କୁଲ, କେନ୍ଦ୍ରାପଡା ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ରେଭେନ୍ସା ମହାବିଦ୍ୟାଳୟରେ ଶିକ୍ଷାଲାଭ କରିଥିଲେ । ଭକ୍ତି କବି ବଧୁସୂଦନ ରାଓଙ୍କ ଦ୍ୱାରା ପ୍ରତିଷ୍ଠିତ କଟକରେ ଟାଉନ ସ୍କୁଲରୁ ନନ୍ଦ କିଶୋର ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ । କିଛି ବର୍ଷ ପରେ, ସେ ସ୍କୁଲ ସବ୍ଇନସିପେକ୍ଟର ଭାବେ ପଦୋନ୍ନତି ପାଉଥିଲେ । ଏହି ଚାକିରିରେ ବାରମ୍ବାର ଗସ୍ତ ଓ ବଦଳି ଯୋଗୁଁ ତାଙ୍କ ଦେହ ଖରାପ ହେଉଥିଲା । ଏହି କାରଣରୁ ସେ ସ୍ୱେଚ୍ଛାକୃତ ଅବସର ନେଇ ଗାଁରେ ରହିବାକୁ ସ୍ଥିର କରିଥିଲେ । କିନ୍ତୁ ଚିକିତ୍ସା ପାଇଁ ତାଙ୍କୁ ପୁନର୍ବାର କଟକ ଆସିବାକୁ ପଡିଥିଲା । ୧୯୨୮ ମସିହା ଜୁଲାଇ ୧ ତାରିଖରେ ଇହଲିଳା ସମ୍ବରଣ କରିଥିଲେ । ରଚନାବଳୀନନ୍ଦ କିଶୋର, କଲେଜରେ ପଢ଼ିଲା ବେଳୁହିଁ ପ୍ରବନ୍ଧ ଲେଖିବା ଆରମ୍ଭ କରିଥିଲେ । ନିଜର ପ୍ରଥମ ପ୍ରଥମ ପ୍ରବନ୍ଧକୁ ସେ "ପଲ୍ଲୀ ଚିତ୍ର" ନାମରେ କବିତାର ରୂପ ଦେଇଥିଲେ । ତାଙ୍କର ରଚନାବଳୀରେ ପଲ୍ଲୀ ପ୍ରକୃତିର ସୁନ୍ଦର ବର୍ଣ୍ଣନା ଫୁଟିଉଠିଥାଏ । ପିଲାମାନଙ୍କ ପାଇଁ ତାଙ୍କଦ୍ୱାରା ରଚିତ "ନାନା ବାୟା ଗୀତ" ଓଡିଶାର ପୁରପଲ୍ଲିରେ ବେଶ୍ ପ୍ରଚଳିତ । ସେ ୧୦୦ରୁ ଅଧିକ ସନେଟ ମଧ୍ୟ ଲେଖିଛନ୍ତି । ତାଙ୍କର ସନେଟ ଗୁଡିକ ପ୍ରକୃତି ଓ ଜନଜୀବନର ଛବିରେ ପୁଷ୍ଟ । ୧୯୨୫ରେ ସେ କନକଲତା (ଉପନ୍ୟାସ) ନାମରେ ଉପନ୍ୟାସଟିଏ ମଧ୍ୟ ରଚିଯାଇଛନ୍ତି ।

## ରଣବୀର-କ୍ୟାଟ୍ରିନାଙ୍କୁ ନେଇ ଚର୍ଚ୍ଚା



ରଣବୀର କପୁର ଓ କ୍ୟାଟ୍ରିନା କୈଫଙ୍କ ଅଭିନୀତ ଫିଲ୍ମ 'ଜଗା ଜାସୁସ୍'ର ପ୍ରଥମ ପୋଷ୍ଟର ରିଲିଜ କରାଯାଇଛି । ୟୁଟିଭି ମୋଶନ ପିକଚର୍ସର ଟ୍ୱିଟରରେ ଏହି ପୋଷ୍ଟର ରିଲିଜ କରାଯାଇଛି । ଯେଉଁଥିରେ ଉଭୟ ରଣବୀର ଓ କ୍ୟାଟ୍ରିନାଙ୍କୁ ଓଟପକ୍ଷୀ ଉପରେ ବସି ଯାଉଥିବାର ଦେଖିବାକୁ ମିଳିଛି । ଦୁଇଜଣଙ୍କ ଲୁକ୍ ମଧ୍ୟ ଖୁବ୍ ମଜାଳିଆ ହୋଇଛି । ଯାହାକୁ ଦେଖିବା ପରେ ଫିଲ୍ମ ରିଲିଜର ଅପେକ୍ଷାରେ ରହିଛନ୍ତି ଦର୍ଶକ । ଫିଲ୍ମକୁ ନେଇ ବ୍ୟଗ୍ରତାର ଅନ୍ୟ ଏକ କାରଣ ହେଉଛି ବ୍ରେକଅପ୍ ପରେ ପୁଣିଥରେ ରଣବୀର ଓ କ୍ୟାଟ୍ରିନାଙ୍କୁ ଏଥିରେ ଏକାଠି ଦେଖିବାକୁ ମିଳିବ । ଯାହା ସେମାନଙ୍କ ପ୍ରଶଂସକଙ୍କ ପାଇଁ ଖୁସିର ମୁହୂର୍ତ୍ତ । ତେବେ ଅନୁରାଗ ବସୁଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ଚଳିତ ବର୍ଷ ୨୭ ନଭେମ୍ବରରେ ରିଲିଜ କରାଯାଇଥା'ନ୍ତା । ମାତ୍ର ରଣବୀର ଓ କ୍ୟାଟ୍ରିନାଙ୍କ ବ୍ରେକଅପ୍ ଏବଂ ଦୁଇଜଣଙ୍କ ବ୍ୟସ୍ତ ସିଡ୍ୟୁଲକୁ ନେଇ ଫିଲ୍ମଟି ନିର୍ଦ୍ଧାରିତ ସମୟରେ ଶେଷ ହୋଇପାରିନଥିଲା । ତେଣୁ ଏହାର ରିଲିଜ ଡେଟ୍‌କୁ ଘୁଞ୍ଚାଯାଇ ଆସନ୍ତା ବର୍ଷ ଅପ୍ରେଲ ୭ ତାରିଖକୁ ରଖାଯାଇଛି ।

## ଉଚ୍ଚ ରକ୍ତଚାପରୁ ରକ୍ଷା କରିବ ଗଭୀର ନିଃଶ୍ୱାସ



ଶରୀରରେ ଯେକୌଣସି ରୋଗର ଉପସ୍ଥିତି ଅଧିକାଂଶ ଲୋକଙ୍କୁ ବହୁତ ଡେରିରେ ଜଣା ପଡ଼ିଥାଏ । ସେଭଳି ଏକ ରୋଗ ହେଉଛି ଉଚ୍ଚ ରକ୍ତଚାପ । ଉଚ୍ଚ ରକ୍ତଚାପକୁ ସାଇଲେଣ୍ଟ କିଲର କୁହାଯାଏ । ଯଦି ଆପଣ ସେଭଳି ସ୍ଥିତିରେ ଗତି କରୁଛନ୍ତି ଓ ଔଷଧପତ୍ର ଖାଇବା ଝାମେଲାରୁ ମୁକୁଳିବାକୁ ଚାହୁଁଛନ୍ତି ତେବେ ଆପଣ ଆପଣଙ୍କ ଲାଇଫ ଷ୍ଟାଇଲକୁ ବଦଳାନ୍ତୁ । ଦୀର୍ଘ ଶ୍ୱାସକ୍ରିୟାରେ ଆରାମ-କିଛି ବ୍ୟକ୍ତିଙ୍କର ରକ୍ତଚାପ ସନ୍ଧ୍ୟା ତୁଳନାରେ ସକାଳ ସମୟରେ ଅଧିକ ଥାଏ । ଏହାର କାରଣ ରାତିରେ ଅମ୍ଳଜାନର ଅଭାବ । ବିପି ନିୟନ୍ତ୍ରଣ ରଖିବା ପାଇଁ ଅମ୍ଳଜାନର ମୁଖ୍ୟ ଭୂମିକା ରହିଛି । ଏଥିପାଇଁ ଦିନବେଳେ ଶାନ୍ତ ପରିବେଶରେ ବସି ୧୦ ରୁ ୧୫ ଥର ପେଟ ଭିତରୁ ଦୀର୍ଘ ନିଃଶ୍ୱାସ ନେବା ଉଚିତ୍ । ଏସ୍ଏମ୍ଏସ୍ ଡାକ୍ତରଖାନାର ଫିଜିସିଆନ୍ ଡା. ସି.ଏଲ୍.ନବଲଙ୍କ କହିବା ଅନୁସାରେ ଗଭୀର ନିଃଶ୍ୱାସ ପ୍ରଶ୍ୱାସ ନେଲେ ଶରୀରରେ ଅମ୍ଳଜାନ ଓ ରକ୍ତ ସଞ୍ଚାଳନ ସୁଚାରୁ ରୂପେ ହୋଇଥାଏ । ତା'ସହିତ ମାନସିକ ରୂପରେ ଶାନ୍ତି ମିଳିଥାଏ ।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଢଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ବିଲେଇକୁ ମିଳୁଛି ସରକାରୀ ଚାକିରି, ମୋଟା ଦରମା



ଲଣ୍ଡନ ଗୋଟିଏ ପଟେ ଦେଶରେ ବେରୋଜଗାରୀ ସମସ୍ୟା ବୃଦ୍ଧି ପାଉଥିଲା ବେଳେ ଅନ୍ୟପଟେ ଏଠି ବିଲେଇକୁ ପ୍ରଦାନ କରାଯାଉଛି ସରକାରୀ ଚାକିରି ଏବଂ ଚାକିରି ବାବଦରେ ମିଳୁଛି ମୋଟା ଦରମା । ନିକଟରେ ଦେଶର କ୍ୟାବିନେଟ୍ ଦୁଇ ବିଲେଇକୁ ସରକାରୀ ନିଯୁକ୍ତି ପାଇଁ ମଞ୍ଜୁର ଦେଇଛି । ଇବି ଏବଂ ଓସି ନାମକ ଏହି ଦୁଇ ବିଲେଇ ଏବେ ବ୍ରିଟିସ ସରକାରଙ୍କ କ୍ୟାବିନେଟ୍ କାର୍ଯ୍ୟାଳୟରେ ଚାକିରି କରୁଛନ୍ତି । ବିଲେଇଙ୍କୁ ନିଯୁକ୍ତି ଦିଆଯିବା ପୂର୍ବରୁ ବିଧିବଦ୍ଧ ଭାବେ ବିଜ୍ଞାପନ ଦିଆଯାଇଥିଲା । ବିଜ୍ଞାପନରେ ସେମାନଙ୍କର ଯୋଗ୍ୟତା ସହ ବାୟୋଡାଟା ମଧ୍ୟ ମଗାଯାଇଥିଲା । ଏହି ନିଯୁକ୍ତି ପାଇଁ ଅନେକ ଆବେଦନ ପତ୍ର ମିଳିଥିଲା ବେଳେ ଦକ୍ଷତାକୁ ଦୃଷ୍ଟିରେ ରଖି ଦୁଇ ବିଲେଇଙ୍କୁ ନିଯୁକ୍ତି ଦିଆଯାଇଛି । ଏମାନଙ୍କର ଦାୟିତ୍ୱ ହେଉଛି କ୍ୟାବିନେଟ୍ କାର୍ଯ୍ୟାଳୟରୁ ମୂଷା ମାରିବା । ଗତକିଛି ବର୍ଷ ଧରି ଏଠାର କ୍ୟାବିନେଟ୍ କାର୍ଯ୍ୟାଳୟରେ ମୂଷାଙ୍କ ଉତ୍ପାତ ବୃଦ୍ଧି ପାଉଥିଲା ବେଳେ ସେମାନଙ୍କ ଦ୍ୱାରା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନଷ୍ଟ ହେବାରେ ଲାଗିଛି । ଯେଉଁ କାରଣରୁ ସରକାର ବାଧ୍ୟରେ ମୂଷା ନିୟନ୍ତ୍ରଣ ପାଇଁ ବିଲେଇ ନିଯୁକ୍ତି ଦେଇଛନ୍ତି ।

## ଶୀତ ଋତୁରେ ରୋଗ ବେଶୀ



ଶୀତଋତୁ ଆସିଲେ ବିଭିନ୍ନ ପ୍ରକାର ରୋଗ ମଧ୍ୟ ସାଙ୍ଗରେ ଆଣି ଆସିଥାଏ । ଯେପରି ଥଣ୍ଡା, ସଂକ୍ରମଣ, ତ୍ୱଚା ଫାଟିବା ଇତ୍ୟାଦି । କେତେକ ଲୋକଙ୍କର ଭାବନା ରହିଥାଏ କି ସନସ୍କ୍ରିନ୍‌ର ପ୍ରୟୋଗ କେବଳ ଗ୍ରୀଷ୍ମ ଦିନମାନଙ୍କରେ କରାଯାଇଥାଏ କିନ୍ତୁ ଏପରି ଭାବିବା ସମ୍ପୂର୍ଣ୍ଣ ରୂପେ ଭୁଲ୍ । ଥଣ୍ଡା ଦିନମାନଙ୍କରେ ସୂର୍ଯ୍ୟ ଭୂପୃଷ୍ଠର ସବୁଠାରୁ ନିକଟତର ହୋଇଥାନ୍ତି । ଏଥିପାଇଁ ସୂର୍ଯ୍ୟଙ୍କ କିରଣ ଅଧିକ କ୍ଷତି ପହଞ୍ଚାଇଥାଏ । ଥଣ୍ଡା ଦିନମାନଙ୍କରେ କସରତ କରିବା କ୍ଷତିକାର ହୋଇପାରେ । ଏପରି ଭାବିବା ବିଲ୍‌କୁଲ୍ ଭୁଲ୍ । ବାସ୍ ଏହି କଥାର ଧ୍ୟାନ ରଖନ୍ତୁ କି ବାହାରକୁ ବାହାରିବା ପୂର୍ବରୁ ନିଜକୁ ଥଣ୍ଡାରୁ ବଞ୍ଚେଇବାର ସମସ୍ତ ଉପାୟକୁ ସାଙ୍ଗରେ ଧରି ଯାଆନ୍ତୁ । ଥଣ୍ଡା ଦିନମାନଙ୍କରେ ମଦ୍ୟପାନ କରିବା ଦ୍ୱାରା ଶରୀର ଗରମ ପହଞ୍ଚାଇଥାଏ ବୋଲି ଅନେକଙ୍କର ଭାବନା ରହିଥାଏ । କିନ୍ତୁ ବାସ୍ତବରେ ଏହା ଅଳ୍ପ କିଛି ସମୟ ପାଇଁ ଆପଣଙ୍କ ଶରୀରକୁ ଗରମ ରଖିଥାଏ । ଲମ୍ବା ସମୟ ପର୍ଯ୍ୟନ୍ତ ଏହା କାମ କରିନଥାଏ । ଅଧିକ ସମୟ ପର୍ଯ୍ୟନ୍ତ ଥଣ୍ଡାରେ ଘରଠୁ ବାହାରେ ରହିବା ଦ୍ୱାରା ରୋଗ ଆକ୍ରାନ୍ତ ହେବାର ଆଶଙ୍କା ଅଧିକ ରହିଥାଏ । ଏପରି ବିଲ୍‌କୁଲ୍ ନୁହେଁ । ଏହି ମୌସୁମୀରେ ଥଣ୍ଡା, କାଶ, କେବଳ ବ୍ୟାକ୍ଟେରିୟା ଏବଂ ସଂକ୍ରମଣ କାରଣରୁ ହିଁ ହୋଇଥାଏ । ଥଣ୍ଡା ମୌସୁମିରେ ଅଧିକ ଚିନ୍ତା ରହିଥାଏ । ଭିଟାମିନ୍ ସି ଇମ୍ୟୁନିଟିକୁ ବଢେଇଥାଏ ଏବଂ ଥଣ୍ଡା ଦିନମାନଙ୍କରେ ହେଉଥିବା ରୋଗ ମାନଙ୍କଠାରୁ ବଞ୍ଚେଇଥାଏ ।




# ଗାଳ୍ପିକ ଧ୍ରୁବଚରଣ ପାତ୍ରଙ୍କ 'ଅନ୍ୟ ଏକ ଯଶୋଦା' ଓ ଗାଳ୍ପିକ ପ୍ରଦିପ ଦାସଙ୍କ 'ଅଭିହତ ଅଭିଳାଷ' ଗଳ୍ପ ପୁସ୍ତକ ଉନ୍ମୋଚିତ



କେନ୍ଦ୍ରାପଡ଼ା (ପିଏନ୍): ଇନ୍ଦୁପୁର ହାଇସ୍କୁଲ ପୁରାତନ ଛାତ୍ର ସଂସଦ ଓ ଚାରିଗାଁ ଜଗନ୍ନାଥ ପୂଜ୍ୟ ପୂଜା ସଂସଦ ଆନୁକୂଲ୍ୟରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ଗାଳ୍ପିକ ଧ୍ରୁବଚରଣ ପାତ୍ରଙ୍କ ଦ୍ୱାରା ଲିଖିତ ଗଳ୍ପ ପୁସ୍ତକ "ଅନ୍ୟ ଏକ ଯଶୋଦା ଏବଂ ଅନ୍ୟାନ୍ୟ ଗଳ୍ପ" ଓ ଯୁବ ଗାଳ୍ପିକ ପ୍ରଦୀପ ଦାସଙ୍କ ଦ୍ୱାରା ଲିଖିତ "ଅଭିହତ ଅଭିଳାଷ" ଗଳ୍ପ ପୁସ୍ତକ ଚାରିଗାଁ ପୂଜା ପଡିଆରେ ଅନୁଷ୍ଠିତ ଉତ୍ସବରେ ଉନ୍ମୋଚିତ ହୋଇଯାଇଛି । ପ୍ରଫେସର ଡକ୍ଟର ବୈଷ୍ଣବ ଚରଣ ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ମନ୍ତ୍ରୀ ଗଣେଶ୍ୱର ବେହେରା, ମୁଖ୍ୟ ବକ୍ତା ଭାବେ ଓଡିଆ ବିଭାଗର ପ୍ରାଧ୍ୟାପକ ଡଃ. ଗିରିଶ ଚନ୍ଦ୍ର ସାହୁ, ଅନ୍ୟତମ ଅତିଥି ଭାବେ ପ୍ରାକ୍ତନ ଅଧକ୍ଷ ପ୍ରଫେସର ନନ୍ଦ କିଶୋର ପରିଡ଼ା, କେନ୍ଦ୍ରାପଡା ଜିଲ୍ଲା ସାହିତ୍ୟ ସଂସଦ ସଭାପତି ଡଃ. ବାସୁଦେବ ଦାସ, ଇନ୍ଦୁପୁର ହାଇସ୍କୁଲ ପୁରାତନ ଛାତ୍ର ସଂସଦ ସମ୍ପାଦକ ଶିକ୍ଷାବିତ୍ ପ୍ରଣବ କୁମାର ଜେନା ପ୍ରମୁଖ ଯୋଗଦେଇ ଗଳ୍ପ ପୁସ୍ତକ ଦ୍ୱୟରେ ସାମାଜିକ ଜୀବନର ପ୍ରତିଛବି ପରିଲିଖିତ ହୋଇଛି ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ପର୍ଶୁରାମ ସ୍ୱାଇଁ, ଡଃ. ସଂଗ୍ରାମ କେଶରୀ ରାଉତ, ଦେବେନ୍ଦ୍ର କୁମାର ରାଉତ, ଅଭିମନ୍ୟୁ ସାହୁ, ବ୍ରଜ କିଶୋର ପତି, ଭାଗିରଥି ସାହୁ, ସାମାଜିକ କର୍ମୀ ଡଃ. ଗଦାଧର ମଲ୍ଲିକ, ମହାକାଳପଡା ବିକାଶ ମଞ୍ଚ ସଭାପତି ତଥା ପରିବେଶବିତ୍ କାଶିନାଥ ରାଉତରାୟ ପ୍ରମୁଖ ଯୋଗଦେଇ ଗଳ୍ପ ପୁସ୍ତକ ଉପରେ ଆଲୋକପାତ କରିଥିଲେ । ପ୍ରାରମ୍ଭରେ ପ୍ରାଧ୍ୟାପକ ଡଃ. ଗିରିଶ ଚନ୍ଦ୍ର ପାତ୍ର ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ । ଇନ୍ଦୁପୁର ହାଇସ୍କୁଲ ପୁରାତନ ଛାତ୍ର ସଂସଦ ଓ ମହାକାଳପଡା ବିକାଶ ମଞ୍ଚ ପକ୍ଷରୁ ଗାଳ୍ପିକ ଦ୍ୱୟଙ୍କୁ ସମ୍ମାନୀତ କରାଯାଇଥିଲା । ପରିବଶବିତ୍ ବେଣୁଧର ନାୟକ ପୂଜା ପଡିଆରେ ଝାଉଁ ଓ କୃଷ୍ଣଚୁଡା ଗଛର ଚାରା ରୋପଣ କରିଥିଲେ । ଶେଷରେ ଅଧାପକ ଶରତ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଛାନୁଆ ପଞ୍ଚାୟତରେ ଅନୁଷ୍ଠିତ ହେଲା ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ

ବାଲେଶ୍ୱର (ପିଏନ୍)-ଓଡିଆ ଜାତିର ସ୍ୱାଭିମାନର ପ୍ରତୀକ ତଥା ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ସ୍ୱରୂପ ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜନ୍ମ ଜୟନ୍ତୀ ଅବସରରେ ବାଲେଶ୍ୱର ସଦର ବିଜେପି ପକ୍ଷରୁ ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଛାନୁଆ ପଞ୍ଚାୟତଠାରେ ରାଜ୍ୟ ଯୁବମୋର୍ଚ୍ଚା ଉପସଭାପତି ତଥା ସଦର ନେତା ମାନସ କୁମାର ଦତ୍ତଙ୍କ ନେତୃତ୍ୱରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ଏହି ଅଭିଯାନରେ ପଞ୍ଚାୟତର ଶହ ଶହ ଲୋକ ସାମିଲ ହୋଇଥିଲେ । ସ୍ୱଚ୍ଛତା ହିଁ ସେବା । ବର୍ତ୍ତମାନ ୧ ଅକ୍ଟୋବରରୁ ୩୧ ଅକ୍ଟୋବର ପର୍ଯ୍ୟନ୍ତ କେନ୍ଦ୍ର ସରକାରଙ୍କ ପକ୍ଷରୁ କ୍ଲିନ ଇଣ୍ଡିଆ କାର୍ଯ୍ୟକ୍ରମ ଚାଲୁରହିଛି । ସ୍ୱଚ୍ଛତା ଅଭିଯାନରେ ନିଜର ଯୋଗଦାନ ଦିଅନ୍ତୁ ଏବଂ ପ୍ରକୃତି ସେବାରେ ନିଜକୁ ନିୟୋଜିତ କରି ଆଗାମୀ ପିଢୀ ପାଇଁ ଉଦାହରଣ ସୃଷ୍ଟି କରନ୍ତୁ ବୋଲି ଶ୍ରୀ ଦତ୍ତ ଆହ୍ୱାନ କରିବା ସଙ୍ଗେସଙ୍ଗେ ନିଜ ଆଖପାଖ ପରିବେଶକୁ ସଦାସର୍ବଦା ସ୍ୱଚ୍ଛ ଓ ନିର୍ମଳ ରଖିବା ପାଇଁ ଅନୁରୋଧ କରିଛନ୍ତି । ପରେ କୁରାଡିହା ପଞ୍ଚାୟତ ଅନ୍ତର୍ଗତ ଗୋପବନ୍ଧୁ ଛକ ଠାରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିକୁ ସଫା କରାଯାଇଥିଲା । ସେଠାରେ ଉପସ୍ଥିତ ବରିଷ୍ଠ ନେତୃଗଣ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ସ୍ମୃତିଚାରଣ କରିଥିଲେ । ଆଧୁନିକ ଯୁଗର ପଞ୍ଚସଖା ମାନଙ୍କ ମଧ୍ୟରେ ସେ ଥିଲେ ଅନ୍ୟତମ । ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନରେ ତାଙ୍କ ଯୋଗଦାନ ସର୍ବଦା ଅତୁଳନୀୟ ହୋଇରହିବ । ତାଙ୍କ ଦ୍ୱାରା ସାକ୍ଷୀଗୋପାଳର ବକୁଳ ବନରେ ଆରମ୍ଭ କରାଯାଇଥିବା ସତ୍ୟବାଦୀ ବିଦ୍ୟାଳୟ ଓଡିଆଙ୍କ ମନରେ ଜାତୀୟତା ଭାବନା ଉଦ୍ରେକ କରିବାରେ ଥିଲା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଅନ୍ୟମାନଙ୍କ ମଧ୍ୟରେ ମଣ୍ଡଳ ସଭାପତି ବିଜୟ ଦାସ, ଯୁବନେତା ଲୋକନାଥ ଭୂୟାଁ, ମଣ୍ଡଳ ସାଧାରଣ ସମ୍ପାଦକ କାର୍ତ୍ତିକ ପ୍ରଧାନ, ଛାନୁଆ ପଞ୍ଚାୟତ ସଭାପତି ଭାଗ୍ୟଧର ଦାସ, କୁରାଡିହା ପଞ୍ଚାୟତ ସଭାପତି ସଦାଶିବ ଜେନା, ବରିଷ୍ଠ ନେତା ସୁରେନ୍ଦ୍ର ପାତ୍ର, ରତ୍ନାକର ବେହେରା, ପ୍ରଫୁଲ୍ଲ ନାୟକ, କୁନା ମୁଖୀ, ଇଶ୍ୱର ବାରିକ, ମହେଶ୍ୱର ଦାସ, ଶଶିକାନ୍ତ ମିଶ୍ର, ସନ୍ତୋଷ ଦାସ, ବରେନ୍ଦ୍ର ପ୍ରଧାନ, ଗଙ୍ଗାଧର ସାହୁ, ରାମଚନ୍ଦ୍ର ମହାନ୍ତି, ପୁରୁଷୋତ୍ତମ ଦାସ, ଚନ୍ଦନ ନାୟକ, ଗଜେନ୍ଦ୍ର ମହାଳିକ, ବିକାସ ଦାସ, ଘନଶ୍ୟାମ ମାଝୀ, ଶଙ୍କର୍ଷଣ ଦାସ, ବାଙ୍କବିହାରୀ ଦାସ, ବଳରାମ ଜେନା, ପୂର୍ଣ୍ଣଚନ୍ଦ୍ର ବେହେରା, ପବନ କମିଲା, ସତ୍ୟରଂଜନ ବାରିକ, ରାଜେନ୍ଦ୍ର ବାରିକ, ବିକର୍ତ୍ତନ ଦାସ, ଧୀରଜ ପ୍ରଧାନ, ବବଲୁ ମିଶ୍ର ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

## ଉତ୍କଳମଣୀ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ

ଯାଜପୁର (ପିଏନ୍): ବରଜା ଉଚ୍ଚ ବିଦ୍ୟାଳୟ ପରିସରରେ ଅନନ୍ୟା ସାହିତ୍ୟ ସଂସଦ ଓ ଗୋପବନ୍ଧୁ ସାଂସ୍କୃତିକ ସଂସଦ ମିଳିତ ଆନୁକୂଲ୍ୟରେ ପୁଣ୍ୟାତ୍ମା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ସନ୍ତୋଷ କୁମାର ନନ୍ଦଙ୍କ ଅଧକ୍ଷତାରେ ପାଳିତ ହୋଇଯାଇଛି । ସଭାର ଆରମ୍ଭରେ ପ୍ରଥମେ ମା' ବିରଜା ଓ ପୁଣ୍ୟାତ୍ମା ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ଧୂପ, ଦୀପ ଦାନ କରାଯାଇଥିଲା । ମୁଖ୍ୟ ଅତିଥିଭାବରେ ପ୍ରାକ୍ତନ ପ୍ରଧାନଶିକ୍ଷକ ତଥା ଶିକ୍ଷାବିତ୍ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଶ୍ରୀଯୁକ୍ତ ବିଶ୍ୱମ୍ଭର ମିଶ୍ର ତାଙ୍କ ଭାଷଣରେ ପୁଣ୍ୟାତ୍ମାଙ୍କ ତ୍ୟାଗପୂତ ଜୀବନୀ ସମ୍ପର୍କରେ ଆଲୋଚନା କରିଥିଲେ । ଅନନ୍ୟାର ସମ୍ପାଦକ ଡଃ କାହ୍ନୁଚରଣ ମିଶ୍ର ଗୋପବନ୍ଧୁଙ୍କର ସାହିତ୍ୟ ଶୃତି ଓ ସମାଜପ୍ରତି ତାଙ୍କର ଅବଦାନକୁ ଆଲୋଚନା କରିଥିଲେ । କବୟିତ୍ରୀ ଲକ୍ଷ୍ମୀପ୍ରିୟା ରାଉତରା ସ୍ୱରଚିତ କବିତା ପାଠ କରିଥିଲେ । ଗୋପବନ୍ଧୁ ସାଂସ୍କୃତିକ ସଂସଦ ଅଧକ୍ଷ ତଥା ମୂର୍ତ୍ତି ପ୍ରତିଷ୍ଠାତା ପାଣ୍ଡବ ଚରଣ ସାହୁ ପରିଚାଳନା ସହିତ ଧନ୍ୟବାଦ ପ୍ରଦାନ କରିଥିଲେ । ଆଇନଜୀବୀ ଜିତେନ୍ଦ୍ର ବେହେରା ଓ ଉଚ୍ଚବିଦ୍ୟାଳୟର ବରିଷ୍ଠ ଶିକ୍ଷକ ନିରଞ୍ଜନ କୁମାର ସ୍ୱାଇଁ, ସୁପ୍ରଭା ନାୟକ, ପ୍ରଦୀପ୍ତ କୁମାର ଧଳ, ଲକ୍ଷ୍ମୀପ୍ରିୟା ମହାପାତ୍ର, ମୃତ୍ୟୁଞ୍ଜୟ ନାୟକ, ଦେବାଶିଷ ମିଶ୍ର,ପ୍ରଶାନ୍ତ କୁମାର ସନ୍ଧିବିଗ୍ରହ, ଅଳକାନନ୍ଦା ଦାସ, ଶ୍ରୀକାନ୍ତ କୁମାର ବେହେରା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ ।

## ମହଙ୍ଗା ଭତ୍ତା ବୃଦ୍ଧି ପରେ ଚୁକ୍ତି ଭିତ୍ତିକ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି



କେନ୍ଦ୍ରାପଡ଼ା (ପିଏନ୍): ଦୀର୍ଘବର୍ଷ ଧରି ବିଭିନ୍ନ ପର୍ଯ୍ୟାୟରେ ଆନ୍ଦୋଳନ ଚଳାଇଥିବା ଓଡିଶା ଚୁକ୍ତିଭିତ୍ତିକ କର୍ମଚାରୀ ମହାସଙ୍ଘର ଦାବିକୁ ସମ୍ମାନ ଜଣାଇ ସଙ୍ଘର ପ୍ରତିନିଧିମାନଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ତାଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଭି.କେ. ପାଣ୍ଡିଆନ, ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ଡଃ. ଅରୁଣ କୁମାର ସାହୁଙ୍କ ଉପସ୍ଥିତିରେ ବିଶଦ ଆଲୋଚନା କରାଯାଇଥିଲା । ଏହି କର୍ମଚାରୀମାନଙ୍କୁ ଗତ ୨୦୧୬ ମସିହା ଜାନୁଆରୀ ମାସ ପହିଲାଠାରୁ ବେତନ ବୃଦ୍ଧି, ଠିକା ନିଯୁକ୍ତି ସମୟକୁ ଚାକିରୀ ସମୟ ଭାବେ ଗଣତି ସହ ଏହି ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଉଚ୍ଛେଦ ପାଇଁ ସଙ୍ଘ ପକ୍ଷରୁ ବଳିଷ୍ଠ ଯୁକ୍ତି ଉପସ୍ଥାପନା କରାଯାଇଥିଲା । ସଙ୍ଘ ପ୍ରତିନିଧିଙ୍କ ଦାବି ଯୁକ୍ତିଯୁକ୍ତ ବୋଲି ୫-ଟି ସଚିବ କହିବା ସହ ଖୁବ ଶୀଘ୍ର ମୁଖ୍ୟମନ୍ତ୍ରୀ ଏସମ୍ପର୍କରେ ନିଷ୍ପତ୍ତି ନେବେ ବୋଲି ପ୍ରତିଶୃତି ଦେଇଥିଲେ । ସେହିପରି ସଂଘ ପକ୍ଷରୁ ଏକ ପ୍ରତିନିଧି ମଣ୍ଡଳୀ ମୁଖ୍ୟ ଶାସନ ସଚିବଙ୍କୁ ଭେଟି ଆଲୋଚନା କରିବା ସହ ତୁରନ୍ତ ଏ ସମ୍ପର୍କରେ ନିଷ୍ପତ୍ତି ନେବାକୁ ନିବେଦନ କରିଥିଲା । ଏ ସମ୍ପର୍କିତ ନଥି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଅଛି ଓ ମୁଖ୍ୟମନ୍ତ୍ରୀ ଖୁବଶୀଘ୍ର ଏସମ୍ପର୍କରେ ନିଷ୍ପତ୍ତି ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଗତ ୮ ତାରିଖରେ ରାଜ୍ୟ ସରକାର ନିୟମିତ କର୍ମଚାରୀମାନଙ୍କ ପାଇଁ ୧୧ ପ୍ରତିଶତ ଡିଏ ବୃଦ୍ଧି କରିଥିବା ବେଳେ ଜିଆଇଏସ ୪ଲକ୍ଷ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି ଯାହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । କିନ୍ତୁ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ଚୁକ୍ତିଭିତ୍ତିକ କର୍ମଚାରୀମାନଙ୍କ ପାଇଁ ଯଦି ଦଶହରା ଭିତରେ କିଛି ଘୋଷଣା କରାନଯିବା ଫଳରେ ସଙ୍ଘ ପକ୍ଷରୁ ଏକ ବିରାଟ ଆନ୍ଦୋଳନ ପାଇଁ ସେମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସ୍ଥାନୀୟ ଗରାପୁରସ୍ଥିତ ଗୋପାଳଜୀଉ ମନ୍ଦିର ପରିସରରେ ଅନୁଷ୍ଠିତ ଏକ ପ୍ରସ୍ତୁତି ବୈଠକରେ ରାଜ୍ୟ ମହାସଙ୍ଘ ସଭାପତି ବିଜୟ ମଲ୍ଲ, ଉପଦେଷ୍ଟା ପ୍ରଭାତ ମହାନ୍ତି, ଜିଲ୍ଲା ସଭାପତି ପ୍ରୀତିରଞ୍ଜନ ପ୍ରଧାନ, ସଂଯୋଜକ ଅନିତା ବେହେରା, ଉଲ୍ଲାଶ ପ୍ରଧାନ, ସୁଧାଂଶୁ ଶେଖର ପ୍ରଧାନ, ସୁଚିତ୍ର କୁମାର ରାଉତ, ଦିଲ୍ଲିପ କୁମାର ଖଟୁଆ, ନିହାରରଞ୍ଜନ ନାୟକ, ଜିତେନ୍ଦ୍ର କୁମାର ବେହେରା, ନିହାରରଞ୍ଜନ ରଏ, ଦିପକ କୁମାର ପରିଡ଼ା, ଜୟଶ୍ରୀ ସାହୁ, ରାଜଶ୍ରୀ ପ୍ରଧାନ, ପ୍ରିୟଦର୍ଶିନୀ ନାୟକ, ସ୍ୱାଧୀନା ଦାସ, ପାର୍ଥସାରଥି ପରିଡ଼ା, ରମାକାନ୍ତ ସାହୁ ପ୍ରମୁଖ ରାଜ୍ୟ ସରକାରଙ୍କୁ ଚେତାବନୀ ଦେଇଛନ୍ତି ।

## ପୁଣ୍ୟାତ୍ମା ଉତ୍କଳ ଗୋପବଂଧୁ ଦାସଙ୍କ ଜୟନ୍ତୀ ପାଳିତ

ଯାଜପୁର (ପିଏନ୍): ପୂର୍ଣ୍ଣାନନ୍ଦ ମିଶ୍ର ପାଠାଗାର ଓ ପଠନ କକ୍ଷ ଆନୁକୂଲ୍ୟରେ ଅନୁଷ୍ଠାନ ପରିସରରେ ଉତ୍କଳମଣୀ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ସଭାପତି କହ୍ନେଇ ଚରଣ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଅଛି । ସଭା ଆରମ୍ଭରେ ଗୋପବନ୍ଧୁଙ୍କ ଫଟୋଚିତ୍ରରେ ଧୂପ, ଦୀପ, ପୁଷ୍ପମାଲ୍ୟ କର୍ମକର୍ତ୍ତା ଓ ସଭ୍ୟମାନେ ଅର୍ପଣ କରିଥିଲେ । ମୁଖ୍ୟ ଅତିଥିଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ, ସଭ୍ୟ ପୁଷ୍ପକାନ୍ତ ମଲ୍ଲିକ ତାଙ୍କ ବକ୍ତବ୍ୟରେ ଗୋପବନ୍ଧୁ ଦାସଙ୍କ ବାଲ୍ୟ ଜୀବନ ଓ ତାଙ୍କ ସମାଜସେବା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ମଞ୍ଚସ୍ଥ ଉପସଭାପତି ଓ ଯୁଗ୍ମ ସମ୍ପାଦକ ପାଣ୍ଡବ ଚରଣ ସାହୁ ଗୋପବନ୍ଧୁ ଉତ୍କଳର ମଣି ଥିଲେ । ତାଙ୍କର ତ୍ୟାଗପୂତ ଜୀବନ ଉତ୍କଳୀୟମାନଙ୍କର ସଦାସର୍ବଦା ସ୍ମରଣୀୟ ରହିବ ବୋଲି ତାଙ୍କ ବକ୍ତବ୍ୟ ପ୍ରଦାନ କରିଥିଲେ । କାର୍ଯ୍ୟକାରି କମିଟିର କର୍ମକର୍ତ୍ତା/ସଭ୍ୟ ତ୍ରିଲୋଚନ ମିଶ୍ର, ଶରତ ଚନ୍ଦ୍ର ମହାରଣା, ଧନଞ୍ଜୟକେଶରୀ ରାଉତରା, ଶରତ ଚନ୍ଦ୍ର ସାମଲ, ଜଗନ୍ନାଥ ଧଳ, ରାମକୃଷ୍ଣ ବେହୁରିଆ ପ୍ରଭୃତି ଉତ୍କଳମଣୀ ଗୋପବନ୍ଧୁ ଦାସଙ୍କ ଦାୟାଦ ଯାଜପୁର ମାଟିରେ ଜନ୍ମଗ୍ରହଣ କରିଥିଲେ ବୋଲି ପ୍ରମାଣ ଦେଖାଇବା ସହିତ ତାଙ୍କର ବକ୍ତବ୍ୟ ପ୍ରଦାନ କରିଥିଲେ ।

# ଚିକିଟି ରାଣୀ ଉଷାଦେବୀଙ୍କ ରାଜନୀତିକ କାହାଣୀ





ରାଜନୀତି କ୍ଷେତ୍ରରେ ରାଜନେତାଙ୍କ ମିଥ୍ୟା ପ୍ରଲୋଭନ, ପ୍ରତିଶ୍ରୁତି ବା କପୋଳକଳ୍ପିତ କଥାରେ ସାଧାରଣ ଲୋକଙ୍କ ସମର୍ଥନ ମିଳେନାହିଁ । ବରଂ ଲୋକେ ରାଜନେତାଙ୍କ କାମରେ ବିଶ୍ୱାସ କରନ୍ତି । କେହି ସାମ୍ନାରେ ସିନା ପ୍ରତିବାଦ୍ କରନ୍ତିନି, ହେଲେ ଭିତରେ ଭିତରେ ପ୍ରତିଶ୍ରୁତି ପାଳନ କରିନଥିବା ନେତାଙ୍କୁ ଅବିଶ୍ୱାସ ଓ ଘୃଣା ଦୃଷ୍ଟିରେ ଦେଖନ୍ତି । ସାଧାରଣ ଲୋକଙ୍କର ସର୍ବାଙ୍ଗୀନ ବିକାଶ ପାଇଁ ନିଷ୍ପାପର ଭାବେ କାର୍ଯ୍ୟ କରି ଚାଲିଲେ, ଯିଏ କେହି ଲୋକଙ୍କ ବିଶ୍ୱାସଭାଜନ ହୋଇଥାଏ । ସାଧାରଣତଃ କୁହାଯାଇଥାଏ, ଭାରତୀୟ ଗଣତନ୍ତ୍ରର ମନ୍ଦିର ଗୁଡ଼ିକୁ ଆମେ ଗଣତାନ୍ତ୍ରିକ ସଂସ୍କାର ଥିବା ଓ ସଂସଦ ବା ବିଧାନସଭାରେ ଲୋକଙ୍କ ଆଶା-ଆକାଂକ୍ଷା, ସୁଖ-ଦୁଃଖ ଏବଂ ଦୃଷ୍ଟିକୋଣକୁ ଗଣତାନ୍ତ୍ରିକ ଢ଼ଙ୍ଗରେ ଉପସ୍ଥାପିତ କରି ପାରୁଥିବା ବ୍ୟକ୍ତିମାନଙ୍କୁ ନିର୍ବାଚିତ କରି ପଠାଇବା ଉଚିତ । କାରଣ ସେମାନେ ଆମର ପ୍ରତିନିଧି, ପ୍ରବକ୍ତା ଓ ସୁଖ-ଦୁଃଖର ସାଥୀ ମଧ୍ୟ । ଯେତେବେଳେ ସୁଯୋଗ୍ୟ ନେତାମାନେ ସଂସଦ ବା ବିଧାନସଭାକୁ ନିର୍ବାଚିତ ହୁଅନ୍ତି, ସେତେବେଳେ ସଂପୃକ୍ତ ଅଂଚଳ ତଥା ସାଧାରଣ ଲୋକଙ୍କ ଉନ୍ନତି ହେବା ସହ ସେହି ନେତା ମାନେ ନିଜ ନିର୍ବାଚନ କ୍ଷେତ୍ରରେ ଅପରାଜେୟ ହୋଇ ଯାଆନ୍ତି । ସମସ୍ତ ରେକର୍ଡ଼ ଭାଙ୍ଗି ରାଜ୍ୟ ଓ ଦେଶରେ ଇତିହାସ ସୃଷ୍ଟି କରନ୍ତି ! ଚିରଦିନ ପାଇଁ ଲୋକମାନଙ୍କ ମନରେ ସେମାନେ ସ୍ମରଣୀୟ ହେଇ ରହନ୍ତି । ସେହିଭଳି ଜଣେ ତୁଙ୍ଗ ନେତ୍ରୀ ହେଲେ ଗଞ୍ଜାମ ଜିଲ୍ଲାର ଚିକିଟି ବିଧାନସଭା କ୍ଷେତ୍ରର ବିଧାୟିକା ତଥା ରାଣୀ ଉଷାଦେବୀ । ବିଜୁ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ସେ ନବେ ଦଶକରେ ସକ୍ରିୟ ରାଜନୀତିରେ ପାଦ ଦେଇଥିଲେ ଓ ପ୍ରଥମ ଥର ପାଇଁ ୧୯୯୦ ବିଧାନସଭା ନିର୍ବାଚନରେ ଜନତାଦଳ ଟିକଟରେ ନିର୍ବାଚନ ଲଢି ବିଜୟୀ ହୋଇଥିଲେ । ପୁଣି ବିଜେଡ଼ି ଟିକଟରେ ୨୦୦୦, ୨୦୦୪, ୨୦୦୯, ୨୦୧୪ ଓ ୨୦୧୯ ମସିହା ନିର୍ବାଚନରେ ସେ ଲଗାତାର ଚିକିଟି ବିଧାନସଭା ଆସନରୁ ନିର୍ବାଚିତ ହୋଇ ରେକର୍ଡ଼ ସୃଷ୍ଟି କରିଛନ୍ତି ।

ରାଣୀଙ୍କର ବ୍ୟାପକ ଲୋକସଂପର୍କ ଯୋଗୁ ସେ ସବୁ ନିର୍ବାଚନରେ ରେକର୍ଡ଼ ପରିମାଣ ଭୋଟ ବ୍ୟବଧାନରେ ନିଜ ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପରାଜିତ କରିଛନ୍ତି । ୨୦୦୯ ବିଧାନସଭା ନିର୍ବାଚନ ରଣାଙ୍ଗନରେ ଚିକିଟି ଆସନରେ ୧୦ ଜଣ ପ୍ରାର୍ଥୀ ଥିଲେ । ରାଣୀ ମୋଟ ୫୫,୦୯୯ ଭୋଟ ପାଇଥିଲା ବେଳେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର ମନୋରଂଜନ ଦ୍ୟାନ ସାମନ୍ତରାୟ ୪୦,୮୭୦ ଏବଂ ବିଜେପିର କାହ୍ନୁ ଚରଣ ପତି ମାତ୍ର ୩୫୮୦ ଭୋଟ ପାଇଥିଲେ । ଏହି ନିର୍ବାଚନରେ ରାଣୀ ୧୪,୨୨୯ ଖଣ୍ଡ ଭୋଟ ବ୍ୟବଧାନରେ କଂଗ୍ରେସ ପ୍ରାର୍ଥୀଙ୍କୁ ପରାଜିତ କରିବାରେ ସକ୍ଷମ ହୋଇଥିଲେ । ୨୦୧୪ ନିର୍ବାଚନରେ ଚିକିଟି ଆସନରେ ୯ ଜଣ ପ୍ରାର୍ଥୀ ଥିଲେ । ରାଣୀ ମୋଟ ୭୪,୮୪୯ ଭୋଟ ପାଇଥିଲା ବେଳେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର ମନୋରଂଜନ ଦ୍ୟାନ ସାମନ୍ତରାୟ ୪୨,୭୦୧ ଏବଂ ବିଜେପିର ଉଦୟନାଥ ପ୍ରଧାନ ମାତ୍ର ୪୫୯୦ଭୋଟ ପାଇଥିଲେ । ଏହି ନିର୍ବାଚନରେ ରାଣୀ ୩୨,୧୪୮ ଖଣ୍ଡ ଭୋଟ ବ୍ୟବଧାନରେ କଂଗ୍ରେସ ପ୍ରାର୍ଥୀଙ୍କୁ ପରାଜିତ କରିଥିଲେ । ସେହିପରି ୨୦୧୯ ନିର୍ବାଚନରେ ଚିକିଟି ଆସନରେ ୭ ଜଣ ପ୍ରାର୍ଥୀ ଅବତୀର୍ଣ୍ଣ ହୋଇଥିଲେ । ରାଣୀ ମୋଟ ୭୩,୩୫୩ ଭୋଟ ପାଇଥିଲା ବେଳେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେପିର ମନୋରଂଜନ ଦ୍ୟାନ ସାମନ୍ତରାୟ ୫୨,୭୧୮ ଏବଂ କଂଗ୍ରେସର ସୁବାଶ ରାଉତ ମାତ୍ର ୩୭୪୭ ଭୋଟ ପାଇଥିଲେ । ଏହି ନିର୍ବାଚନରେ ରାଣୀ ୨୦,୬୩୫ ଖଣ୍ଡ ଭୋଟ ବ୍ୟବଧାନରେ ବିଜେପି ପ୍ରାର୍ଥୀଙ୍କୁ ପରାଜିତ କରିଥିଲେ । ସେହିପରି ରାଣୀ ପ୍ରଥମ ଥର ପାଇଁ ୨୦୧୧ରୁ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ମନ୍ତ୍ରୀପଦ ଗ୍ରହଣ କରି ଅତି ସଫଳତାର ସହ ନିଜର ଦାୟିତ୍ୱ ନିର୍ବାହ କରିଛନ୍ତି । ୧୦ ମଇ ୨୦୧୧ରୁ ୧୦ ଫେବୃୟାରୀ ୨୦୧୨ ପର୍ଯ୍ୟନ୍ତ ରାଣୀ ବିଜ୍ଞାନ ଓ କାରିଗରୀ, ବୟନ ଓ ହସ୍ତତନ୍ତ ବିଭାଗର ମନ୍ତ୍ରୀ ଭାବେ ନିଜର ଦାୟିତ୍ୱ ସଫଳତାର ସହ ନିର୍ବାହ କରିଥିଲାବେଳେ ୧୦ ଫେବୃୟାରୀ ୨୦୧୨ରୁ ୨ଅଗଷ୍ଟ ୨୦୧୨ ଯାଏ ପୂର୍ବ ଦାୟିତ୍ୱ ସହ ହ୍ୟାଣ୍ଡିକ୍ରାଫ୍ଟ, ଯୋଜନା ଓ ସମନ୍ୱୟ,୨ଅଗଷ୍ଟ ୨୦୧୨ରୁ ୨୧ ମଇ ୨୦୧୪ ପର୍ଯ୍ୟନ୍ତ ମହିଳା ଓ ଶିଶୁ ବିକାଶ, ୨୧ ମଇ ୨୦୧୪ରୁ ୬ମଇ ୨୦୧୭ ପର୍ଯ୍ୟନ୍ତ ମହିଳା ଓ ଶିଶୁ ବିକାଶ ଏବଂ ଯୋଜନା ତଥା ସମନ୍ୱୟ, ୭ ମଇ ୨୦୧୭ରୁ ୨୯ ମଇ ୨୦୧୯ ଯାଏ ଯୋଜନା ଓ ସମନ୍ୱୟ, ଦକ୍ଷତା ବିକାଶ ଓ ଯାନ୍ତ୍ରିକ ଶିକ୍ଷା ବିଭାଗର କ୍ୟାବିନେଟ୍ ମନ୍ତ୍ରୀ ଭାବେ ସଫଳତାର ସହ ନିଜ ଦାୟିତ୍ୱ ନିର୍ବାହ କରିଥିଲେ । ଦୀର୍ଘ ୩୦ ବର୍ଷର ରାଜନୀତିକ ଜୀବନ ଭିତରେ ରାଣୀ ଉଷା ଦେବୀ ୬ ଥର ବିଧାୟିକା ଭାବେ ନିର୍ବାଚିତ ହୋଇ ବିଧାନସଭାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କମିଟିର ଜଣେ ପ୍ରମୁଖ ସଦସ୍ୟ ଭାବେ ନିଜର ଦାୟିତ୍ୱ ତୁଲାଇଥିଲେ । ମୁଖ୍ୟତଃ ମହିଳା ଓ ଶିଶୁ ବିକାଶ, ପରିବେଶ, ରାଜସ୍ୱ, ଅବକାରୀ, ଶକ୍ତି, ଲାଇବ୍ରେରୀ, ସଂଖ୍ୟାଲଘୁ ଭାଷା ଆଦି କମିଟିର ସଦସ୍ୟ ଭାବେ ଦାୟିତ୍ୱ ତୁଲାଇଥିଲେ ।

ବହୁପ୍ରତିଭାର ଅଧିକାରୀଣୀ ରାଣୀ ଉଷା ଦେବୀ ଜଣେ ପ୍ରଗତିଶୀଳ ମଣିଷ ଭାବେ ବିଭିନ୍ନ ସାମାଜିକ ଓ ଗଣଆନ୍ଦୋଳନ ସହିତ ନିଜକୁ ସାମିଲ କରିଥିବା ବେଳେ ଓଡ଼ିଶା ରାଜନୀତିରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛନ୍ତି । ଏପରିକି ଜଣେ ଅଭିଜ୍ଞ ବିଧାୟିକା ଭାବେ ତାଙ୍କର ରାଜନୀତିକ ଓ ବିଧାନସଭା କାର୍ଯ୍ୟଦକ୍ଷତା ତାଙ୍କୁ ଆପେ ରାଜ୍ୟ ରାଜନୀତି ମଂଚରେ ଛିଡ଼ା କରିଦେଇଛି । ବିଶେଷ କଥା ହେଲା, ଆଜି ପର୍ଯ୍ୟନ୍ତ ଗଞ୍ଜାମ ଜିଲ୍ଲାରୁ ମୋଟ ୮ଜଣ ମହିଳା ବିଧାୟିକା ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରେ ଉଷା ଦେବୀଙ୍କ ସମେତ ୬ ଜଣ ରାଣୀ ଅଛନ୍ତି ।

ବିଧାନସଭା ଅଧିବେଶନରେ ରାଣୀ ଉଷା ଦେବୀଙ୍କ କାର୍ଯ୍ୟଶୈଳୀ, ପ୍ରଭାବୀ ବକ୍ତୃତା, ରାଜ୍ୟସ୍ତରୀୟ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ଅଂଶଗ୍ରହଣ ଆଦି ତାଙ୍କର ଲୋକାଭିମୁଖୀ କାର୍ଯ୍ୟ ଉଲ୍ଲେଖନୀୟ । ବିଧାନସଭା ଅଧିବେଶନରେ ପ୍ରଶ୍ନ-ଉତ୍ତର, ବଜେଟ୍, ବିଧେୟକ, ଧ୍ୟାନାକର୍ଷଣ, ସ୍ଥଗନ, ଚର୍ଚ୍ଚା ଭଳି ମହତ୍ୱପୂର୍ଣ୍ଣ ଆଲୋଚନାରେ ସକ୍ରିୟ ଭାଗ ନେଇ ସେ ଓଡ଼ିଶାର ମୌଳିକ ସମସ୍ୟା ସଂପର୍କରେ ସରକାରଙ୍କର ଦୃଷ୍ଟି ଆକର୍ଷଣ କରିଛନ୍ତି । ରାଜ୍ୟରେ ଦାରିଦ୍ର୍ୟ, ଅନାହାର, ପୁଷ୍ଟିହୀନତା, ମାତୃ ଓ ଶିଶୁମୃତ୍ୟୁ, ଦାଦନ ଭଳି ବିଭିନ୍ନ ସାମାଜିକ ଓ ପ୍ରଶାସନିକ ସମସ୍ୟାର ସମାଧାନ ପାଇଁ ସେ ନିୟମିତ କାର୍ଯ୍ୟ କରି ଆସିଛନ୍ତି ।

ଜଣେ ଅଭିଜ୍ଞ ବିଧାୟିକା ଭାବେ ଚିକିଟି ବିଧାନସଭା କ୍ଷେତ୍ର ସମେତ ଗଞ୍ଜାମ ଜିଲ୍ଲା ତଥା ଓଡ଼ିଶାର ସାମଗ୍ରୀକ ବିକାଶ ଲକ୍ଷ୍ୟ ରଖିଛନ୍ତି ରାଣୀ ଉଷା ଦେବୀ । ଗଞ୍ଜାମ ଜିଲ୍ଲା ତଥା ରାଜ୍ୟର ସ୍ୱାସ୍ଥ୍ୟ, ଶିକ୍ଷା, ଅପପୁଷ୍ଟି ନିୟନ୍ତ୍ରଣ, ମାତୃ-ଶିଶୁ ମୃତ୍ୟୁହାର ହ୍ରାସ, ପାନୀୟ ଜଳ, ପରିବେଶ, ସାକ୍ଷରତା, ଜଙ୍ଗଲ ଜମିର ସୁରକ୍ଷା, ଦାରିଦ୍ର୍ୟ ଦୂରୀକରଣ, ବେକାରୀ, ଦାଦନ ସମସ୍ୟାର ସମାଧାନ ଆଦି ତାଙ୍କ ସାମାଜିକ କାର୍ଯ୍ୟର ମୂଳଲକ୍ଷ୍ୟ । ଚିକିଟି ବିଧାନସଭା ନିର୍ବାଚନମଣ୍ଡଳୀକୁ ଓଡ଼ିଶାରେ ସବୁଠୁ ସ୍ମାର୍ଟ ତଥା ପୂର୍ଣ୍ଣ ବିକଶିତ କରାଇବା ଲକ୍ଷ୍ୟରେ ସେ ଅନେକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ଜନସ୍ୱାସ୍ଥ୍ୟ, ବିଜୁଳି, ରାସ୍ତାଘାଟ ଓ ଗ୍ରାମାଂଚଳ ଉନ୍ନୟନକୁ ସେ ଯଥେଷ୍ଟ ଗୁରୁତ୍ୱ ଦେଉଛନ୍ତି । ଗ୍ରାମାଂଚଳର ସର୍ବାଙ୍ଗୀନ ବିକାଶ ପାଇଁ ତାଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଚାଲୁ ରହିଛି ।

ରାଜନୀତି, ସଂସ୍କୃତି ଓ ସମାଜସେବାର ମୂର୍ତ୍ତିମନ୍ତ ପ୍ରତୀକ ରାଣୀ ଉଷା ଦେବୀଙ୍କ ବହୁମୁଖୀ ଜନସ୍ୱାର୍ଥମୂଳକ କାର୍ଯ୍ୟ ଓ ଆତ୍ମୀୟତା ଉଲ୍ଲେଖନୀୟ । ୩ ଦଶନ୍ଧିର ରାଜନୀତିକ ଜୀବନ ଭିତରେ ତାଙ୍କର ପ୍ରତ୍ୟେକ କାର୍ଯ୍ୟ ସାଧାରଣ ମଣିଷମାନଙ୍କ ପାଇଁ ଆଶୀର୍ବାଦ ହୋଇଛି । ରାଜନୀତିରେ ତାଙ୍କର ସ୍ପଷ୍ଟବାଦିତା ବାସ୍ତବରେ ତାଙ୍କୁ ଓଡ଼ିଶା ରାଜନୀତିକ ମଂଚର ଶୀର୍ଷରେ ପହଂଚାଇ ଦେଇଛି । ସବୁଠୁ ବଡ଼ କଥା ହେଲା, ରାଣୀ ଅଧିକାଂଶ ସମୟ ସାଧାରଣ ଲୋକଙ୍କ ଗହଣରେ ବିତାଇ ସେମାନଙ୍କ ସୁଖ-ଦୁଃଖରେ ଭାଗୀ ହେଉଛନ୍ତି । କାହାର ଡାକରା ପାଇବା କ୍ଷଣି ସେ ତତ୍‌କ୍ଷଣାତ୍ ପହଂଚି ଯାଆନ୍ତି ତାଙ୍କ ପାଖରେ ଓ ନିଜକୁ ଏକାକାର କରି ଦିଅନ୍ତି ତାଙ୍କର ସୁଖ-ଦୁଃଖ ସହିତ । ପ୍ରତି ମଣିଷକୁ ଆପଣାର କରିବାର କଳାରେ ସେ ନିପୁଣ । ସମସ୍ତଙ୍କୁ ସେ ସହଯୋଗର ହାତ ବଢାନ୍ତି । ବାସ୍ତବରେ ଚିକିଟି ରାଣୀଙ୍କର ଅମାୟିକ ବ୍ୟବହାର, ବନ୍ଧୁବତ୍ସଳତା, ଲୋକପ୍ରିୟତା ଓ ପରୋପକାରୀ ମନୋଭାବ ଆଦି ମାନବୀୟ ଗୁଣ ପାଇଁ ସେ ସମସ୍ତଙ୍କର ପ୍ରିୟପାତ୍ର ।

**ଶରତ କୁମାର ରାଉତ**
*ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଭୁବନେଶ୍ୱର,*
*ମୋ- ୯୩୩୭୩୬୯୪୮*

## କେନ୍ଦ୍ରାପଡା ଜିଲ୍ଲାରେ ନଡିଆର ଅଭାବି ବିକ୍ରୀ ଦୂର ପାଇଁ ନୂତନ ପ୍ରୟାସ



କେନ୍ଦ୍ରାପଡ଼ା (ପିଏନ୍): ଗ୍ରାମାଞ୍ଚଳରେ ନଡିଆର ଅଭାବି ବିକ୍ରୀ ଦୂର କରିବା ଉଦେଶ୍ୟରେ ବହୁ ଉଚ୍ଚ ଶିକ୍ଷିତ ଯୁବକ ଅଣ୍ଟା ଭିଡିଛନ୍ତି । ସେମାନେ ହଳଧର କୃଷକ ଉତ୍ପାଦକ ସଙ୍ଘ ଏବଂ ଖରସ୍ରୋତା କୃଷକ ଉତ୍ପାଦକ ସଙ୍ଘ ନାମରେ ଦୁଇଟି ଉତ୍ପାଦକ ସଙ୍ଘ ପଞ୍ଜିକରଣ କରି ଜିଲ୍ଲାରେ ନଡିଆର ଅଭାବି ବିକ୍ରୀ ଦୂର କରିଛନ୍ତି ଏବଂ ବଜାର ଦରଠାରୁ ଦୁଇ ଟଙ୍କା ଅଧିକ ମୂଲ୍ୟରେ ଚାଷୀଙ୍କ ପାଖରୁ ନଡିଆ କିଣି ରାଜ୍ୟ ବାହାରର ଯଥା: ରାଜସ୍ଥାନର ମୋହଣା, ଦିଲ୍ଲୀର ଆଜାଦନଗର, ଉତ୍ତରପ୍ରଦେଶର ଆଗ୍ରା ପ୍ରଭୃତିର ମଣ୍ଡିଗୁଡିକୁ ଯୋଗାଣ କରୁଛନ୍ତି । ଜମଧରସ୍ଥିତ କେନ୍ଦ୍ରାପଡା ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ ପରିସରରେ ସହକାରୀ ଉଦ୍ୟାନକୃଷି ନିର୍ଦ୍ଦେଶକ କନ୍ଦ ଜେନା ଏବଂ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଅଜୟ କୁମାର ରାଉତ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ହଳଧର କୃଷକ ଉତ୍ପାଦକ ସଙ୍ଘ ଏବଂ ଖରସ୍ରୋତା କୃଷକ ଉତ୍ପାଦକ ସଙ୍ଘର ନିର୍ଦ୍ଦେଶକ ସନ୍ତୋଷ ପରିଡ଼ା, ସୋନାଶିଷ ଜେନା, ଦିପକ ପ୍ରଧାନ, ବିଶ୍ୱଜିତ ପରିଡ଼ା, ସୁକାନ୍ତ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଏଭଳି ଏକ ପଦକ୍ଷେପକୁ ଜିଲ୍ଲାର କୃଷକ ଓ ବୁଦ୍ଧିଜୀବୀମାନେ ପ୍ରଶଂସା କରିଛନ୍ତି ।

## ରାଷ୍ଟ୍ର ନିର୍ମାଣ ଅଭିଯାନର 'ବସ୍ତ୍ରବନ୍ଧୁ' କାର୍ଯ୍ୟକ୍ରମ



କେନ୍ଦ୍ରାପଡ଼ା (ପିଏନ୍): ଅଗ୍ରଣୀ ସାମାଜିକ ଅନୁଷ୍ଠାନ 'ରାଷ୍ଟ୍ର ନିର୍ମାଣ ଅଭିଯାନ' ପକ୍ଷରୁ ମାଗୁରଗଣ୍ଡ ପାଟଣାଠାରେ 'ବସ୍ତ୍ରବନ୍ଧୁ' କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି । ଏହି କାର୍ଯ୍ୟକ୍ରମରେ ପୁରୁଣା ବସ୍ତ୍ର ସଂଗ୍ରହ କରି ସଂଗଠନ ପକ୍ଷରୁ ବସ୍ତି ଅଞ୍ଚଳରେ ବିତରଣ କରାଯାଇଛି । ଦଶହରା ପାର୍ବଣ ଆସୁଥିବା ବେଳେ ପ୍ରତି ପରିବାରରେ ନୂତନ ବସ୍ତ୍ରର ସମ୍ଭାର । କିନ୍ତୁ ସମାଜରେ ଏମିତି ଅନେକ ଲୋକ ଅଛନ୍ତି ଯାହାଙ୍କ ପାଖରେ ଦୈନନ୍ଦିନ ବ୍ୟବହାର ପାଇଁ ଲୁଗା ବକଟେ ବି ନାହିଁ । ସମାଜର ଏହି ଅଭାବୀ ମଣିଷଙ୍କ ପାଖରେ ପୁରୁଣା ଲୁଗା ନେଇ ପହଞ୍ଚିଛି ସାମାଜିକ "ଅନୁଷ୍ଠାନ ରାଷ୍ଟ୍ର ନିର୍ମାଣ ଅଭିଯାନ" । ଅନୁଷ୍ଠାନର ସଦସ୍ୟମାନେ ବିଭିନ୍ନ ବ୍ୟକ୍ତିଙ୍କ ପାଖରୁ ପୁରୁଣା ଅଥଚ ବ୍ୟବହାର ଉପଯୋଗୀ ଲୁଗା, ସାର୍ଟ, ପ୍ୟାଣ୍ଟ, ଶାଢୀ, ଧୋତି, ଛୋଟ ପିଲାଙ୍କ ଡ୍ରେସ ପ୍ରଭୃତି ସଂଗ୍ରହ କରି ସ୍ଥାନୀୟ ମାଗୁରଗଣ୍ଡ ପାଟଣା ଜନଜାତି ବସ୍ତିରେ ପହଞ୍ଚିଥିଲେ । ଗାଁ ଦାଣ୍ଡରେ ସଂଗୃହିତ ବସ୍ତ୍ର ସବୁ ରଖି ଦିଆଗଲା । ବସ୍ତିର ଲୋକମାନେ ନିଜର ଆବଶ୍ୟକ ମୁତାବକ ବସ୍ତ୍ର ବାଛି ନେଇଥିଲେ । ଆଗାମୀ ଦିନରେ ଅନୁଷ୍ଠାନ ପକ୍ଷରୁ ପ୍ରତ୍ୟେକ ପୂଜା ପାର୍ବଣ ପୂର୍ବରୁ ବିଭିନ୍ନ ଅଞ୍ଚଳରେ 'ବସ୍ତ୍ରବନ୍ଧୁ' କାର୍ଯ୍ୟକ୍ରମ ଆୟୋଜନ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି । ତେବେ ଏହି କାର୍ଯ୍ୟକ୍ରମରେ ସହାୟତା କରିବା ପାଇଁ ଅନୁଷ୍ଠାନ ପକ୍ଷରୁ ନିବେଦନ କରାଯାଇଛି । ମଳୟ ସାହୁଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମକୁ ବୀରେନ୍ଦ୍ର ଦାସ, ଜ୍ଞାନ ରଞ୍ଜନ ଦାସ, ବିକାଶ ସ୍ୱାଇଁ, ରଶ୍ମିରଞ୍ଜନ ସ୍ୱାଇଁ, ଭଜନ ସୁତାର, ମାତୃଦତ୍ତ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ ।

## କେନ୍ଦ୍ରାପଡାରେ ଗୋପବନ୍ଧୁ ଡିଜିଟାଲ ପାଠାଗାର ଲୋକାର୍ପଣ



କେନ୍ଦ୍ରାପଡ଼ା (ପିଏନ୍): ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୪ତମ ଜୟନ୍ତୀ ପାଳନ ଅବସରରେ କେନ୍ଦ୍ରାପଡା ତହସିଲ କାର୍ଯ୍ୟାଳୟ ନିକଟରେ ଗୋପବନ୍ଧୁ ପାଠାଗାର ଲୋକାର୍ପିତ ହୋଇଛି । ସେହିପରି ପାଠାଗାର ସମ୍ମୁଖରେ ଗୋପବନ୍ଧୁଙ୍କ ଏକ ଆବକ୍ଷ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଛି । ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ଉପାଧକ୍ଷ ନିରଞ୍ଜନ ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିଥିଲେ । ଏହି ଅବସରରେ ଶ୍ରୀ ରଥ କହିଲେ କେନ୍ଦ୍ରାପଡା ଇତିହାସରେ ଆଉ ଏକ ନୂଆ ଫର୍ଦ୍ଦ ଯୋଡି ହେଲା । କାରଣ ଏହି ପାଠାଗାରରେ ଥିବା ପୁସ୍ତକ ଗୋପବନ୍ଧୁଙ୍କ ଚେତନା ଓ ସମାଜସେବା ପାଇଁ ବୁଦ୍ଧିଜୀବୀମାନଙ୍କୁ ପ୍ରେରଣା ଯୋଗାଇବ । ଏହି ପାଠାଗାରରେ ଅଧ୍ୟୟନ କରି ଅନେକ ଯୁବକଯୁବତୀ ଦେଶରେ ସୁନାମ ଅର୍ଜନ କରିପାରିବେ । କାର୍ଯ୍ୟକ୍ରମରେ ଅଧକ୍ଷତା କରି କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା କହିଲେ ଯେତେବେଳେ କେନ୍ଦ୍ରାପଡା ଜିଲ୍ଲାରେ ରାସ୍ତାଘାଟ ନଥିଲା ସେତେବେଳେ ଗୋପବନ୍ଧୁ ଡଙ୍ଗାରେ ବୁଲି ବନ୍ୟା ଓ ବାତ୍ୟା ବିପନ୍ନଙ୍କ ନିକଟରେ ରିଲିଫ ପହଞ୍ଚାଉଥିଲେ । ଗୋପବନ୍ଧୁଙ୍କ ଦର୍ଶନରୁ ଆଗାମୀ ପିଢିର ଯୁବକଯୁବତୀ ବହୁ ଜ୍ଞାନ ଅର୍ଜନ କରିପାରିବେ । କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଅମ୍ରିତ ଋତୁରାଜ ଅତିଥି ଭାବେ ଯୋଗଦେଇ ଗୋପବନ୍ଧୁଙ୍କ ଆଦର୍ଶରେ ଯୁବପିଢି ଅନୁପ୍ରାଣିତ ହେବା ପାଇଁ କହିଥିଲେ । ଏହି ଅବସରରେ "ସମାଜ" ଅନୁଷ୍ଠାନ ପକ୍ଷରୁ ପାଠାଗାରକୁ ଗୋପବନ୍ଧୁଙ୍କ ସାହିତ୍ୟ ଓ ଦର୍ଶନ ସମ୍ପର୍କିତ ୭୦ଟି ପୁସ୍ତକ ପ୍ରଥମ ଦଫାରେ ପ୍ରଦାନ କରାଯାଇଥିଲା । ଅଧିକ ପୁସ୍ତକ ପାଠାଗାରକୁ ପ୍ରଦାନ କରାଯିବ ବୋଲି ଶ୍ରୀ ରଥ କହିଥିଲେ । ଏହି ଅବସରରେ ବିଧାୟକ ଆଞ୍ଚଳିକ ପାଣ୍ଠିରୁ ୨୯ଲକ୍ଷ ଟଙ୍କା ବ୍ୟୟରେ କିଣା ଯାଇଥିବା ଏକ ଜୀବନରକ୍ଷାକାରୀ ବ୍ୟବସ୍ଥା ରହିଥିବା ଆମ୍ବୁଲାନ୍ସକୁ ଶ୍ରୀ ରଥ ବିଧାୟକ ଶ୍ରୀ ବେହେରା ଓ ଜିଲ୍ଲାପାଳ ଶ୍ରୀ ଋତୁରାଜଙ୍କ ସହିତ ରୋଗୀ ସେବା ପାଇଁ ଉତ୍ସର୍ଗ କରିଥିଲେ । ଭାବଗ୍ରାହୀ କଳାନିକେତନ ପକ୍ଷରୁ ସମ୍ପାଦକ ବିମଳ ପ୍ରସାଦ ପରିଡାଙ୍କ ସଂଯୋଜନାରେ ସ୍ୱାଗତ ସଂଗୀତ ଓ ମିଶୁ ମୋର ଦେହ ଏଦେଶ ମାଟିରେ ସଂଗୀତ ଗାନ କରାଯାଇଥିଲା । ଶ୍ରୀ ରଥଙ୍କ ସହିତ ସମାଜର ବରିଷ୍ଠ ସହ ସମ୍ପାଦିକା ମମତା ବିଶୋଇ ଓ କାର୍ଟୁନିଷ୍ଟ ଜ୍ଞାନ ରଥ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସାହିତ୍ୟିକ ଡଃ. ବାସୁଦେବ ଦାସ, ପ୍ରାଧ୍ୟାପକ ନନ୍ଦ କିଶୋର ପରିଡା, କେନ୍ଦ୍ରାପଡା କଲେଜ ଅଧକ୍ଷ ପ୍ରଫେସର ଡଃ. ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ, ତୁଳସୀ ମହିଳା କଲେଜ ଅଧକ୍ଷ ରଞ୍ଜିତରଞ୍ଜନ ସାହୁ, ଇନ୍ଦୁପୁର କଲେଜ ଅଧକ୍ଷ, ଅଧାପକ ଅଜୟ ସାମଲ, ଡଃ. ଗଦାଧର ମଲ୍ଲିକ, ଭଜକୃଷ୍ଣ ରାଉତ, ଇଶ୍ୱରଚନ୍ଦ୍ର ସାହୁ, ଡା. ବିଶ୍ୱପ୍ରକାଶ କାନୁନଗୋ, ପ୍ରଫେସର ବୈଷ୍ଣବ ସିଂହ, ଗାନ୍ଧୀ ପଦଯାତ୍ରା ସ୍ମୃତି ପରିଷଦର ଆବାହକ ରାଜେଶ ପଣ୍ଡା, ଶିକ୍ଷାବିତ ଉପେନ୍ଦ୍ର ନାଥ ସ୍ୱାଇଁ, ଦେବଦାସ ମହାନ୍ତି, ସଞ୍ଜୟ କୁମାର ଜେନା, ଭୀମସେନ ଭୂୟାଁ, ଶକ୍ତିକାନ୍ତ ପାତ୍ର, ପ୍ରଦିପ ସାହୁ, ହିରଣ୍ୟ ପଣ୍ଡା, ଜ୍ୟୋସ୍ନାରାଣୀ ଜେନା, ଦଶରଥ ମଳିକ, ରୋସ୍ନା ସାହୁ, ଶିବ ପ୍ରସାଦ ଭଳ, ଆଲୋକ ସାହୁ, ରଞ୍ଜିତ ସାହୁ, କାଳି ପ୍ରସାଦ ମିଶ୍ରଙ୍କ ସମେତ 'ସମାଜ'ର ଜିଲ୍ଲା ପ୍ରତିନିଧି ସୋମନାଥ ସାହୁ, ବରିଷ୍ଠ ସାମ୍ବାଦିକ ପରିକ୍ଷୀତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ଜିଲ୍ଲା କଂଗ୍ରେସ ତରଫରୁ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ

ରାଉରକେଲା (ପିଏନ୍) : ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ସମାଜ ସଂସ୍କାରକ, କବି, ଲେଖକ, ସାମ୍ବାଦିକ ତଥା ଓଡିଶା ପ୍ରଦେଶ କଂଗ୍ରେସର ପ୍ରଥମ ସଭାପତି ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୩ତମ ଜନ୍ମ ଜୟନ୍ତୀ ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ ପାଳିତ ହୋଇଯାଇଛି । ଜିଲ୍ଲା କଂଗ୍ରେସ ସଭାପତି ଜର୍ଜ ତିର୍କୀଙ୍କ ନେତୃତ୍ୱରେ କଂଗ୍ରେସ କର୍ମକର୍ତ୍ତାମାନେ ସେକ୍ଟର-୧୯ ଆମ୍ବାଗାନ ସମବେତ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ପରେ କଂଗ୍ରେସ କାର୍ଯ୍ୟାଳୟଠାରେ ପଣ୍ଡିତଜୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇ ତାଙ୍କ ଉଦ୍ଦେଶ୍ୟରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା । ଶ୍ରୀ ତିର୍କୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ବରିଷ୍ଠ କଂଗ୍ରେସ ନେତୃବୃନ୍ଦ ବକ୍ତବ୍ୟ ରଖି ପଣ୍ଡିତ ଗୋପବନ୍ଧୁ ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ବୋଲି କହିଥିଲେ । ତାଙ୍କର ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଦିନଦୁଃଖୀ ଗରିବ ଲୋକଙ୍କ ସେବାରେ ନିଜକୁ ନିୟୋଜିତ କରିପାରିଲେ ତାହା ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଂଜଳି ହେବ ବୋଲି କହିଥିଲେ । ଏହି ପରିପ୍ରେକ୍ଷୀରେ ସକାଳ ୯ଟା ସମୟରେ ଗୋପବନ୍ଧୁପାଲ୍ଲି ସ୍ଥିତ ଫାଣ୍ଡି ସମ୍ମୁଖସ୍ଥ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ୪ ନମ୍ବର ବ୍ଲକ୍ କଂଗ୍ରେସର କର୍ମକର୍ତ୍ତାଙ୍କ ସମେତ ଜିଲ୍ଲା କଂଗ୍ରେସ କର୍ମକର୍ତ୍ତାମାନେ ପୂର୍ବତନ ସଭାପତି ବିରେନ ସେନାପତିଙ୍କ ନେତୃତ୍ୱରେ ସମବେତ ହୋଇ ମାଲ୍ୟାର୍ପଣ କରିଥିଲେ । ସେହିପରି ଛେଣ୍ଡସ୍ଥିତ ଚିନ୍ମୟ ଛକଠାରେ ୭ ନମ୍ବର ବ୍ଲକ୍ କଂଗ୍ରେସ ସଭାପତି ବିଜୟ ଆପଟଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ଉପସ୍ଥିତ ରହି ସେଠାରେ ଅବସ୍ଥିତ ପଣ୍ଡିତଜୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରି ତାଙ୍କର ସ୍ମୃତିଚାରଣ କରିଥିଲେ । ଏ ସମସ୍ତ କାର୍ଯ୍ୟକ୍ରମରେ ଶ୍ରୀ ତିର୍କୀ ଓ ଶ୍ରୀ ସେନାପତିଙ୍କ ସମେତ ପୂର୍ବତନ କାର୍ଯ୍ୟକାରୀ ସଭାପତି ସବୀର ହୁସେନ, ରଘୁନାଥପାଲ୍ଲୀ କଂଗ୍ରେସ ନେତା ପ୍ରଶାନ୍ତ ସେଠୀ, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, କୋଷାଧକ୍ଷ ଚିତ୍ତରଂଜନ ମହାନ୍ତି, ମୁଖପାତ୍ର ଇଂ. ଆର୍.ପି. ସିଂହ ଓ ଗିରିଜା ଶଙ୍କର ମିଶ୍ର, ସାଧାରଣ ସମ୍ପାଦକ ସରୋଜ ଲେଙ୍କା ଓ ତୁଳସୀ ନାଗ, ମହିଳା କଂଗ୍ରେସ ସଭାନେତ୍ରୀ ଲତା ନାୟକ, କାର୍ଯ୍ୟକାରୀ ସଭାନେତ୍ରୀ ନିରୂପମା ବଳିୟାର ସିଂ, ସେବାଦଳ ମୁଖ୍ୟ ସଙ୍ଗଠକ ବିନୋଦ ରାଉତ, ଏସ୍‌ଟି ସେଲ୍ ଅଧକ୍ଷ ବିନୋଦ ତନ୍ତୀ, କୃଷକ କଂଗ୍ରେସ ଅଧକ୍ଷ ମନମୋହନ ଓରାମ, ଅସଙ୍ଗଠିତ ଶ୍ରମିକ କଂଗ୍ରେସ ଅଧକ୍ଷ ନିହାର ଦାସ, ଲିଗାଲ ସେଲ୍ ଅଧକ୍ଷ ବିସ୍ମୟ ଦାସ, ବ୍ଲକ୍ କଂଗ୍ରେସ ଅଧକ୍ଷ ସୁନୀଲ ପଟ୍ଟନାୟକ ଓ ଧୁସା ନାୟକ, ଜିଲ୍ଲା କଂଗ୍ରେସ ସମ୍ପାଦିକା ପ୍ରତିମା ପାଣିଗ୍ରାହୀ, କାର୍ଯ୍ୟନିର୍ବାହୀ ସଦସ୍ୟ କଳ୍ପତରୁ ପଣ୍ଡା, ଦିଲ୍ଲୀପ ଜେନା, ଭାସ୍କର ଖିଲ୍ଲାର, ରୁକସାନା ବେଗମ, ବରିଷ୍ଠ ନେତା ବି.ଏନ୍. ମହାନ୍ତି, ମଙ୍ଗୁଳି ମହାନ୍ତି, ରେହେମାନ ଖାନ, ପ୍ରଭାକର ଭୋଳ, ନିର୍ମଳା ମହାପାତ୍ର, ଆବିଦ ହୁସେନ, ଡେଭିଡ ପ୍ରଧାନ, ବିପିନ ଠାକୁର, ମୋତିଲାଲ ସାହୁ, ଅନୁପ ସାହୁ, କୈଳାସ ବିଶୋୟୀ, ସୁଧୀର ନାଥ, ବସନ୍ତ ସାମଲ, ଏମ୍‌ଡି ନିଜାମ, ସୁବଳ ବାସୁରୀ, ସାରଦା ପ୍ରସନ୍ନ ଦାସ, ବିକାଶ ସୁନା, ସେବକ ଷଣ୍ଢ, ଯୁବନେତା ସେକ୍ ହୁସେନ, ସୋନୁ ସାହୁ, ସେକ୍ ସମିର, ଶୁକଦେବ ବଡାଇକ, ଚନ୍ଦନ ସାହୁ, ଆଇତା ବାହାଦୁର, ଏମ୍‌ଡି ମୁସୁ ଓ ରୁଷି ସାହୁ ପ୍ରମୁଖଙ୍କ ସମେତ ଶତାଧିକ ଦଳୀୟ କର୍ମକର୍ତ୍ତା ଏ ସମସ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ବୋଲି ଜିଲ୍ଲା ମୁଖପାତ୍ର କୈଳାସ ଚନ୍ଦ୍ର ସାହୁ ଏକ ପ୍ରେସ୍ ଇସ୍ତାହାରରେ ଜଣାଇଛନ୍ତି ।

ସଂ ଗଚ୍ଛଦ୍ଧ୍ୱଂ ସଂ ବଦଦ୍ଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

## ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୧, ଅକ୍ଟୋବର ୧୯**

# "ପ୍ରଶାସନର ପଂଚତତ୍ତ୍ୱ"

ଓଡିଶା ସରକାର "ମୋ ସରକାର" ତଥା ଫାଇଭ-ଟି ପଦ୍ଧତି (ପଂଚତତ୍ତ୍ୱ) ଆରମ୍ଭ କରିଛନ୍ତି, ବାସ୍ତବରେ ତାହା ସ୍ୱାଗତଯୋଗ୍ୟ ପଦକ୍ଷେପ। ତା'ର ମୂଳ ଲକ୍ଷ୍ୟ ହେଲା ପ୍ରଶାସନିକ ବ୍ୟବସ୍ଥାକୁ ସୁଦୃଢ କରିବା ସହ ଦୁର୍ନୀତିମୁକ୍ତ କରିବା। ପ୍ରଶାସନିକ ବ୍ୟବସ୍ଥାକୁ ଲୋକ-ଉତରଦାୟୀ କରିବା। ପ୍ରତ୍ୟେକ ବିଭାଗକୁ ଅନ୍ତର୍ଭୁକ୍ତ କରାଇ ଏହାର ସୁଫଳ ଲୋକମାନଙ୍କ ପାଖରେ ପହଂଚାଇବା ଏହାର ମୂଳଲକ୍ଷ୍ୟ। ପ୍ରତି ବିଭାଗ ସଫଳତା ବା ବିଫଳତା ପ୍ରସଙ୍ଗ ଆଲୋଚିତ ହେବ। ଲୋକେ ବିଚାର କରିବେ। ପ୍ରତି ବିଭାଗର ଅଧିକାରୀମାନେ ଏଣିକି ଲୋକମାନଙ୍କ ପାଖରେ ନିଜର ବିଫଳତା ତଥା ସଫଳତା ପାଇଁ ଉତରଦାୟୀ ରହିବେ। ଏଥିରେ ସନ୍ଦେହ ନାହିଁ ଯେ ପ୍ରଥମେ ଯେତେବେଳେ ମୁଖ୍ୟମନ୍ତ୍ରୀଙ୍କର ନଜର ଥାନା ଓ ଡାକ୍ତରଖାନା ଉପରେ ପଡିଥିଲା। ଉତରଦାୟିତ୍ୱ ବଢିଥିଲା। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ବ୍ୟକ୍ତିଗତ ସଚିବ ତଥା ଫାଇଭ୍-ଟି ସଚିବ ବ୍ୟକ୍ତିଗତ ଭାବେ ଏ ସବୁ ଅନୁଷ୍ଠାନ ବୁଲିବୁଲି ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଉଛନ୍ତି। ଯଦ୍ୱାରା ସମସ୍ତେ ସଚେତନ ହେଉଛନ୍ତି। ଆଉଟ୍‌ଲୁକ୍ ପତ୍ରିକା "ଏ ମୋ ସରକାର" ଯୋଜନାକୁ ବ୍ୟକ୍ତିଗତ ଭାବରେ ଶ୍ରୀ ନବୀନ ପଟ୍ଟନାୟକଙ୍କର ଶ୍ରେଷ୍ଠତମ ପଦକ୍ଷେପ ବୋଲି ଅଭିହିତ କରିଛି। ଏହି ବିଭାଗର ନାମ ଫାଇଭ୍-ଟି (5-T) ଅର୍ଥାତ୍ ୧ମ ଟି - ଟିମ୍ ୱାର୍କ, ୨ୟ ଟି - ଟେକ୍ନୋଲୋଜି, ୩ୟ ଟି - ଟ୍ରାନସ୍‌ପେରେନ୍ସି, ୪ର୍ଥ ଟି - ଟ୍ରାନସଫର୍ମେସନ୍ ଏବଂ ୫ମ ଟି- ଟାଇମ୍ ଲିମିଟ୍। (୧) ଟିମ୍ ୱାର୍କ- ସହ ବନ୍ଧନ ଅର୍ଥାତ୍ ଜଣେ ପ୍ରଶାସନିକ ଅଧିକାରୀ ନିଜର ମହତ୍ ଆକାଂକ୍ଷା ଚରିତାର୍ଥ କରିବା ପାଇଁ ବା ଉତମ କାର୍ଯ୍ୟର ଶ୍ରେୟ ନେବା ପାଇଁ ନିଜକୁ



ଏକୁଟିଆ କରି ରଖିଛି ନା ସବୁ କାର୍ଯ୍ୟରେ ତଳୁ ଉପରୁ ଯାଏଁ ସବୁ ସହଯୋଗୀଙ୍କ ସହିତ ମିଳିମିଶି କାର୍ଯ୍ୟ କରୁଛି। (୨) ଟେକ୍ନୋଲୋଜି - ସରକାରୀ କାର୍ଯ୍ୟରେ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ। ଟେକ୍ନୋଲୋଜି କାମକୁ ସହଜ କରିବ, ଦ୍ରୁତତର କରିବ ଓ ବହୁ ଜଟିଳ ଅଙ୍କ କଷାକୁ ଆୟତକୁ ଆଣିବ। (୩) ଟ୍ରାନସ୍‌ପେରେନ୍ସି- ପାରଦର୍ଶିତା- ପାରଦର୍ଶିତା ଥିଲେ ଜଣାପଡିବ କୋଉ ନିଷ୍ପତି କିଭଳି ନିଆଯାଉଛି। କିଏ କିଏ କି ଭୂମିକା ଗ୍ରହଣ କରିଛନ୍ତି। ବିତ-ବିନିଯୋଗ କିଭଳି ହେଉଛି ଓ ବ୍ୟତିକ୍ରମ କେଉଁଠି ହେଉଛି। (୪) ଟ୍ରାନଫର୍ମେସନ - ରୂପାନ୍ତରୀକରଣର। ଅର୍ଥାତ୍ ଯେଉଁ କାର୍ଯ୍ୟ କେବଳ ହିସାବରେ ସମ୍ପୂର୍ଣ୍ଣ ହୋଇନାହିଁ ବରଂ ତା'ର ପ୍ରଭାବଶାଳୀ ପରିଣତି ଦ୍ୱାରା ସମସ୍ୟାର ନୂଆ କରି ଦେଖିବାର ସୁଯୋଗ ସୃଷ୍ଟି କରିଛି। (୫) ଟାଇମ-ଲିମିଟ୍ - ସମୟସୀମା। କାର୍ଯ୍ୟ ଠିକ୍ ସମୟରେ ସମ୍ପୂର୍ଣ୍ଣ ନହୋଇ ପାରିବାର ସ୍ଥିତି କିଭଳି ହେଲା, କିଏ ଏଥିପାଇଁ ଦାୟୀ, ଯାର ବିଚାର। ଯାକୁ ବଢେଇକି କହିଲେ ଗୁଡିଏ ପୋଥି ହେବ। ତେଣୁ ସେ ଥାଉ, ଆମର ଦରକାର ଜାଣିବା ପ୍ରଶାସନର ଏ ପଂଚତତ୍ତ୍ୱ କିଭଳି ଥିଓରିରୁ ପ୍ରାକ୍ଟିକାଲରେ ପରିବର୍ତିତ ହେବ। ଏପର୍ଯ୍ୟନ୍ତ ପ୍ରଶାସନ ଥିଲା। 'ପ୍ରାକ୍ଟିସ୍'ର ଅର୍ଥାତ ଯେଉଁଭଳି ପ୍ରଶାସନ ଚାଲିଥିଲା, ସେହିଭଳି ଚାଲିବାର ବ୍ୟବସ୍ଥା ଲୋକ କହୁଥିଲେ। ଶାସନର ଏଇଆ ହୁଏ, ଶାସନ ଏହିଭଳି ଚାଲେ। ଶାସକ ବି ସେଇଆ କହୁଥିଲେ। ଏବେ ଯେତେବେଳେ ସରକାର "ମୋ ସରକାର" ଅର୍ଥାତ୍ ଯେଉଁମାନଙ୍କ ସୁଖ ଦୁଃଖ, ସୁବିଧା, ସ୍ୱାଚ୍ଛନ୍ଦ୍ୟ ଏବଂ ମଙ୍ଗଳ ପାଇଁ ରାଷ୍ଟ୍ର ସରକାର ନିର୍ମାଣ କରିଛି, ସେ ସରକାରର ମାଲିକ ସେଇମାନେ, ସେତେବେଳେ ଏମିତି ଚାଲେ'ର ବ୍ୟବସ୍ଥା କାଏମ୍ ନୁହେଁ। ଏଣିକି ହେବ ଶାସନ ବା ସରକାର ସେହିଭଳି, ଯେଉଁଭଳି ହେବା ଉଚିତ। କିଭଳି ହେବା ଉଚିତ କିଏ କହିବ ? ଏଇଠି ଆସିଲା ଥିଓରାଇଜେସନ୍ ବା ତତ୍ତ୍ୱ ନିର୍ମାଣର ଆବଶ୍ୟକତା। ସରକାରର ପ୍ରକୃତ ମାଲିକମାନେ କ'ଣ ଚାହାଁନ୍ତି ବା କ'ଣ ତାଙ୍କ ପାଇଁ ଉପଯୁକ୍ତ ହେବ ତା'ର ଅନୁମାନ ବା ବିଚାର କରି ସରକାର ଚଳାଇଥିବା ଶାସକମାନେ (ବର୍ତମାନ ସେବକମାନେ) ମୁଖ୍ୟମନ୍ତ୍ରୀ (ମୁଖ୍ୟ ସେବକ)ଙ୍କ ନେତୃତ୍ୱରେ ତତ୍ତ୍ୱ ନିର୍ମାଣ କରିବେ ଓ ତାହା କାର୍ଯ୍ୟାନ୍ୱିତ ହେବ ବା ପ୍ରାକ୍ଟିସ୍‌ରେ ପରିଣତ ହେବ। ତତ୍ତ୍ୱ ପରିକଳ୍ପନାରେ ସାମାନ୍ୟ ଭ୍ରାନ୍ତି ଥିଲେ ତାହା ପ୍ରାକ୍ଟିସରେ ଧରାପଡିଯିବ ଓ ସେବକମାନେ ତାକୁ ବଦଳାଇବେ। ଏଇଠି ରହିଲା 'ପ୍ରାକ୍ଟିସ୍' ଓ 'ପ୍ରାକ୍ଟିସ୍' ମଧ୍ୟରେ ଥିବା ପାର୍ଥକ୍ୟ। ଓଡ଼ିଶାରେ ପ୍ରଶାସନର ଏ ଯେଉଁ ପଂଚତତ୍ତ୍ୱ, ଇଏ ସେବକମାନଙ୍କ ଦ୍ୱାରା ସେବକମାନଙ୍କର କାର୍ଯ୍ୟର ଆକଳନ ଜରିଆରେ ତାଙ୍କୁ କର୍ମ କୌଶଳରେ ଧୁରନ୍ଧର ହେବାପାଇଁ ବାଧ୍ୟ କରିବ ଓ ପ୍ରଶାସନର ପ୍ରକୃତ ମାଲିକ (ଲୋକେ) ବାଂଛିତ ସେବା ପାଇବେ। ସ୍ମରଣରେ ଆଉ ଯେ ପାଂଚ ତତ୍ତ୍ୱରୁ ତିନୋଟି (ଟିମ୍ ୱାର୍କ, ଟେକ୍ନୋଲୋଜି ଓ ଟ୍ରାନସ୍‌ପେରେନ୍ସି) ନବୀନ ପଟ୍ଟନାୟକଙ୍କ ପୂର୍ବ ପ୍ରସ୍ଥର ଶାସନରେ ଥିଓରି ହୋଇଥିଲା। କିନ୍ତୁ ତାହା ଶାସନର ମାଲିକାନା ସନ୍ଦର୍ଭରେ ଅଧିକ ମହତ୍ତ୍ୱପୂର୍ଣ୍ଣ ଆକାର ଧାରଣ କରି ଟ୍ରାନସଫର୍ମେସନ୍ ଓ ଟାଇମ୍ ଲିମିଟ୍ ସହିତ ମିଶି ଗଣତାନ୍ତ୍ରିକ ବ୍ୟବସ୍ଥାର ଏକ ପଂଚତତ୍ତ୍ୱ ବିଶିଷ୍ଟ ପ୍ରୟୋଗ ଧାରା ସୃଷ୍ଟି କରିଛି। ଏଥିରୁ ସବୁଠାରୁ ବଡ ସକାରାତ୍ମକ କଥା ହେଉଛି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଭିତରେ ରାଜନୈତିକ ପାର୍ଥକ୍ୟ ସତ୍ତ୍ୱେ, ବୌଦ୍ଧିକ ଚିନ୍ତନରେ ସମାନତା। ଭାରତର ପ୍ରଧାନମନ୍ତ୍ରୀ ନିଜକୁ ସେବକ ଓ ଚୌକିଦାର ଭାବରେ ଉପସ୍ଥାପିତ କରିବାରେ ଯେଉଁ ଗୌରବବୋଧ ସୂଚନା ଦେଇ ଚାଲିଛନ୍ତି, ତାହା ଲୋକଙ୍କୁ ଅଧିକ ଆଶାନ୍ୱିତ କରିଛି। ସେହିଭଳି ସମୟରେ ଜଣେ ମୁଖ୍ୟମନ୍ତ୍ରୀ ରାଜ୍ୟଶାସନକୁ ପ୍ରଶାସନିକ ଲୋକସେବା ଓ ଭୀତିପ୍ରଦ ଅମଲାତନ୍ତ୍ରର ଦୁର୍ଗ ସେକ୍ରେଟେରିଏଟ୍‌କୁ ଲୋକସେବା ଭବନ ଭାବେ ନାମିତ କରିବା ଓ ପ୍ରଶାସନର ପଂଚତତ୍ତ୍ୱ ମାଧ୍ୟମରେ ସେବା ସୁନିର୍ଦ୍ଦିଷ୍ଟ କରିବା ସହିତ ଉତରଦାୟିତ୍ୱର ମାର୍ଗ ପ୍ରସ୍ତୁତ କରିବା, ଓଡ଼ିଶାବାସୀଙ୍କ ପାଇଁ ଆନନ୍ଦର କଥା। କେନ୍ଦ୍ର ଓ ରାଜ୍ୟ ଭିତରେ ବି ରାଜନୈତିକ ଅବୁଝାମଣା ଅଛି, ତାଙ୍କର ରାଜନୈତିକ ଦର୍ଶନରେ କି ଅସାମଞ୍ଜସ୍ୟ ରହୁଛି, ସେମାନେ ସତାହୀନ ହେବା ପାଇଁ କି ପ୍ରକାରର କଳିଝଗଡା କରି ପରସ୍ପରକୁ ଭର୍ତ୍ସନା କରୁଛନ୍ତି, ଏସବୁରେ ଆମର କି କାମ ? ଆମେ ଓଡ଼ିଶାବାସୀ ଏ ସଙ୍କେତ ପାଉଛୁ ଯେ ଆମ ରାଜ୍ୟ କେନ୍ଦ୍ର ସରକାରଙ୍କ ସହିତ ସମ୍ପଦଦୃଷ୍ଟିସମ୍ପନ୍ନ ବନ୍ଧୁତ୍ୱର ସମ୍ପର୍କ ରଖିଛି ଓ ନରେନ୍ଦ୍ର ମୋଦୀଙ୍କ ରୂପାନ୍ତରିତ ଶାସନ (ଟ୍ରାନସ୍‌ଫର୍ମେଟିଭ ଗଭର୍ନନେସ)ର ଉପାଦାନଗୁଡିକୁ ପ୍ରୟୋଗାତ୍ମକ କୌଶଳ ବ୍ୟବହାର କରି ନବୀନ ପଟ୍ଟନାୟକ ଲୋକଙ୍କୁ ତାଙ୍କର ଶାସନ ଫେରାଇବାରେ ସଂକଳ୍ପ କରିଛନ୍ତି। କେନ୍ଦ୍ର ଓ ରାଜ୍ୟ ପରସ୍ପରକୁ ସହଯୋଗୀ ହୋଇ ରହିବା ସମ୍ଭାବନା ଗଣତନ୍ତ୍ରର ଏକ ଶ୍ରେଷ୍ଠ ଉପଲବ୍ଧ ଓ ସଂଘୀୟ ସଂରଚନାର ଏକ ଆଦର୍ଶ। କହିବା ଉଚିତ ହେବ ଯେ ଠିକ୍ ଅର୍ଥରେ ଯଦି ମୋଦୀଙ୍କ ସ୍ୱପ୍ନ ସାକାର ହୁଏ ଓ ନବୀନଙ୍କ ସଂକଳ୍ପ ରୂପ ନିଏ, ତେବେ ପ୍ରଶାସନର ଔପନିବେଶିକ ଆଧାର ଶିଳା ବଦଳିବ। ଯେଉଁ ଆଧାରଶିଳା ଉପରେ ୭୦ ବର୍ଷ ପୁରୁଣା ଇମାରତ୍ ଠିଆ ହୋଇଛି, ତାକୁ ଅକ୍ଷୁର୍ଣ୍ଣ ରଖି ଆଧାର ଶିଳା ବଦଳାଇବା କିଛି କମ୍ ଅସାଧ କାର୍ଯ୍ୟ ନୁହଁ। କିନ୍ତୁ ରାଷ୍ଟ୍ରୀୟତା ଓ ଲୋକସେବାର ମନ୍ତ୍ରରେ ଦୀକ୍ଷୀତ ଜଣେ ପ୍ରଧାନମନ୍ତ୍ରୀଙ୍କ ସହିତ ସ୍ଥାନୀୟତା ଓ ଉତରଦାୟୀତ୍ୱର ମନ୍ତ୍ର ପାଠରେ ବିଶ୍ୱାସ ରଖୁଥିବା ଜଣେ ମୁଖ୍ୟମନ୍ତ୍ରୀ ଏ ଅସାଧ୍ୟ କାର୍ଯ୍ୟ ସମ୍ଭବ କରାଇପାରନ୍ତି। ରାଜନୈତିକ ଦଳ ଭିତରେ ପ୍ରତିଦ୍ୱନ୍ଦ୍ୱିତା ଥାଇପାରେ, କିନ୍ତୁ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ନାହିଁ। ସଂଘୀୟ ସରକାର ଓ ରାଜ୍ୟ ସରକାର ଭିତରେ ପ୍ରତିଦ୍ୱନ୍ଦ୍ୱିତା ନାହିଁ। ଦୁହେଁ ନୂଆ ଭାରତ ନିର୍ମାଣରେ ସହଯୋଗୀ, ନିର୍ଭରଶୀଳ ଓ ପରସ୍ପରର ପରିପୂରକ। ରୂପାନ୍ତରିତ ସମାଜ ଓ ବିଶ୍ୱସନୀୟ ବ୍ୟବସ୍ଥା ସୃଷ୍ଟି କରିବାରେ ମୋଦୀ ଓ ନବୀନ ସହମତ।

**ସୌଭାଗ୍ୟରଂଜନ ମହାନ୍ତି (ରାଜା)**, ସମ୍ମାନ ଭବନ, ପ୍ଲଟ ନଂ-୫/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨, ମୋବାଇଲ ନଂ-୯୪୩୭୯୯୪୩୭୯

## ଆଜିର ଅନୁଚିନ୍ତା

**ସ୍ରଷ୍ଟା ପ୍ରତି କେବେହେଲେ ଅକୃତଜ୍ଞ ହୁଅନାହିଁ ।**

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ଶିକ୍ଷା ଅଧିକାର ଆଇନ, ସାକ୍ଷରତା, ବିଦ୍ୟାଳୟ ବନ୍ଦ ଓ ମିଶ୍ରଣ ପ୍ରସଙ୍ଗ

**••••••••••••ଲୋକନାଥ ପଣ୍ଡା••••••••••••**

୨୦୧୦ ମସିହାରେ ଶିକ୍ଷା ଅଧିକାର ଆଇନ କାର୍ଯ୍ୟକାରି ହେବା ପରେ ପ୍ରାୟତଃ ପ୍ରତ୍ୟେକ ଗାଁରେ ଗୋଟିଏ ଗୋଟିଏ ବିଦ୍ୟାଳୟ ଖୋଲାଗଲା। ଏଥିସହିତ ବିଦ୍ୟାଳୟ ନିମନ୍ତେ ସର୍ବନିମ୍ନ ବ୍ୟବସ୍ଥା ଦୁଇଟି ଶ୍ରେଣୀ, ରୋଷେଇ ଘର, ନଳକୂପ ଆଦି ମଧ୍ୟ ବ୍ୟବସ୍ଥା କରାଗଲା। ଏହାପୂର୍ବରୁ ମଧ୍ୟ ଡି.ପି.ଇ.ପି. ହେଉ, ସର୍ବଶିକ୍ଷା ଅଭିଯାନ ହେଉ କିମ୍ବା ଅନ୍ୟ ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ ବିଦ୍ୟାଳୟ ଖୋଲାଗଲା। ଏଥିସହିତ ପ୍ରତ୍ୟେକ ପଂଚାୟତରେ ପ୍ରକଳ୍ପ ବିଦ୍ୟାଳୟ ଭାବରେ ନାମିତ କରି ସ୍କୁଲ ଖୋଲାଗଲା। କେବଳ ପ୍ରଥମରୁ ତୃତୀୟ ଶ୍ରେଣୀ ଥିବା ବିଦ୍ୟାଳୟ (ଲୋୟାର ପ୍ରାଇମେରୀ)କୁ ପ୍ରାଇମେରୀ, ପରବର୍ତ୍ତୀ ସମୟରେ ଉଚ୍ଚ ବିଦ୍ୟାଳୟରେ ପରିଣତ କରାଗଲା। ବିଭିନ୍ନ ସରକାରୀ ପ୍ରକଳ୍ପ ହେଉ କିମ୍ବା ବ୍ୟବସ୍ଥା ହେଉ, ସ୍କୁଲ ଭିତ୍ତିଭୂମିକୁ ସଜାଡ଼ିବା ପାଇଁ ପ୍ରୟାସ କରାଗଲା। ଶିକ୍ଷା ଅଧିକାର ଆଇନ୍ କାର୍ଯ୍ୟକାରି ହେବା ପରେ ଶିକ୍ଷା ବ୍ୟବସ୍ଥାର ଭିତ୍ତିଭୂମିର ବିକାଶ ପାଇଁ ବିଶେଷ ଗୁରୁତ୍ୱ ଦିଆଗଲା। ସମସ୍ତେ ଯେପରି ସ୍କୁଲ ମାଡ଼ିବେ, ଅନେକ ବିଦ୍ୟାଳୟ ଖୋଲାହେଲା। ଅଧାରୁ ପାଠ ଛାଡ଼ିବାରେ ଯେପରି ବ୍ରେକ୍ ଲାଗିବ, ସେଥିପାଇଁ ବିଶେଷ ଗୁରୁତ୍ୱ ଦିଆଗଲା।

ଗତ କିଛିଦିନ ତଳେ ରାୟଗଡ଼ା ଜିଲ୍ଲାର ଗୁମ୍ମା ପଂଚାୟତର କେତେକ ଗ୍ରାମର ସ୍କୁଲ ସମ୍ପର୍କରେ ଆଲୋଚନା କରୁଥିଲି। ଗୁମ୍ମା ପଂଚାୟତରୁ ୧୦ କିଲୋମିଟର ଦୂର ସାନ ବାଲେଶ୍ୱରର ଜଣେ ମାଆ ଆଲୋଚନାବେଳେ କହୁଥିଲେ, ସ୍କୁଲ ବିଷୟ ପଚାରୁନା ଆଜ୍ଞା, ମାଷ୍ଟର ଆସୁଥିଲା, ଖାଦ୍ୟ ରୋଷେଇ ପରେ ପିଲାମାନେ ଖାଇବା ପରେ ଚାଲିଯାଉଥିଲା। ବର୍ତ୍ତମାନ ଦୁଇଦିନ ମାସକୁ ଥରେ ଆସୁଛି, ଚାଉଳପତ୍ର ଦେଉଛି, ପୁଣି ଚାଲିଯାଉଛି ! ଗାଁରେ ପାଠଚାଠ କିଛି ନାହିଁ ! ସେଦିନ ଜଣେ ଦଦରିଭରା ମାଆର ଖଣ୍ଡିଆ ଓଡ଼ିଆ ଓ କନ୍ଧ ଭାଷାରେ ଦଦରିଭରା ବକ୍ତବ୍ୟ ବେଶ୍ ଆନ୍ଦୋଳିତ କରିଥିଲା।

ଗୁମ୍ମା ପଂଚାୟତ ମହକୁମା ନିକଟରେ ଥିବା ଅନ୍ୟ ଏକ ସ୍କୁଲକୁ ଯାଇଥିଲି। ସ୍କୁଲଟି ଦୁଇତିନି ବର୍ଷ ହେଲା ବନ୍ଦ ହୋଇଛି। ଗାଁର ମାଆମାନଙ୍କ ସହିତ କଥା ହେଉଥିଲି, ମାଆମାନେ କହୁଥିଲେ, ଆଜ୍ଞା ଆସୁଥିଲା, ପାଠପଢ଼ା ହେଉ ନ ଥିଲା, କିନ୍ତୁ ସ୍କୁଲ ଥିଲା, ଆମେ ଆମ ପିଲାଙ୍କୁ ପଠାଉଥିଲୁ ! କିଛି ପାଠ ହେଉ ନ ଥିଲା, ତଥାପି ପଠାଉଥିଲୁ। କିନ୍ତୁ କହିଲେ, ପିଲା ସଂଖ୍ୟା କମ୍ ହେତୁ ତୁମର ସ୍କୁଲ ବନ୍ଦ ହୋଇଯିବ, ବର୍ତ୍ତମାନ ସ୍କୁଲ ତ' ବନ୍ଦ ରହିଛି। ବିଦ୍ୟାଳୟ ଖୋଲିଲା ପରେ ପିଲାମାନେ ମୁଖ୍ୟ ରାସ୍ତାରେ ଯିବାବେଳେ ଆମକୁ ଭୟ ଲାଗୁଅଛି। ୨୦୧୦ ମସିହାରେ ବିଦ୍ୟାଳୟ ସ୍ଥାପିତ ହୋଇଥିବା ଏହି ବିଦ୍ୟାଳୟଟି ଦୁଇ ତିନିବର୍ଷ ମଧ୍ୟରେ ଗଛପତ୍ର ଉଠିଗଲାଣି। ବିଦ୍ୟାଳୟ ନିମନ୍ତେ ରୋଷେଇ ଘର, ପାଇଖାନା ଆଦି ସବୁ ହୋଇଯିବା ଜଣାପଡୁଛି। ଯେଉଁ ବିଦ୍ୟାଳୟରେ ଉକ୍ତ ବିଦ୍ୟାଳୟ ମିଶ୍ରଣ ହେଲା, ସେହି ପଂଚାୟତ ମହକୁମାରେ ଥିବା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ସହ ଯାଇ ଭେଟିଲି। ବହୁ ସଂକୋଚ ପରେ ରେଜିଷ୍ଟର ଖୋଲି ଆଠଜଣ ବୋଲି କହିଲେ। ତାଙ୍କର ଅଭିଯୋଗ ଥିଲା, ବିଦ୍ୟାଳୟ ମିଶ୍ରଣ ହେଲା, ଆମ ବିଦ୍ୟାଳୟରେ ଆସି ପିତାମାତା ସେମାନଙ୍କର ଶିଶୁଙ୍କ ନାମ ଲେଖାଇଲେ ! କିନ୍ତୁ ଉଠିଯାଇଥିବା ବିଦ୍ୟାଳୟର ଶିକ୍ଷକ ଜିଲ୍ଲା ସଦର ମହକୁମାକୁ ଡେପୁଟେସନ୍‌ରେ ପଳାଇଲେ !



ଅନ୍ୟ ଏକ ଆଦିବାସୀ ବହୁଳ ଆଭ୍ୟନ୍ତରିଣ ଗ୍ରାମକୁ ଯାଇଥିଲି, ଗ୍ରାମର ନାମ ଏଠାରେ ଦେବା ଠିକ୍ ହେବ ବୋଲି ଭାବୁନାହିଁ ! ଗ୍ରାମର ଜଣେ ବୟସ୍କ ବ୍ୟକ୍ତି କହିଲେ, ଆଜ୍ଞା ଆମର ଗାଁର ଲୋକମାନେ ପ୍ରତ୍ୟେକ ପରିବାର ପିଛା ପଚାଶ ଟଙ୍କାଏ ଲେଖାଁଏ ସଂଗ୍ରହ କରି ଦେଲୁ, ସ୍କୁଲଟି ରହିଲା। ଗାଁରେ ସ୍କୁଲ ରହିଲେ, ସାନ ସାନ ପିଲାମାନେ କୁଆଡ଼େ ପାଠପଢ଼ିବାକୁ ଯିବେ ! ଛୋଟ ଛୋଟ ବୁଆମାନଙ୍କୁ ଆମେ କେମିତି ଆଶ୍ରମ ସ୍କୁଲରେ ଛାଡ଼ିବୁ ! ମାଆମନେ ରହିପାରିବେ କି ବୋଲି ମୋତେ ପ୍ରଶ୍ନ କରିଥିଲେ ! ଗ୍ରାମରେ ବିଦ୍ୟାଳୟ ଉଠିନି କିମ୍ବା ଅନ୍ୟ କୌଣସି ବିଦ୍ୟାଳୟରେ ମିଶ୍ରଣ ହୋଇନି ! ଏହି ବିଦ୍ୟାଳୟ ୪୦ରୁ କମ୍ ଛାତ୍ରଛାତ୍ରୀରେ ନାମ ରହିଛି ! ବିଦ୍ୟାଳୟ, ପାଠପଢ଼ା, ଗ୍ରାମବାସୀଙ୍କ ବିଦ୍ୟାଳୟ ପ୍ରତି ଅନ୍ତରଙ୍ଗତା କେତେ ରହିଛି, ସେହି ଗ୍ରାମର କନ୍ଧ ସଂପ୍ରଦାୟର ଲୋକମାନଙ୍କ କେତେ ଆନ୍ତରିକତା ରହିଛି, ତାହା ଅନୁଭବ କରୁଥିଲି।

ସବୁଠାରୁ ବଡ଼ କଥା ହେଲା, ବର୍ଷ ବର୍ଷ ଧରି ଆଦିବାସୀ ମହିଳାମାନେ ସେମାନଙ୍କର ଭାଷା ବ୍ୟତୀତ ଅନ୍ୟ ଭାଷା ଜାଣିବା କଷ୍ଟକର। ଓଡ଼ିଆ ଭାଷାରେ କିଛି ପରିମାଣରେ ବୁଝୁଛନ୍ତି। ମହିଳା ସଶକ୍ତିକରଣ କେତେ ପ୍ରକାର କରାଯାଉଛି। କିନ୍ତୁ ସେମାନେ କିପରି ସାକ୍ଷର ହେବେ, ସରକାରୀ ଯୋଜନା ସମ୍ବନ୍ଧୀୟ ସୂଚନା ପଢ଼ିପାରିବେ, ନିରନ୍ତର ଶିକ୍ଷା କିପରି ସମ୍ଭବ ହେବ, ପ୍ରାଥମିକ ଶିକ୍ଷାଲାଭ କରିଥିବା ବା ସାକ୍ଷରତା ହୋଇଥିବା ମହିଳାଟିଏ ତାହା ପଢ଼ାଲେଖା ଚାଲୁରହିବ, ସେହିଭଳି କୌଣସି ବ୍ୟବସ୍ଥା ନାହିଁ, ଯଦି କିଛି ରହିଛି, ତେବେ ନାମକୁ ମାତ୍ର କାଗଜପତ୍ରରେ ରହିଛି ! ସର୍ବନିମ୍ନ ଶିକ୍ଷଣ ସ୍ତର ଲାଭ କରିବେ, ସେଥିପାଇଁ କେନ୍ଦ୍ର ସରକାରଙ୍କର ଆନ୍ତରିକତା ନାହିଁ କି ରାଜ୍ୟ ସରକାରଙ୍କର ଆନ୍ତରିକତା ନାହିଁ ! ଭାରତ ସ୍ୱାଧୀନତା ହେବାପରେ ସରକାରଙ୍କ ତରଫରୁ ବିଭିନ୍ନ ପ୍ରକାରର ଜନସାକ୍ଷରତା କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦିଆଯାଉଥିଲା। ୧୯୮୮ ମସିହାରେ ତତ୍‌କାଳୀନ ସରକାର ସାକ୍ଷରତାକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମନେକରି ଜାତୀୟ ସାକ୍ଷରତା ମିଶନ ଗଠନ କରିଥିଲେ। ପରବର୍ତ୍ତୀ ସମୟରେ ସ୍ୱତନ୍ତ୍ର ଭାବରେ ଜନଜାତି ଓ ପଛୁଆ ବର୍ଗର ମହିଳାଙ୍କ ସାକ୍ଷରତାର ହାରକୁ ସ୍ୱତନ୍ତ୍ର ଭାବରେ ଦୃଷ୍ଟି ଦେଇ ସାକ୍ଷର ଭାରତ କାର୍ଯ୍ୟକ୍ରମ କାର୍ଯ୍ୟକାରି କରାଯାଇଥିଲା। ମହିଳା ସାକ୍ଷରତା ହାର କମ୍ ଥିବା ଜିଲ୍ଲାମାନଙ୍କରେ ସାକ୍ଷରତା କାର୍ଯ୍ୟକ୍ରମ ଚାଲୁଥିଲା। ପ୍ରତ୍ୟେକ ପଂଚାୟତରେ ଲୋକ ଶିକ୍ଷା କେନ୍ଦ୍ର ଥିଲା ଏବଂ ଏହି ଲୋକ ଶିକ୍ଷା କେନ୍ଦ୍ର ଦ୍ୱାରା ସାକ୍ଷରତା ସହିତ ବିଭିନ୍ନ ସାକ୍ଷରତା ତଥା ଆର୍ଥିକ ସାକ୍ଷରତା, ଆଇନଗତ ସାକ୍ଷରତା, ପ୍ରାକୃତିକ ଦୁର୍ବିପାକ ଜନିତ ସାକ୍ଷରତା, ସରକାରୀ ଯୋଜନା ସମ୍ବନ୍ଧୀୟ ସାକ୍ଷରତା, ପାଠାଗାର ଆନ୍ଦୋଳନ ଏହିଭଳି ବିଭିନ୍ନ କାର୍ଯ୍ୟକ୍ରମରେ ସାକ୍ଷରତା ସୃଷ୍ଟି କରିବା ପାଇଁ ଦୁଇଜଣ ପ୍ରେରକ ନିଯୁକ୍ତ ହୋଇଥିଲେ ଏବଂ ରାଜ୍ୟ ସ୍ତରରେ ରାଜ୍ୟ ସାକ୍ଷରତା ମିଶନ ଏହାର ଦାୟିତ୍ୱ ନେଇଥିଲା। ବିଭିନ୍ନ ବିଷୟରେ ସାକ୍ଷରତା କିନ୍ତୁ କେନ୍ଦ୍ର ସରକାରଙ୍କର, ସରକାର ସାକ୍ଷର ଭାରତ କାର୍ଯ୍ୟକ୍ରମ ବନ୍ଦ କରି ଦେବାପରେ ଯାହା କିଛି ମାତ୍ରାରେ ଚାଲିଥିଲା, ତାହା ସମ୍ପୂର୍ଣ୍ଣ ଭାବରେ ବନ୍ଦ ହୋଇଗଲା।

କରୋନା ସଂକ୍ରମଣ ହେତୁ ଗତ ୨୦୨୦ ମାର୍ଚ୍ଚରୁ ସମସ୍ତ ସ୍କୁଲ ଊଣାଅଧିକେ ବନ୍ଦ ରହିଛି। ସହରାଞ୍ଚଳ ଶିଶୁ ମୋବାଇଲ୍ ହେଉ, ଟିଉସନ୍ ହେଉ, ପାଠ ପଢୁଛନ୍ତି। କିନ୍ତୁ ଗ୍ରାମାଞ୍ଚଳର ଶିଶୁଙ୍କ ପାଖରେ କୌଣସି ସୁବିଧା ନାହିଁ ! ସରକାରଙ୍କ ତରଫରୁ ମଝିରେ ମଝିରେ ଯେଉଁ ବ୍ୟବସ୍ଥା ହେଉଛି, ତାହା କେବଳ ଲୋକଦେଖାଣିଆ ! ଗତବର୍ଷ ମାନ୍ୟବର ଜନଜାତି ଓ ପଛୁଆ ବର୍ଗ କଲ୍ୟାଣ ମନ୍ତ୍ରୀ ହେତୁ ଗ୍ରାମାଞ୍ଚଳରେ ଶିକ୍ଷକଙ୍କୁ ନେଇ ଗାଁକୁ ସପ୍ତାହକୁ ଯାଇ ପାଠପଢ଼ା କରିବା ପାଇଁ କୁହାଗଲା। ମାସେ ଗଲାପରେ ତାହା ବନ୍ଦ ହୋଇଗଲା। ବର୍ତ୍ତମାନ ଶିଶୁମାନେ ଡ୍ରେସ୍ ପାଉଛନ୍ତି, ଚାଉଳ ପାଉଛନ୍ତି, ସବୁ ପାଉଛନ୍ତି, କିନ୍ତୁ ପାଠ ନିଖୋଜ !

ନିକଟରେ କିଛି ଗ୍ରାମାଞ୍ଚଳଗୁଡ଼ିକୁ ଯାଇ ସ୍କୁଲ ପାଖକୁ ଗଲାବେଳେ ଏବଂ ସ୍କୁଲ ସମ୍ବନ୍ଧୀୟ ଆଲୋଚନା କଲାବେଳେ ଗାଁର ଶିଶୁମାନେ ଧାଇଁ ଆସୁଥିଲେ ! ଆଗ୍ରହ ଓ ଅନୁସନ୍ଧିତ୍ସା ସହିତ ପଚାରୁଥିଲେ, ସାର୍ ସ୍କୁଲ କେବେ ଖୋଲିବ ! ସ୍କୁଲ କେବେ ଖୋଲିବ, ଆମେ ପାଠ ପଢ଼ିବୁ, ଆମ ସାଙ୍ଗସାଥୀଙ୍କ ସହ ମିଶିବୁ ! ମୁଁ ଇତିମଧ୍ୟରେ ଅନେକ ଗ୍ରାମକୁ ଯାଇଛି, ଅନେକ ଶିଶୁଙ୍କୁ ସ୍କୁଲ ସମ୍ପର୍କରେ ପଚାରିଛି, ଗ୍ରାମାଞ୍ଚଳର ଅଧିକାଂଶ ଶିଶୁ ବିଦ୍ୟାଳୟ କେବେ ଖୋଲିବ ଅନାଇ ବସିଛନ୍ତି !

ନାଗରିକ ସମାଜଙ୍କ ତରଫରୁ ହେଉ, ତୃଣମୂଳ ସ୍ତରରେ ରାଜନୀତି କରୁଥିବା ବ୍ୟକ୍ତିବିଶେଷ କିମ୍ବା ଦଳ ହେଉ, ଶିକ୍ଷାବିତ୍ ହୁଅନ୍ତୁ କିମ୍ବା ସାମାଜିକ ସଂଗଠନ ହେଉ, ଗ୍ରାମାଞ୍ଚଳରେ ନିୟମିତ ଭାବରେ ବିଦ୍ୟାଳୟ ଖୋଲିବା ଏବଂ ସରକାର ଅପହଂଚ ଓ ଆଦିବାସୀ ଅଧ୍ୟୁଷିତ ଅନଗ୍ରସର ଅଂଚଳରେ ବିଦ୍ୟାଳୟଗୁଡ଼ିକ ବନ୍ଦ କରିବା ପାଇଁ ନିଷ୍ପତ୍ତି ନେଉଛନ୍ତି, ତାହାକୁ ପୁନଃସମୀକ୍ଷା କରିବା ସହିତ ସେହି ବିଦ୍ୟାଳୟଗୁଡ଼ିକ ଯେପରି ସକ୍ରିୟ ହେବ, ବିଦ୍ୟାଳୟଗୁଡ଼ିକ ଯେପରି ଚଳଚଞ୍ଚଳ ହେବ, କୌଣସି ବାଧ୍ୟବାଧକତାରେ କିମ୍ବା ଦଣ୍ଡ ସ୍ୱରୂପ ସେହି ବିଦ୍ୟାଳୟକୁ ଶିକ୍ଷକ ଦାୟିତ୍ୱରେ ନ ରହିବେ, ସେଥିପ୍ରତି ଦୃଷ୍ଟି ଦେବାର ସମୟ ଆସିଛି। ନହେଲେ ଅନେକ ଶିଶୁ ଶିଶୁ ଶ୍ରମିକ ପାଲଟିଯିବେ, ଅନେକ ଯାଇ ଆନ୍ଧ୍ରପ୍ରଦେଶ ହେଉ କିମ୍ବା ଅନ୍ୟ କୌଣସି ରୋଜଗାର ଉଦ୍ଦେଶ୍ୟରେ ଚାଲିଯିବେ, ଏହିଭଳି ସମ୍ଭାବନା ମଧ୍ୟ ଯଥେଷ୍ଟ ମାତ୍ରାରେ ରହିଛି। ଏହାକୁ ସବୁବର୍ଗ ଦୃଷ୍ଟି ଦେବାକୁ ପଡ଼ିବ। ଶିକ୍ଷା, ସାକ୍ଷରତା, ସାଂସ୍କୃତିକ ବିବିଧତା ହେଉଛି ବିକାଶର ମୂଳମନ୍ତ୍ର। ଏହାକୁ ଛାଡ଼ି ବିକାଶ ଦେଖିବା ବିକାଶ ନାମରେ ଶୋଷଣ ସହିତ ସମାନ। ଶିକ୍ଷା ଓ ସାକ୍ଷରତାକୁ ଯଦି ଗୁରୁତ୍ୱ ନ ଦିଆଯାଏ, ସବୁବର୍ଗଙ୍କୁ ଯଦି ଏକାପ୍ରକାର ବା ଏକପ୍ରକାର ଗୁଣାତ୍ମକ ଶିକ୍ଷା ଦିଆନଯାଏ, ତେବେ ଗୋଟିଏ ଗୋଷ୍ଠୀ ଶୋଷିତ ହେଉଥିବେ ଏବଂ ଅନ୍ୟ ଗୋଷ୍ଠୀ ଶୋଷକ ହେଉଥିବେ। ଶିକ୍ଷା, ସାକ୍ଷରତା ପରିପ୍ରେକ୍ଷୀରେ ଏହି ସବୁ ଦିଗଗୁଡ଼ିକୁ ଦୃଷ୍ଟି ଦେବାର ସମୟ ଆସିଛି !

-ରାଣୀଗୁଡ଼ା, ରାୟଗଡ଼ା,
ଦୂରଭାଷ: ୯୪୩୮୦୮୧୪୩୦
lokanath21@yahoo.com

# ଓଡ଼ିଶାରେ ଶିଶୁଶିକ୍ଷାର ମାଧ୍ୟମ-ଇଂରାଜୀ ବନାମ ଓଡ଼ିଆ



ଆମ ଦେଶରେ ଯେଉଁ କେତୋଟି ପ୍ରଧାନ ଭାଷାକୁ ସାମ୍ବିଧାନିକ ସ୍ୱୀକୃତି ମିଳିଛି, ସେଥି ମଧ୍ୟରୁ ଓଡ଼ିଆ ଭାଷା ଅନ୍ୟତମ। ଓଡ଼ିଶା ଯେତେବେଳେ ସ୍ୱତନ୍ତ୍ର ପ୍ରଦେଶ ଗଠିତ ହେଲା, ତାହାର ମୂଳ ଉଦ୍ଦେଶ୍ୟ ଥିଲା ଓଡ଼ିଆ ଭାଷାଭାଷୀ ଅଂଚଳର ଏକତ୍ରୀକରଣ। ଏହାପରେ ଆନ୍ଧ୍ର, କର୍ଣ୍ଣାଟକ, ଗୁଜରାଟ, ମହାରାଷ୍ଟ୍ର ପ୍ରଭୃତି ଯେତେଗୁଡ଼ିଏ ସ୍ୱତନ୍ତ୍ର ରାଜ୍ୟ ଗଠିତ ହୋଇଛି, ସେସବୁ ହୋଇଛି ଭାଷାଭିତ୍ତିକ ପ୍ରଦେଶ ଗଠନ ଆନ୍ଦୋଳନ ମାଧ୍ୟମରେ। ସେହିସବୁ ରାଜ୍ୟମାନଙ୍କରେ ଏବେ ସେହି ସେହି ଅଂଚଳର ଭାଷା ଶିକ୍ଷାକୁ ପ୍ରାଥମିକ ଗୁରୁତ୍ୱ ଦିଆଯାଉଥିବା ବେଳେ ୭୫ ବର୍ଷ ତଳେ ଗଠିତ ଭାଷାଭିତ୍ତିକ ପ୍ରଥମ ରାଜ୍ୟ ଓଡ଼ିଶାର ଅବସ୍ଥା ବିଷୟରେ ଆମର ସ୍ୱତଃ ଦୃଷ୍ଟି ଆକର୍ଷିତ ହୁଏ। ଏବେ ଉଚ୍ଚଶିକ୍ଷିତ ଓ ସମାଜର ଉଚ୍ଚବର୍ଗର ଜନତା ମଧ୍ୟରେ ଖୁବ୍ ରୋଳ ଉଠୁଛି ଯେ ଇଂରାଜୀ ମାଧ୍ୟମ ଶିକ୍ଷାଦ୍ୱାରା ସେମାନଙ୍କ ସନ୍ତାନ ଜ୍ଞାନୀ, ବୁଦ୍ଧିମାନ ଓ ସର୍ବକ୍ଷେତ୍ରରେ ଦକ୍ଷ ହୋଇପାରିବେ। ସେଇମାନଙ୍କ ଦାବିର ପୂରଣ କରିବାକୁ ଯାଇ ସହରର ଗଳିକନ୍ଦି ଏପରିକି କେତେକ ଗ୍ରାମାଂଚଳରେ ମଧ ଇଂରାଜୀ ମାଧ୍ୟମ ବିଦ୍ୟାଳୟମାନ ଖୋଲିଗଲାଣି ଏବଂ ଖୁବ୍ ଦ୍ରୁତ ଗତିରେ ସେମାନଙ୍କର ଉନ୍ନତି ହେଉଛି ଓ ପ୍ରାୟତଃ ସରକାରୀ ପରିଚାଳନାଧୀନ ଓଡ଼ିଆ ମାଧ୍ୟମ ବିଦ୍ୟାଳୟଗୁଡ଼ିକ କେବଳ ଦାରିଦ୍ର୍ୟର ସୀମାରେଖା ତଳେ ଥିବା ପରିବାରର ପିଲାଙ୍କ ଆଶ୍ରୟସ୍ଥଳୀ ହୋଇଛି, ଯେଉଁଠାକୁ ପିଲାମାନେ ଯାଉଛନ୍ତି କେବଳ ମାଗଣାରେ ଦିଆଯାଉଥିବା ମଧ୍ୟାହ୍ନ ଭୋଜନର ଆକର୍ଷଣରେ। ଏହି ଅବସ୍ଥାରେ ପରିବର୍ତ୍ତନ ପାଇଁ ରାଜନୀତିକ ଇଚ୍ଛାଶକ୍ତି ନାହିଁ କିମ୍ବା ଶିକ୍ଷା ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କ ଉଦ୍ୟମ ନାହିଁ। କାରଣ ସେମାନଙ୍କ ସନ୍ତାନମାନେ ତ ପଢ଼ନ୍ତି କନ୍‌ଭେଂଟ ପ୍ରଭୃତି ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଯେଉଁଠାରୁ ବାହାରି ସେମାନଙ୍କ ନିଜ ଅଭିଭାବକଙ୍କ ସ୍ଥାନ ଓ ପଦବୀମାନ ପୂରଣ କରିବେ ଓ ଓଡ଼ିଆ ମାଧ୍ୟମ ବିଦ୍ୟାଳୟରୁ ସେମାନଙ୍କର ତୃତୀୟ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀମାନେ ବାହାରି ସେମାନଙ୍କ ସେବକର ନୂତନ ପୀଢ଼ି ପୂରଣ କରିବେ। ଆଧୁନିକ ଯୁଗରେ ନୂଆପ୍ରକାର ଜାତିଭେଦ ସୃଷ୍ଟିର କି ସୁନ୍ଦର ପ୍ରଚେଷ୍ଟା ଓ କଳ୍ପନା ଇଏ ?

କିନ୍ତୁ ପ୍ରକୃତରେ କ'ଣ ଏଇ କଳ୍ପନା ବାସ୍ତବତା ଉପରେ ଆଧାରିତ ? ପ୍ରକୃତରେ କ'ଣ ଓଡ଼ିଆ ଶିକ୍ଷା ଏତେ ଦୂଷିତ ଯେ ସେଥିରେ ଜ୍ଞାନ ଅର୍ଜନର କୌଣସି ସମ୍ଭାବନା ନାହିଁ? ଟିକିଏ ଅତୀତକୁ ଦୃଷ୍ଟି ନିକ୍ଷେପ କଲେ ଆମେ ବାସ୍ତବ ସ୍ପର୍ଶ ପାଇପାରିବା। ଦେଶପ୍ରାଣ ମଧୁସୂଦନ, ଉତ୍କଳମଣୀ ଗୋପବନ୍ଧୁ, ବିଜ୍ଞାନୀ ଡଃ ସୁରେନ୍ଦ୍ର ଦ୍ୱିବେଦୀ, ପ୍ରାଣକୃଷ୍ଣ ପରିଜା, ବାଗ୍ମୀ ରାଜନୀତିଜ୍ଞ ଡ. ଶ୍ରୀରାମଚନ୍ଦ୍ର ଦାଶ ପ୍ରବୀଣ ଉତ୍କଳପ୍ରେମୀ କବି ଗୋଦାବରୀଶ ମିଶ୍ର ଏହି କୃତବିଦ୍ୟମାନେ ନିଜ ନିଜ କ୍ଷେତ୍ରରେ ତଥା ଜ୍ଞାନ, ବିଜ୍ଞାନରେ ଆନ୍ତର୍ଜାତିକ ପ୍ରସିଦ୍ଧି ଅର୍ଜନ କରିଥିଲେ ମଧ ସେମାନେ ସମସ୍ତେ ବାଲ୍ୟକାଳରେ ନିପଟ ମଫସଲର ପ୍ରାଥମିକ ବିଦ୍ୟାଳୟରୁ ବାଲ୍ୟଶିକ୍ଷା ସମାପ୍ତ କରି ସହରରେ ଓଡ଼ିଆ ମାଧ୍ୟମ ଉଚ୍ଚ ବିଦ୍ୟାଳୟରେ ଶିକ୍ଷାଲାଭ କରିଥିଲେ। ଆଜିର ଇଂରାଜୀ ମାଧ୍ୟମର ଉଚ୍ଚ ବିଦ୍ୟାଳୟରେ ଛାତ୍ରଛାତ୍ରୀ ବା ସେମାନଙ୍କ ଆଭିଜାତ୍ୟ ଗୋଷ୍ଠୀର ଅଭିଭାବକମାନେ ବୁଦ୍ଧି, ପାଣ୍ଡିତ୍ୟ ବା ଇଂରାଜୀ ଜ୍ଞାନରେ ସେମାନଙ୍କ ସମକକ୍ଷ ହୋଇପାରିବେ ନାହିଁ। ଆହୁରି ମଧ ବିଗତ କେତେ ଦଶନ୍ଧି ଧରି ଓଡ଼ିଶାର ବହୁ ପ୍ରତିଭାସମ୍ପନ୍ନ ବ୍ୟକ୍ତି ଆମେରିକା, ଇଂଲଣ୍ଡ, ଅଷ୍ଟ୍ରେଲିଆ ପ୍ରଭୃତି ଇଂରାଜୀ ଭାଷୀ ଦେଶ ଓ ଅନ୍ୟାନ୍ୟ ବହୁ ବିଦେଶୀ ଭୂଖଣ୍ଡରେ ରହି ସେଠାରେ ସମାଜରେ ନିଜକୁ ପ୍ରତିଷ୍ଠା କରିପାରିଛନ୍ତି। ସେମାନଙ୍କ ଜୀବନକୁ ଅନୁସରଣ କରାଗଲେ ଜଣାଯାଏ ଯେ ସେମାନେ ମଧ ଶୈଶବରେ ନିଜ ସହର ବା ଗ୍ରାମରୁ ଓଡ଼ିଆ ମାଧ୍ୟମ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାଲାଭ କରିଛନ୍ତି। ଅତୀତରେ ଆମ ପ୍ରାଥମିକ ବିଦ୍ୟାଳୟମାନଙ୍କରେ ଯେଉଁ ଇଂରାଜୀ ଶିକ୍ଷା ଦିଆଯାଉଥିଲା, ତାହା ଦକ୍ଷ ଓ ଅଭିଜ୍ଞ ଶିକ୍ଷକମାନଙ୍କ ଦ୍ୱାରା ହେଉଥିଲା ଏବଂ ବିଦ୍ୟାଳୟମାନଙ୍କରେ ବିଭିନ୍ନ ବିଷୟମାନଙ୍କରେ ଦିଆଯାଉଥିବା ଶିକ୍ଷା ପଦ୍ଧତିକୁ ଶିକ୍ଷା ବିଭାଗର ଉଚ୍ଚକର୍ତାମାନେ ବାରମ୍ବାର ପରିଦର୍ଶନ କରି ଶିକ୍ଷକମାନଙ୍କୁ ସଜାଗ ଓ ସଚେତନ ରଖୁଥିଲେ। ସେଥିପାଇଁ ଓଡ଼ିଆ ମାଧ୍ୟମ ବିଦ୍ୟାଳୟମାନଙ୍କରେ ମିଳୁଥିବା ଇଂରାଜୀ ବିଷୟକ ଜ୍ଞାନ ଉଚ୍ଚତର ଶ୍ରେଣୀମାନଙ୍କରେ ଇଂରାଜୀ ଭାଷାରେ ଲେଖା ବୈଷୟିକ ପୁସ୍ତକ ସମୂହ ପଢ଼ି ହଜମ କରିବାରେ କିଛି ଅସୁବିଧା ନଥିଲା। କିନ୍ତୁ ଆଜି ସରକାରୀ ବିଦ୍ୟାଳୟଗୁଡ଼ିକରେ ଶିକ୍ଷାଦାନର ମାନ ଅତ୍ୟନ୍ତ ନିମ୍ନଗାମୀ ହେଉଥିବାରୁ ଅନ୍ୟାନ୍ୟ ବିଷୟ ସହ ଇଂରାଜୀ ଶିକ୍ଷାର ମଧ ଅଧୋପତନ ଘଟୁଛି। ଏହା ଶିକ୍ଷାର ମାଧ୍ୟମର ଦୋଷ ନୁହେଁ ବରଂ ସରକାରୀ ଅନୁଷ୍ଠାନମାନଙ୍କରେ ଶିକ୍ଷାଦାନରେ ଶିକ୍ଷା ବିଭାଗୀୟ ଅବହେଳାର ଦୋଷ। ବାରମ୍ବାର ଅଭିଯୋଗ ଉଠୁଛି ଯେ, ବିଦ୍ୟାଳୟମାନଙ୍କରେ ଘର ନାହିଁ, ଶିକ୍ଷକ ନାହାନ୍ତି, ଯେଉଁ ଶିକ୍ଷକ ଅଛନ୍ତି, ସେମାନେ ମାସ ମାସ ଧରି ଦରମା ପାଉନାହାନ୍ତି, ସ୍କୁଲରେ ବିଦ୍ୟାଦାନ ସମ୍ପର୍କରେ କେବେବି ପରିଦର୍ଶନ ହେଉନାହିଁ, ପରିଦର୍ଶକମାନଙ୍କ ଓଡ଼ିଆ ମାଧ୍ୟମ ସ୍କୁଲ ପରିଦର୍ଶରେ ଆଗ୍ରହ ନାହିଁ, କାରଣ ସେମାନଙ୍କର ପିଲାଏ ସେଠାରେ ପଢୁନାହାନ୍ତି।

ଆଜିକାଲି ଆମ ଅଭିଭାବକ ସମାଜକୁ ଆଉ ଗୋଟେ ପାଗଳାମି ଘାରିଛି। ସେମାନଙ୍କ ପିଲାଙ୍କୁ କଥିତ ଇଂରାଜୀ ବା 'ଓଡ଼ିଆ'ରେ ଅଭ୍ୟସ୍ତ କରାଇବା। ସେଥିପାଇଁ ଛକମୁଣ୍ଡମାନଙ୍କରେ କଥିତ ଇଂରାଜୀ ପ୍ରଶିକ୍ଷଣ ଅନୁଷ୍ଠାନମାନ ଖୋଲିଗଲାଣି। ଜ୍ଞାନ ବିତରଣ ଅପେକ୍ଷା ଅର୍ଥ ସଂଗ୍ରହ ହିଁ ଏକମାତ୍ର ଅଧିକ ଧ୍ୟେୟ। ଇଂରାଜୀ ଭାଷାରେ ଅଧିକ ଜ୍ଞାନ ଅର୍ଜନ ପାଇଁ କଥିତ ଭାଷାର ପାରଦର୍ଶିତା କ'ଣ ଦରକାର? ଆମ ରାଜ୍ୟକୁ ବିଭିନ୍ନ ସମୟରେ ବ୍ୟବସାୟ ବାଣିଜ୍ୟ, ଧର୍ମ ପ୍ରଚାର, ସମାଜସେବା, ଗଭୀର ଆଧ୍ୟାତ୍ମିକ ଜ୍ଞାନ ଅର୍ଜନ ପାଇଁ ଯେଉଁ ବିଦେଶୀମାନେ ଆସୁଛନ୍ତି, ସେମାନେ ଅଳ୍ପ ସମୟ ମଧ୍ୟରେ ଓଡ଼ିଆ ଭାଷାରେ ଲିଖନ ଓ ପଠନ ଉଭୟ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରୁଛନ୍ତି। ସେମାନଙ୍କୁ ତ କଥିତ ଓଡ଼ିଆ ପରୀକ୍ଷା ଦେବାକୁ ପଡ଼ିନଥାଏ। ଆବଶ୍ୟକତା, ଆଗ୍ରହ ଓ ଅଧ୍ୟବସାୟରୁ ବିଦ୍ୟାର୍ଥୀ ଭାଷା ଶିଖିଥାଏ, ଖାଲିଗୁଡ଼ିଏ ଟ୍ରେନିଂ ନୁହେଁ।

ସରକାରୀ ଓ ବେସରକାରୀ ସ୍ତରରେ ଓଡ଼ିଆ ଭାଷା ଶିକ୍ଷାର ଏହି ଘୋର ଦୁର୍ବିପାକ ସମୟରେ ଯେତେବେଳେ ଉତ୍ତମ ଆଦର୍ଶର ଘୋର ଅଭାବ ସେତେବେଳେ ଓଡ଼ିଆ ଭାଷାପ୍ରେମୀମାନଙ୍କୁ ଗୋଟିଏ ଉଜ୍ଜ୍ୱଳ ଆଲୋକ ଦେଖାଦେଇଛି, ଯାହା ହେଉଛି ସରସ୍ୱତୀ ବିଦ୍ୟା ମନ୍ଦିର। ଜାତୀୟବାଦୀ ଅନୁଷ୍ଠାନ ଦ୍ୱାରା ସମଗ୍ର ଦେଶରେ ବିଭିନ୍ନ ରାଜ୍ୟରେ ପ୍ରତିଷ୍ଠା କରାଯାଇ ସେଠାରେ ସେହି ରାଜ୍ୟର ଆଂଚଳିକ ଭାଷା ମାଧ୍ୟମରେ ଶିକ୍ଷାଦାନର ବ୍ୟବସ୍ଥା କରାଯାଇଛି। ଓଡ଼ିଶାରେ ଏହି ଶିଶୁ ମନ୍ଦିରର ଆନ୍ଦୋଳନ ଅତ୍ୟନ୍ତ ଲୋକପ୍ରିୟ ହେବାକୁ ଆରମ୍ଭ କରିଛି। ଏହିଠାରୁ ବାହାରୁଥିବା ମାଟ୍ରିକ୍ ପରୀକ୍ଷାର୍ଥୀମାନେ ସର୍ବୋଚ୍ଚ ନମ୍ବର ରଖି ବହୁସଂଖ୍ୟାରେ ପୁରସ୍କୃତ ହେଉଛନ୍ତି। ଆହୁରି ଆଶ୍ଚର୍ଯ୍ୟର କଥା ଓଡ଼ିଆ ମାଧ୍ୟମ ବିଦ୍ୟାଳୟରେ ଭଲ ଇଂରାଜୀ ଜ୍ଞାନ ହୋଇପାରିବ ନାହିଁ ବୋଲି ଆଭିଜାତ୍ୟ ଗୋଷ୍ଠୀର ପ୍ରବଳ ମତାମତ ପ୍ରକାଶ ପାଉଥିବା ବେଳେ ଓଡ଼ିଶାର ଏକ ଅପ୍ରାନ୍ତ ସ୍ଥଳରେ ପ୍ରତିଷ୍ଠିତ ସରସ୍ୱତୀ ଶିଶୁ ମନ୍ଦିରର ଗୋଟିଏ ଛାତ୍ର ସର୍ବଭାରତୀୟ ସ୍ତରରେ ଅନୁଷ୍ଠିତ ଏକ ଇଂରାଜୀ ଭାଷା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ପାଇବାରେ ଯୋଗ୍ୟତା ଅର୍ଜନ କରିପାରିଛି। ଏଥିରୁ ସ୍ପଷ୍ଟ ଅନୁମେୟ ଶିକ୍ଷାରେ ଭାଷାର ମାଧ୍ୟମ ସମ୍ପର୍କରେ ଥିବା ଆମର ଅନ୍ଧବିଶ୍ୱାସ ଦୂରୀଭୂତ ହୋଇଯିବା ଉଚିତ।

ଶିଶୁ ମନ୍ଦିର ଶିକ୍ଷାର ଅନ୍ୟ ଏକ ଉତ୍କର୍ଷ ହେଉଛି, ଏଠାରେ ଶିଶୁ ବୟସର ଛାତ୍ରଛାତ୍ରୀଙ୍କୁ ମଧ ସଂସ୍କୃତ ଶିକ୍ଷା ଦିଆଯାଇଥାଏ। ସଂସ୍କୃତ ଭାଷା ଭାରତର ସବୁ ଭାଷାର ଜନନୀ ଏବଂ ପୃଥିବୀର ଅଧିକାଂଶ ଭାଷା ସହିତ ଭାଷାତତ୍ତ୍ୱ ଦୃଷ୍ଟିରୁ ସମ୍ପୃକ୍ତ। ସଂସ୍କୃତ ଭାଷାରେ ଶିକ୍ଷିତ ବ୍ୟକ୍ତି ଭାରତର ଯେକୌଣସି ଭାଷାଭାଷୀ ଲୋକଙ୍କ ସହିତ ସହଜରେ ଭାବବିନିମୟ କରିପାରିଥାଏ। ସେହିଦୃଷ୍ଟିରୁ ଜାତୀୟ ସଂହତି ପ୍ରତିଷ୍ଠା କ୍ଷେତ୍ରରେ ସଂସ୍କୃତ ଭାଷା ଶିକ୍ଷାକୁ ପ୍ରାଥମିକତା ଦିଆଯାଇପାରେ। ଭାରଣ ସମସ୍ତ ଭାଷା ମଧ୍ୟରୁ ଓଡ଼ିଆ ଭାଷା ସହିତ ନିବିଡ଼ତମ ସମ୍ପର୍କ ରହିଛି, ଯାହା ଓଡ଼ିଶାବାସୀଙ୍କ ପକ୍ଷେ ଗୌରବର ବିଷୟ। ଉତ୍ତର ଭାରତୀୟ ଭାଷାଗୁଡ଼ିକ ଉର୍ଦ୍ଦୁ ଓ ପାର୍ସୀ ସହିତ ଘନିଷ୍ଠ ସଂସ୍ପର୍ଶରେ ଆସି ନିଜର ମୌଳିକତା ଗାଉଥିବା ବେଳେ ଓଡ଼ିଆ ଭାଷା ତା'ର ଗୌରବ ଏ ପର୍ଯ୍ୟନ୍ତ ବଜାୟ ରଖିଛି। ତେଣୁ ଓଡ଼ିଆ ଭାଷାକୁ ଶିକ୍ଷାର ମାଧ୍ୟମ ରୂପେ ଗ୍ରହଣ କରିବା ପାଇଁ ଆମେ ନିଜକୁ କ୍ଷୁଦ୍ର ମନେକରିବା କାହିଁକି ? ଅବଶ୍ୟ ବେପାର ବଣିଜ, ବୈଷୟିକ ଶିକ୍ଷା ଓ ସାଂସ୍କୃତିକ ପ୍ରସାରଣ କ୍ଷେତ୍ରରେ ଆମେ ବିଦେଶୀ ଭାଷା ଶିକ୍ଷା ପ୍ରତି ବିମୁଖ ହେବା ଉଚିତ୍ ନୁହଁ, କିନ୍ତୁ ଶିକ୍ଷାର ମାଧ୍ୟମ ରୂପେ ମାତୃଭାଷାକୁ ହତାଦର କରିବା ଅର୍ଥ ଆମ ସଂସ୍କୃତିର ଗଳାରୋଧ କରିବା ସହ ସମାନ।

**ଉମାଶଙ୍କର ପ୍ରସାଦ**, ସମ୍ପାଦକ, ମାର୍ଗଦର୍ଶୀ, ଖୋର୍ଦ୍ଧା, ମୋ: ୮୮୯୫୫୪୭୪୯୦

## ଅନୁକରଣୀୟ ଉପଦେଶ...



ଆସନ୍ନ ସନ୍ଧ୍ୟା ସମୟ, ଯୁଗପ୍ରବର୍ତ୍ତକ ସ୍ୱାମୀ ବିବେକାନନ୍ଦ ବେଲୁଡ଼ ମଠ ନିକଟସ୍ଥ ଗଙ୍ଗାତଟରେ ଭ୍ରମଣ କରୁଥାନ୍ତି। ପୁଣ୍ୟସଲିଳା, ପତିତପାବନୀ ଗଙ୍ଗା ତଟରେ ଭ୍ରମଣ କରିବା ନିତ୍ୟନୈମିତ୍ତିକ ପ୍ରକ୍ରିୟା ଥିଲା। ହଠାତ୍ ଜଣେ ଯୁବଶିଷ୍ୟ ସ୍ୱାମିଜୀଙ୍କ ସମ୍ମୁଖକୁ ଆସିଲେ। ପଚାରିଲେ ସ୍ୱାମିଜୀ ! ଆପଣ ଆପଣଙ୍କର ଅସାଧାରଣ, ତେଜସ୍ୱୀ ବକ୍ତୃତା ମାଧ୍ୟମରେ ଇଉରୋପ ଓ ପୂରା ଆମେରିକାବାସୀଙ୍କୁ ଚକିତ କରିଦେଲେ। ଆପଣଙ୍କ ଓଜସ୍ୱିନୀ ବକ୍ତୃତା ଶୁଣି ସେମାନେ ଚମତ୍କୃତ ହୋଇଗଲେ। ହେଲେ ଆପଣ ସେଠାରୁ ଫେରିଆସିବା ପରେ ନିଜ ଜନ୍ମଭୂମିରେ ଚୁପଚାପ୍ ବସିଛନ୍ତି ଯେ ? ଏହାର କାରଣ କ'ଣ ହୋଇପାରେ ? ବଡ଼ ଦୁରୂହ ପ୍ରଶ୍ନ ଥିଲା। ଅଲୌକିକ ପ୍ରତିଭାସଂପନ୍ନ ଜଣେ ସନ୍ଥଙ୍କୁ ଆଲୋଡ଼ିତ କଲାଭଳି ପ୍ରଶ୍ନ। ସ୍ୱାମିଜୀ ଶିଷ୍ୟଙ୍କ ଉଦ୍ଦେଶ୍ୟରେ କହିଲେ- 'ଏ ଦେଶରେ ପ୍ରଥମେ ଭିତ୍ତିଭୂମି ନିର୍ମାଣ କରିବାକୁ ହେବ। କ୍ଷେତ୍ରପ୍ରସ୍ତୁତି ନକରି ଏହା କିଭଳି ବା ସମ୍ଭବ ହେବ? ପାଶ୍ଚାତ୍ୟ ଦେଶରେ ବାତାବରଣ ଅନୁକୂଳ ଥିଲା। ହେଲେ ଏଠାରେ ପ୍ରତିକୂଳ ପରିବେଶ। ଅନ୍ନ ଅଭାବରେ ଦେଶବାସୀଙ୍କର ଦୁର୍ବଳ ଦେହ ଓ ମନ। ରୋଗଶୋକରେ ସର୍ବଦା ପୀଡ଼ିତ ଏଇ ଜନ୍ମଭୂମିର ଲୋକମାନଙ୍କୁ ଭାଷଣ ଶୁଣାଇ କ'ଣ ବା ଲାଭ ହେବ? ପ୍ରଥମ କିଛି ଯୋଗୀ (ତ୍ୟାଗୀ) ଯୁବପୁରୁଷ ଲୋଡ଼ା, ଯେଉଁମାନେ ଶିକ୍ଷା ସମାପ୍ତ ହେବା ପରେ ଘରଘର ବୁଲି ଲୋକମାନଙ୍କୁ ବର୍ତ୍ତମାନର ଶୋଚନୀୟ ପରିସ୍ଥିତି ସମ୍ପର୍କରେ ବୁଝାଇବେ, ସେମାନଙ୍କୁ ଏବର ପରିସ୍ଥିତିର ବାସ୍ତବଚିତ୍ର ଦେବେ। ଏଥିସହିତ ସେମାନଙ୍କ ମନ ଭିତରେ ଆଧାତ୍ମିକତାର ଉତ୍ତରଣ କରାଇବେ। ଧର୍ମର ମହାନ୍ ସତ୍ୟ ସମ୍ପର୍କରେ ସେମାନଙ୍କୁ ଅବଧାରଣ କରାଇଲେ ସେମାନେ ନିଶ୍ଚୟ ଜାଗିଉଠିବେ। କାଳପ୍ରବାହରେ ଭାରତୀୟମାନେ ଦୁର୍ଦ୍ଦଶା ଭୋଗ କରୁଛନ୍ତି। ହେଲେ ପବିତ୍ର ଭାରତଭୂମି ସଂସ୍କାରରେ ଅନୁପ୍ରାଣିତ ଭୂମି। ଦେଖିପାରୁନାହିଁ- ପୂର୍ବ ଦିଗରେ ଅରୁଣୋଦୟ ହୋଇସାରିଲାଣି। ଆଉ ସୂର୍ଯ୍ୟୋଦୟରେ ବିଳମ୍ବ ନାହିଁ। ତୁମେମାନେ ସମସ୍ତେ ଅଣ୍ଟାଭିଡ଼ି ଜାଗ୍ରତ ହୁଅ। ଯଦି ଏଭଳି ନ କରିପାର ତେବେ ଧିକ୍ ତୁମର ଲେଖାପଢ଼ାକୁ ଓ ତୁମର ବେଦବେଦାନ୍ତ, ମଠକୁ। ଜଗତକୁ ଆସିଛ ତ ଗୋଟିଏ ଚିହ୍ନ ଛାଡ଼ିଯାଅ।' ସ୍ୱାମିଜୀଙ୍କ ଏହି ବାଣୀର ଉପଯୋଗିତା ଏବେ ମଧ ରହିଛି। ପ୍ରାୟ ଦେଢ଼ଶହ ବର୍ଷ ତଳେ ସେ ଯେଉଁ ଅନୁକରଣୀୟ ଉପଦେଶ ଦେଇଥିଲେ ଆଜି ପ୍ରତ୍ୟେକ ଭାରତୀୟ ତାହା ଅନୁଶୀଳନ କରି ସେହି ଭାବଧାରାରେ ଅନୁପ୍ରାଣିତ ହେଲେ ଭାରତବର୍ଷର ମାନଚିତ୍ର ବଦଳିଯା'ନ୍ତା। ଯେଉଁ ମାଟି, ପାଣିପବନରେ ଜନ୍ମହୋଇ ଜିଇ ରହିଛ ସେଇ ମାଟିରେ ବିଲୟ ହୋଇଗଲାବେଳକୁ କିଛି ମହତ୍ କାର୍ଯ୍ୟ ମାଧ୍ୟମରେ ଅଲିଭା ଚିହ୍ନ ରଖିଗଲେ ସେଇଥିରେ ହିଁ ଜନ୍ମର ସାର୍ଥକତା।




# ସଂଯୁକ୍ତ କିଷାନ୍ ମୋର୍ଚ୍ଚା ଆହ୍ୱାନରେ ଭୁବନେଶ୍ୱରରେ ତିନିଘଣ୍ଟିଆ ରେଲରୋକ ଆନ୍ଦୋଳନ

ଭୁବନେଶ୍ୱର: ସଂଯୁକ୍ତ କିଷାନ୍ ମୋର୍ଚ୍ଚା ତରଫରୁ ଆହୂତ ଦେଶବ୍ୟାପୀ ୬ ଘଣ୍ଟିଆ ଶାନ୍ତିପୂର୍ଣ୍ଣ ରେଲରୋକ ଆନ୍ଦୋଳନ ଜନ ସାଧାରଣଙ୍କ ସମର୍ଥନ ଏବଂ ସହଯୋଗରେ ଓଡିଶାବ୍ୟାପୀ ବିଭିନ୍ନ ରେଲ ଷ୍ଟେସନରେ ସଂଗଠିତ ହୋଇଛି । ଭୁବନେଶ୍ୱର ରେଲଷ୍ଟେସନରେ ସଂଯୁକ୍ତ କିଷାନ ମୋର୍ଚ୍ଚା ତରଫରୁ ଆହୂତ ଏହି ଆନ୍ଦୋଳନ ଦିନ ୧୦ଘଣ୍ଟାଠାରୁ ଅପରାହ୍ନ ୧ଘଣ୍ଟା ପର୍ଯ୍ୟନ୍ତ ଚାଲିଥିଲା । ଏହା ପରେ ସଂଯୁକ୍ତ କିଷାନ ମୋର୍ଚ୍ଚାର ଶତାଧିକ କର୍ମୀ ଗିରଫ ହୋଇଥିଲେ । କେନ୍ଦ୍ର ସରକାର ସମସ୍ତ ଦାବିଗୁଡିକୁ ପୂରଣ କରିବା ପର୍ଯ୍ୟନ୍ତ ସଂଯୁକ୍ତ କିଷାନ ମୋର୍ଚ୍ଚାର ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଅବ୍ୟାହତ ରହିବ ବୋଲି ଘୋଷଣା କରାଯାଇଛି । ଦେଶବ୍ୟାପୀ ଏବଂ ଓଡିଶା ରାଜ୍ୟରେ ଶାନ୍ତିପୂର୍ଣ୍ଣ ଭାବେ ରେଲରୋକ ଆନ୍ଦୋଳନ ଜନ ସାଧାରଣଙ୍କ ସମର୍ଥନ ଏବଂ ସହଯୋଗରେ ସଂଗଠିତ ହୋଇଛି । ଉତ୍ତର ପ୍ରଦେଶ ଲକ୍ଷ୍ମୀପୁର ଖେରୀ କୃଷକ ଗଣହତ୍ୟା ଘଟଣାରେ ତଦନ୍ତ ନିରପେକ୍ଷତା ପାଇଁ ସ୍ୱରାଷ୍ଟ୍ର ବିଭାଗର ରାଷ୍ଟ୍ର ମନ୍ତ୍ରୀ ଅଜୟ ମିଶ୍ରଙ୍କୁ ବରଖାସ୍ତ କରାଯାଉ, ଏହି ଘଟଣାରେ ଅପରାଧୀମାନଙ୍କୁ ଦୃଷ୍ଟାନ୍ତ ମୂଳକ ଦଣ୍ଡ ଦିଆଯାଉ, କୃଷକ ବିରୋଧୀ ତିନି କୃଷି ଆଇନ ରଦ୍ଦ କରାଯାଉ ଏବଂ ସମସ୍ତ କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍.ଏସ୍.ପି.) ପ୍ରଦାନ ପାଇଁ ଆଇନ ଗତ ବ୍ୟବସ୍ଥା କରାଯାଉ ଇତ୍ୟାଦି ଦାବିରେ ଏହି ଆନ୍ଦୋଳନ କରାଯାଇଥିଲା । ସଂଯୁକ୍ତ କିଷାନ୍ ମୋର୍ଚ୍ଚା ତରଫରୁ ସର୍ବଶ୍ରୀ ସୁରେଶ ପାଣିଗ୍ରାହୀ, ଜଗନ୍ନାଥ ମିଶ୍ର, ମହେନ୍ଦ୍ର ପରିଡା, ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ନିରଞ୍ଜନ ମହାନ୍ତି, ଶ୍ରୀକାନ୍ତ ମହାନ୍ତି, ଶଙ୍କର ସାହୁ, କୈଳାଶ ପ୍ରଧାନ, ଅଭିରାମ ବେହେରା, ଅଶୋକ କୁମାର ପଟ୍ଟନାୟକ, ସୁଦର୍ଶନ ପ୍ରଧାନ, ରାଜେନ୍ଦ୍ର ବର୍ମା, ପ୍ରମୋଦିନୀ ସାହୁ, ପ୍ରମିଳା ବେହେରା, ହେନା ବାରିକ, ବିଜୟ ଲକ୍ଷ୍ମୀ ପାତ୍ର, ଜାନକୀ ରାଓ, ଲିଙ୍ଗରାଜ ଚୌଧୁରୀ, ଶଙ୍କର ନାଏକ, ବଂଶୀଧର ପରିଡା, ସତ୍ୟାନନ୍ଦ ବେହେରା, ପ୍ରଦୀପ୍ତ ନାଏକ, ପ୍ରଭାତ ପାଣିଗ୍ରାହୀ, ସତୀଶ ମିଶ୍ର, ରଞ୍ଜନ ମିଶ୍ର, ପ୍ରଶାନ୍ତ ପାଇକରାୟ, ବିଚିତ୍ର ପାତ୍ର, ବସନ୍ତ ସାହୁ, ସୀମା ସେଠୀ, ବଳରାମ ଶେଠୀ, ଭାଗିରଥି ପ୍ରଧାନ ପ୍ରମୁଖ ବହୁ ନେତୃବୃନ୍ଦ ଅଂଶଗ୍ରହଣ କରିଥିଲେ ଏବଂ ନେତୃତ୍ୱ ନେଇ ଗିରଫ ହୋଇଥିଲେ ବୋଲି ସଂଯୁକ୍ତ କିଷାନ୍ ମୋର୍ଚ୍ଚା ତରଫରୁ କୁହାଯାଇଛି ।

## ଲଗାଣ ବର୍ଷା ଫଳରେ ଜଳକାରେ ବନ୍ୟା

ବାଲେଶ୍ୱର : ମୟୂରଭଞ୍ଜ ଜିଲ୍ଲାରେ ପ୍ରବଳ ବର୍ଷା ହେବା ଫଳେରେ ଜଳକା ନଦୀରେ ପ୍ରବଳ ବନ୍ୟା ଜଳ ପ୍ରବେଶ କରିଛି । ଯାହା ଫଳରେ ଜଳକା ନଦୀ ବିପଦ ସଂକେତ ଉର୍ଦ୍ଧ୍ୱ ପ୍ରବାହିତ ହେଉଛି । ପୂର୍ବରୁ ଏହି ଜଳକା ନଦୀ ବନ୍ୟା ଫଳରେ ବ୍ୟାପକ ଅଞ୍ଚଳର ଫସଲ ଓ ଘର ଦ୍ୱାର କ୍ଷତିଗ୍ରସ୍ତ ହୋଇଥିଲା ବେଳେ ଏବେ ପୁଣି ବସ୍ତା ବ୍ଲକର ୮ଟି ପଞ୍ଚାୟତ ଓ ସଦର ବ୍ଲକର ୨ଟି ପଞ୍ଚାୟତ କ୍ଷତିଗ୍ରସ୍ତ ହୋଇଛି । ବଙ୍ଗୋପସାଗରର ଲଘୁଚାପ ଯୋଗୁଁ ବର୍ଷା ଆହୁରି ୨ଦିନ ହେବ ବୋଲି ପୂର୍ବାନୁମାନ କରାଯାଇଥିଲା ବେଳେ ଜଳକାର ବନ୍ୟା ଅଧିକ କ୍ଷତି ପହଞ୍ଚାଇବ ବୋଲି ଲୋକ ଆତଙ୍କିତ ଅଛନ୍ତି । ତେବେ ବସ୍ତା ବ୍ଲକର ବିଡ଼ିଓ ଓ ତହସିଲଦାର ଏହାର ମୁକାବିଲା ଦିଗରେ ସଜାଗ ଅଛନ୍ତି ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି ।

# ସମାଜସେବୀ ବଟକୃଷ୍ଣ ପ୍ରଧାନଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଶ୍ରଦ୍ଧାଞ୍ଜଳି ସଭା

କେନ୍ଦ୍ରାପଡ଼ା :କେନ୍ଦ୍ରାପଡା ଜିଲ୍ଲାର ଡେରାବିଶ ପଞ୍ଚାୟତ ସମିତିର ପୂର୍ବତନ ଅଧକ୍ଷ ସମାଜସେବୀ ସ୍ୱର୍ଗତ ବଟକୃଷ୍ଣ ପ୍ରଧାନଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଭାଗବତ ପ୍ରସାଦ ମହାନ୍ତି ଟ୍ରଷ୍ଟ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି । ସିଦ୍ଧ ବଳଦେବଜୀଉ ଗୋମଙ୍ଗଳ ସମିତିର ସଭାପତି ଫକିର ଚରଣ ଖଟୁଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସ୍ୱର୍ଗତ ପ୍ରଧାନଙ୍କ ଅମର ଆତ୍ମାର ସଦଗତି କାମନା କରାଯାଇ ୨ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ସ୍ୱର୍ଗତ ପ୍ରଧାନ ପ୍ରଜାସୋସାଲିଷ୍ଟ ପାର୍ଟିରୁ ରାଜନୈତିକ ଜୀବନ ଆରମ୍ଭ କରି ଏକାଧିକ ବାର କାଉପଡା ପଞ୍ଚାୟତର ସରପଞ୍ଚ, ସେବା ସମବାୟ ସମିତିର ସଭାପତି ଭାବେ ନିର୍ବାଚିତ ହେବା ସହିତ ଡେରାବିଶ ପଞ୍ଚାୟତ ସମିତିର ଅଧକ୍ଷ ଭାବେ ମଧ ନିର୍ବାଚିତ ହୋଇଥିଲେ । ମହିଳାମାନଙ୍କ ଶିକ୍ଷାର ବିକାଶ ପାଇଁ ବାଳିକା ହାଇସ୍କୁଲ, ଡେରାବିଶ କଲେଜ ପ୍ରତିଷ୍ଠା, ମେଡିକାଲ ଓ ଛତାହାଟ ପ୍ରତିଷ୍ଠା କରି ଆଞ୍ଚଳିକ ବିକାଶ କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ । ବିଭିନ୍ନ ଅନୁଷ୍ଠାନ ଯଥା ଭାଗବତ ପ୍ରସାଦ ମହାନ୍ତି ଟ୍ରଷ୍ଟ ଓ ଗୋରକ୍ଷଣୀର ସଭାପତି, କେନ୍ଦ୍ରାପଡା ଅର୍ବାନ କୋପରେଟିଭ ବ୍ୟାଙ୍କ, ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟ ପରିଚାଳନା ସମିତିର ସଭ୍ୟ ଭାବରେ ସକ୍ରୀୟ ଅଂଶଗ୍ରହଣ କରିଥିଲେ । ସ୍ୱର୍ଗତ ବଟବାବୁଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋଚନା କରି ମୁଖ୍ୟ ଅତିଥି ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ଅର୍ବାନ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ସୁଶୀଲ କୁମାର ସାମଲ, ପ୍ରଫୁଲ୍ଲ କୁମାର ଦାସ, ବିଧୁଭୂଷଣ ମହାପାତ୍ର, ମୁକ୍ତାର ଖାଁ, ଇଶ୍ୱର ଚନ୍ଦ୍ର ପୃଷ୍ଟି, ଚୈତନ୍ୟ ସାହୁ, ସୁଶାନ୍ତ ପାତ୍ର, ଡେରାବିଶ ବ୍ଲକ ଅଧକ୍ଷ ସରୋଜକାନ୍ତ ସାହୁ, ରଘୁନାଥ ମହାନ୍ତି, ବିପିନ ବିହାରି ସାହୁ, ସତ୍ୟରଞ୍ଜନ ରାୟ, ରତିକାନ୍ତ କାନୁନଗୋ, ଦୟାନିଧି ଜେନା, କୃପାସିନ୍ଧୁ ସାହୁ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

# ଉତ୍ତରପ୍ରଦେଶରେ "ହୁନର ହାଟ"ର ଶୁଭାରମ୍ଭ କଲେ କେନ୍ଦ୍ରମନ୍ତ୍ରୀ

## "ହୁନର ହାଟ"ସ୍ୱଦେଶୀ ସାମଗ୍ରୀକୁ ବଡ ବ୍ୟବସାୟିକ ପେଣ୍ଠସ୍ଥଳିରେ ପରିଣତ କରିବ :ଧର୍ମେନ୍ଦ୍ର ପ୍ରଧାନ

ଉତରପ୍ରଦେଶ/ଭୁବନେଶ୍ୱର : ସାରା ଭାରତବର୍ଷରେ ସ୍ୱଦେଶୀ ସାମଗ୍ରୀର ବହୁଳ ବ୍ୟବହାର ତଥା ଭୋକାଲ ଫର୍ ଲୋକାଲକୁ ପ୍ରୋତ୍ସାହନ ଦେବା ପାଇଁ ଆଜାଦୀ କା ଅମୃତ ମହୋତ୍ସବ ଅନ୍ତର୍ଗତ ଦେଶରେ ଆୟୋଜନ ହେଉଥିବା "ହୁନର ହାଟ" ଆଗାମୀ ଦିନରେ ଦେଶରେ କାରିଗରଙ୍କ ଦ୍ୱାରା ଉତ୍ପାଦିତ ସ୍ୱଦେଶୀ ସାମଗ୍ରୀକୁ ବଡ ବ୍ୟବସାୟିକ ପେଣ୍ଠସ୍ଥଳିରେ ପରିଣତ କରିବ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଉତରପ୍ରଦେଶ ରାମପୁର ଠାରେ "ହୁନର ହାଟ"ର ଶୁଭାରମ୍ଭ କରିବା ଅବସରରେ ଶ୍ରୀ ପ୍ରଧାନ ଏହା କହିଛନ୍ତି । ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମନ୍ କି ବାତ୍ କାର୍ଯ୍ୟକ୍ରମରେ ହୁନର ତଥା କଳାତ୍ମକ ଓ କାରିଗରୀ କାର୍ଯ୍ୟ ସହ ଯୋଡି ହୋଇଥିବା ଲୋକଙ୍କ ପାଇଁ ଗର୍ବ କରିବାକୁ ଆହ୍ୱାନ କରିଛନ୍ତି । ଏହି ପରିପ୍ରେକ୍ଷୀରେ ସାରା ଦେଶରେ ହୁନର ହାଟର ଆୟୋଜନ କରାଯାଉଛି । ଏହି ମେଳା ମାଧ୍ୟମରେ ସମଗ୍ର ଭାରତ ବର୍ଷରେ ଶିଳ୍ପୀ, କାରିଗର ଓ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ସ୍ୱଦେଶୀ ସାମଗ୍ରୀକୁ ଏକ ସାଙ୍ଗରେ ଅଣାଯାଇଛି । ଭୋକାଲ୍ ଫର୍ ଲୋକାଲକୁ ପ୍ରୋତ୍ସାହନ ଦେବା ଏବଂ ଆମର ସଭ୍ୟତା ଓ ସଂସ୍କୃତିରେ ସମସ୍ତଙ୍କୁ ଯୋଡ଼ିବା ପାଇଁ ଏହା ଏକ ଭଲ ପ୍ରୟାସ ।ଦେଶର ପ୍ରତିଟି ଘରେ ଘରେ କାରିଗରୀ ଓ ହୁନର ଅଛି । କିନ୍ତୁ ଏହାକୁ ସମ୍ମାନ ଦେବା ସହ ଉତ୍କୃଷ୍ଟ ମାନର ସାମଗ୍ରୀ କିଭଳି ଉତ୍ପାଦନ ହୋଇପାରିବ ଏବଂ ଏହାକୁ ବଜାରରେ ଅଣାଯାଇ ଦେଶ ବିଦେଶରେ ମଧ୍ୟ ବିକ୍ରି କରାଯାଇପାରିବ ତାହା ଚାଲେଞ୍ଜ୍ ହୋଇଛି । ଏହି ପରିପ୍ରେକ୍ଷୀରେ ହୁନର ହାଟ୍ ଏହି ଚ୍ୟାଲେଞ୍ଜକୁ ସମାଧାନ କରିବା ଦିଗରେ ବଡ ଭୂମିକା ଗ୍ରହଣ କରିବ । ଦେଶର କୋଣ ଅନୁକୋଣର ଦକ୍ଷତାପୂର୍ଣ୍ଣ କାରିଗରଙ୍କୁ ବଜାର ଓ ରୋଜଗାର ସୁଯୋଗ ଯୋଗାଉଥିବା 'ହୁନର ହାଟ' ବିରଳ ଚମତ୍କାର ଦେଶୀ ହାତ ତିଆରି ସାମଗ୍ରୀର ଏକ ବିଶ୍ୱସନୀୟ ବିପଣନ କେନ୍ଦ୍ର ବୋଲି ସେ କହିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଦୀର୍ଘ ୩୪ ବର୍ଷ ପରେ ପ୍ରଣୟନ ହୋଇଥିବା ନୂଆ ଜାତୀୟ ଶିକ୍ଷା ନୀତିରେ ମଧ୍ୟ ପାଠପଢା ସହ ରୋଜଗାରକୁ ପ୍ରାଥମିକତା ଦିଆଯାଇଛି । ଆଗାମୀ ଦିନରେ ରାଷ୍ଟ୍ରୀୟ ଶିକ୍ଷା ନୀତି ଶିଳ୍ପୀକାରତଥା କାରିଗରୀଙ୍କୁ ଅଧିକ ରୋଜଗାର ସହ ଆତ୍ମସମ୍ମାନ ପ୍ରଦାନ କରିବ । ଅପରପକ୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଉତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସରକାର ସମସ୍ତ ବର୍ଗ ବିଶେଷ ଭାବରେ ସଂଖ୍ୟାଲଘୁ ଲୋକଙ୍କ କଲ୍ୟାଣକୁ ଧ୍ୟାନ ଦେଇଛନ୍ତି । ଉତରପ୍ରଦେଶକୁ ଆତ୍ମନିର୍ଭର କରିବା ପାଇଁ, କଲ୍ୟାଣକାରୀ ନୀତିଙ୍କୁ ଲୋକଙ୍କ ପାଖରେ ପହଁଚାଇବା ପାଇଁ ମୋଦି ସରକାର ସଂକଳ୍ପବଦ୍ଧ । ଉଲ୍ଲେଖଯୋଗ୍ୟ, ରାମପୁରରେ ଆୟୋଜିତ "ହୁନର ହାଟ"ରେ କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ ମୁଖତାର ଆବାସ ନକଭି ଏବଂ କେନ୍ଦ୍ର ରାଷ୍ଟ୍ର ସଂସଦୀୟ ବ୍ୟାପାର ଓ ସଂସ୍କୃତି ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ସାମିଲ ହୋଇଥିଲେ । ଏହି ଅବସରରେ ଶ୍ରୀ ପ୍ରଧାନଙ୍କ କରକମଳରେ ଦେଶର ପ୍ରଥମ ବିଶ୍ୱକର୍ମା ବାଟିକା ଲଗାଯାଇଥିଲା । ବିଶ୍ୱକର୍ମା ବାଟିକା ଭଳି ଅଭିନବ ପଦକ୍ଷେପ ଦ୍ୱାରା ଲୋକମାନେ ସ୍ୱଦେଶୀ କାରିଗରୀ ଏବଂ ଅନ୍ୟ ପରମ୍ପରାଗତ କାରିଗରଙ୍କ କୌଶଳକୁ ବୁଝିପାରିବେ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ମତବ୍ୟକ୍ତ କରିଥିଲେ ।

# ଜାପାନ-ଓଡ଼ିଶା ପୁଞ୍ଜିନିବେଶ ସେମିନା : ଜାପାନ ପୁଞ୍ଜିନିବେଶକାରୀଙ୍କୁ ସମସ୍ତ ପ୍ରକାର ସକ୍ରିୟ ସହଯୋଗ ଯୋଗାଇ ଦିଆଯିବ :ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର : ଜାପାନ-ଓଡ଼ିଶା ଶିଳ୍ପ ଏବଂ ବ୍ୟବସାୟିକ ସଂପର୍କ କ୍ଷେତ୍ରରେ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ଇତି ମଧ୍ୟରେ ଜାପାନ-ଓଡ଼ିଶା ପୁଞ୍ଜିନିବେଶ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ଲୋକସେବା ଭବନରୁ ଉଭୟ ଡ଼ିଜିଟାଲ୍ ଏବଂ ବାସ୍ତବ ଆକାରରେ ଆୟୋଜିତ ଏହି ଆଲୋଚନା ଚକ୍ରରେ ଅଧକ୍ଷତା କରି ରାଜ୍ୟ ଶିଳ୍ପ, କ୍ଷୁଦ୍ର ଅଣୁ ଓ ମଧ୍ୟମ ଉଦ୍ୟୋଗ ଏବଂ ଶକ୍ତି ମନ୍ତ୍ରୀ କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ର କହିଥିଲେ ଯେ ଜାପାନ ସହ ଓଡ଼ିଶାର ବ୍ୟବସାୟିକ ସହଭାଗିତା ଆଗାମୀ ଦିନରେ ଦୃଢ଼ତର ଓ ଚିରସ୍ଥାୟୀ ହେବ । ଆଲୋଚନା ଚକ୍ରରେ ମୁଖ୍ୟତଃ ଓଡ଼ିଶାରେ ଜାପାନୀ ଶିଳ୍ପପତିମାନଙ୍କର ପୁଞ୍ଜିନିବେଶ ପାଇଁ ରହିଥିବା ସମ୍ଭାବନା ଓ ସମ୍ବଳ ବିଷୟରେ ବ୍ୟାପକ ଆଲୋଚନା ହୋଇଥିଲା । ଆଲୋଚନାରେ ଅଂଶଗ୍ରହଣ କରି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଥିଲେ ଯେ ଓଡ଼ିଶାରେ ପୁଞ୍ଜିନିବେଶ ଏବଂ ବ୍ୟବସାୟ ଅନୁକୂଳ ବାତାବରଣ ବହୁଭାବେ ବିକଶିତ ହୋଇଛି । ବିଗତ ବର୍ଷମାନଙ୍କରେ ଆର୍ସେଲର ମିତଲ୍, ନିପନ୍ ଷ୍ଟିଲ୍ସ, ଟି.ଆର.ଏଲ୍, କ୍ରୋସାକି ଆଦି ଜାପାନୀ ଶିଳ୍ପ ସଂସ୍ଥାମାନେ ଓଡ଼ିଶାରେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି । ଅନୁମୋଦିତ ପୁଞ୍ଜିନିବେଶ ପ୍ରକଳ୍ପଗୁଡ଼ିକୁ ସକ୍ରିୟ ସହଯୋଗ ଯୋଗାଇବା ନିମନ୍ତେ ରାଜ୍ୟ ପ୍ରଶାସନ ସଦା ପ୍ରସ୍ତୁତ ଅଛି । ରାଜ୍ୟରୁ ବ୍ଲକ ଓ ତହସିଲ ସ୍ତର ପର୍ଯ୍ୟନ୍ତ ସରକାରୀ ଅଧିକାରୀମାନେ ବିକାଶ ଓ ଅଭିବୃଦ୍ଧିର ସହାୟକ ଭାବେ କାର୍ଯ୍ୟ କରୁଛନ୍ତି । ଜାପାନର ପୁଞ୍ଜିନିବେଶ କାରୀମାନଙ୍କୁ ପ୍ରକଳ୍ପ ପ୍ରସ୍ତାବ ଅନୁମୋଦନଠାରୁ ଆରମ୍ଭ କରି ଶିଳ୍ପ ପ୍ରତିଷ୍ଠା, ଅବ୍ୟାହତ ଉତ୍ପାଦନ ଓ ବିପଣୀ ନିମନ୍ତେ ସବୁ ପ୍ରକାରର ସହଯୋଗ ନିଶ୍ଚିତ କରାଯିବ ବୋଲି ଶ୍ରୀ ମହାପାତ୍ର କହିଥିଲେ । ଭାରତର ବୈଦେଶିକ ଶାସନ ସଚିବ ହର୍ଷବର୍ଦ୍ଧନ ସିଂଗଲା କହିଥିଲେ ଯେ ଓଡ଼ିଶାରେ ଜାପାନୀ ପୁଞ୍ଜିନିବେଶ ପାଇଁ ବ୍ୟାପକ ସୁଯୋଗ ରହିଛି । ବ୍ୟାପକ ଶିଳ୍ପଭିତିଭୂମି, ରାଜନୈତିକ ଇଚ୍ଛାଶକ୍ତି, ଏକ ସକ୍ରିୟ ପ୍ରଶାସନିକ ବ୍ୟବସ୍ଥା ଏବଂ ପର୍ଯ୍ୟାପ୍ତ ପ୍ରାକୃତିକ ସମ୍ବଳ ଓଡ଼ିଶାରେ ଶିଳ୍ପକରଣକୁ ତ୍ୱରାନ୍ୱିତ କରିଛି । ଓଡ଼ିଶାରେ ଜାପାନୀ ପୁଞ୍ଜିନିବେଶ ପାଇଁ ଭାରତ ସରକାରଙ୍କ ପକ୍ଷରୁ ଆବଶ୍ୟକୀୟ ସହଯୋଗ ଯୋଗାଇ ଦିଆଯିବ ।ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ କୁମାର ଶର୍ମା ଜଣାଇଥିଲେ ଯେ ଶିଳ୍ପ ଏବଂ ବିଭିନ୍ନ ପ୍ରକାର ସେବା ଯୋଗାଣ ଓଡ଼ିଶା ଆର୍ଥିକ ବ୍ୟବସ୍ଥାର ପ୍ରମୁଖ ଅଙ୍ଗ । ଏହି ଦୁଇକ୍ଷେତ୍ର ମିଳିତ ଭାବେ ସମୁଦାୟ ଘରୋଇ ଉତ୍ପାଦନର ପ୍ରାୟ ୮୦% ଭାଗ ଗଠନ କରନ୍ତି । ଇସ୍ପାତ, ଇସ୍ପାତ-ପ୍ରକ୍ରିୟାକରଣ, ଆଲୁମୁନିଅମ୍, ଆଲୁମୁନିଅମ୍-ପ୍ରକ୍ରିୟାକରଣ, ରାସାୟନ, ପେଟ୍ରୋକେମିକାଲ୍ସ, ସାମୁଦ୍ରିକ ଖାଦ୍ୟ ପ୍ରକ୍ରିୟାକରଣ, ବୈଦୁତିକ ଯନ୍ତ୍ରପାତି ଓ ଉପକରଣ ଏବଂ ମଟରଯାନ ଉତ୍ପାଦନ ଆଦି କ୍ଷେତ୍ରରେ ଜାପାନୀ ପୁଞ୍ଜିନିବେଶର ସୁଯୋଗ ରହିଛି । ଓଡ଼ିଶାରେ ଏକକ ବାତାୟନ, ଗୋ-ସ୍ୱିଫ୍ଟ ପୋର୍ଟାଲ୍ ଏବଂ ଅନ୍‌ଲାଇନ୍ ପୋର୍ଟାଲ୍ ମାଧ୍ୟମରେ ପୁଞ୍ଜିନିବେଶ ପ୍ରସ୍ତାବ ଦାଖଲ, ଅନୁମୋଦନ, ବିଭିନ୍ନ ପ୍ରକାର ଆଇନଗତ ଅନୁମତି, କ୍ଷମତାପତ୍ର, ଶିଳ୍ପ ପ୍ରତିଷ୍ଠା, ଉତ୍ପାଦନ, ପରିବହନ ଓ ବିପଣୀ ନିମନ୍ତେ ଯୋଗାଇ ଦିଆଯାଉଥିବା ସହଯୋଗ ବିଷୟରେ ଶ୍ରୀ ଶର୍ମା ସବିଶେଷ ସୂଚନା ଦେଇଥିଲେ । ଭାରତରେ ଜାପାନର ରାଷ୍ଟ୍ରଦୁତ ସତୋସି ସୁଜୁକୀଙ୍କ ନେତୃତ୍ୱରେ ଜାପାନର ଉଦ୍ୟୋଗପତିମାନେ ଏହି ଆଲୋଚନା ଚକ୍ରରେ ଅଂଶଗ୍ରହଣ କରିଥିଲେ । ବର୍ତ୍ତମାନ ଓଡ଼ିଶାରେ ସୃଷ୍ଟି ହୋଇଥିବା ନୂଆ ଶିଳ୍ପ ଓ ବ୍ୟବସାୟିକ ବାତାବରଣ ଜାପାନୀ ପୁଞ୍ଜିନିବେଶକୁ ସଫଳ କରିବାରେ ଅନେକ ସହାୟକ ହେବ ବୋଲି ଶ୍ରୀ ସୁଜୁକୀ କହିଥିଲେ । ବିଭିନ୍ନ ସଂସ୍ଥାର ଶିଳ୍ପଦ୍ୟୋଗୀମାନେ ମୁଖ୍ୟତଃ ଓଡ଼ିଶାର ଶିଳ୍ପ ଭିତିଭୂମି, ଶାନ୍ତିପୂର୍ଣ୍ଣ ଶିଳ୍ପୀକରଣ ପ୍ରକ୍ରିୟା, ଏକକ-ବାତାୟନ ବ୍ୟବସ୍ଥା, ସହଯୋଗୀ ପ୍ରଶାସନିକ ବ୍ୟବସ୍ଥା, ରାଜନୈତିକ ସ୍ଥିରତା, କୁଶଳୀ ମାନବ ସମ୍ବଳ, କମ୍ ଖର୍ଚ୍ଚରେ ଗୁଣାତ୍ମକ ଉତ୍ପାଦନ ସୁବିଧା, ବନ୍ଦର, ରେଳ, ରାଜପଥ ଏବଂ ବିମାନ ଯୋଗାଯୋଗ ଆଦିର ଉଚ୍ଚ ପ୍ରଶଂସା କରିଥିଲେ । ଜାପାନର ପ୍ରାୟ ୧୦ ଜଣ ବଡ଼ ବଡ଼ ଶିଳ୍ପପତି ଏହି ଆଲୋଚନାଚକ୍ରରେ ଯୋଗଦେଇ ବରିଷ୍ଠ ପ୍ରଶାସନିକ ଅଧିକାରୀମାନଙ୍କ ସହ ସିଧା ସଳଖ ଆଲୋଚନା କରିଥିଲେ । ଇପିକଲର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକଭୁପେନ୍ଦ୍ର ସିଂ ପୁନିଆ ସମୁଦାୟ ଆଲୋଚନାଚକ୍ରର ସଂଯୋଜନା କରିଥିଲେ । ଶିଳ୍ପାନ୍ୱୟନ ସହ ସଂପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ଆଲୋଚନାରେ ଆବଶ୍ୟକ ତଥ୍ୟ ଉପସ୍ଥାପନ କରିଥିଲେ ।

# ଭୂମିହୀନଙ୍କୁ ଜାଗା ପ୍ରମାଣ ପତ୍ର ପ୍ରଦାନ




ଯୋଡା,(ପିଏନ)- କେନ୍ଦୁଝର ଜିଲ୍ଲା ଯୋଡା ପୌରପାଳିକାରେ ଜାଗାମିଶନ ଯୋଜନାରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମଙ୍ଗଳବାର ପୂର୍ବାହ୍ନରେ ଓଡିଶା ସରକାରଙ୍କ ଜାଗା ମିଶନ୍ ଯୋଜନା ଶ୍ରେଣୀରେ ଅନ୍ତର୍ଭୁକ୍ତ ହିତାଧିକାରୀ ମାନଙ୍କୁ ଏହି ଅବସରରେ ଜମି ପ୍ରମାଣପତ୍ର ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଚମ୍ପୁଆ ବିଧାୟିକା ମୀନାକ୍ଷୀ ମହାନ୍ତ ଯୋଗ ଦେଇଥିବା ବେଳେ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣୀ ପାଟଯୋଶୀ, ଯୋଡା ବିକାଶ ପରିଷଦର ସଭାପତି ନିରଞ୍ଜନ ବହିଦାର, ପୂର୍ବତନ ଉପ-ନଗରପାଳ ସୁରେନ୍ଦ୍ରନାଥ ଜେନା ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଯୋଡା ପୌରପାଳିକାର ୧୪ଟି ୱାର୍ଡରେ ସମୁଦାୟ ୬୨୧୬ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି । ମଙ୍ଗଳବାର ଦିନ ତନ୍ମଧ୍ୟରୁ ବନେଇକଳା ଠାରେ ୧୭୫ ଜଣଙ୍କୁ ଭୂମିହୀନଙ୍କୁ ଜାଗା ପ୍ରମାଣପତ୍ର ପ୍ରଦାନ କରାଯାଇଥିବା ନିର୍ବାହୀ ଅଧିକାରୀ ଶ୍ରୀ ପାଟଯୋଶୀ ସୂଚନା ଦେଇଛନ୍ତି । ଏହି ଜମି ଗୁଡିକ ୩୨୩ ବର୍ଗ'ଫୁଟ୍‌ରୁ ସର୍ବାଧିକ ୪୮୦ ବର୍ଗଫୁଟ ମଧ୍ୟରେ ଯୋଗାଇ ଦିଆଯିବ । ପରେ ଜାଗା ପ୍ରମାଣ ପତ୍ର ଦେବା ପରେ ଭୂମି ଅଧିକାର ପତ୍ର ଓ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧମୁକ୍ତ ଋଣ ଯୋଗାଇ ଦେବାର ସରକାରୀ ଯୋଜନା ରହିଥିବା ନିର୍ବାହୀ ଅଧିକାରୀ ପ୍ରକାଶ କରିଥିଲେ ।

## ଅଚିହ୍ନା ଯୁବକଙ୍କ ଶବ ଉଦ୍ଧାର କଲା ପୋଲିସ

ଖୋର୍ଦ୍ଧା, (ପିଏନ): ଖୋର୍ଦ୍ଧା ଆଦର୍ଶ ଥାନା ଅ'ର୍ଗତ ପାନବରଜ ବେରୁହାଁ ରାସ୍ତାର ଆର୍ଯ୍ୟଭଟ୍ଟ ବିଦ୍ୟାଳୟ ନିକଟ ପୋଖରୀରୁ ୩୫ ବର୍ଷର ଏକ ଅଚିହ୍ନା ଯୁବକଙ୍କ ଶବ ଭାସୁଥିବାର ଖବର ପାଇ ପୋଲିସ ସାଇଣ୍ଟିଫିକ ଟିମ ସହ ପହଂଚି ତଦ' ଆରମ୍ଭ କରିଥିଲେ ।ଯୁବକ ଜଣକ ଧୂସର ବର୍ଣ୍ଣର ସ୍ୱୋଟିଂ ଗଞ୍ଜି,କଳା ଫୁଲପ୍ୟାଂଟ ,ଟାଟୁ ସହ ହାତରେ ସୋନୁ ଲେଖା ହୋଇଛି । ଏ ନେଇ ଅପମୃତ୍ୟୁ ମାମଲା ରୁଜୁ କରି ପରିଚୟ ପାଇବା ପାଇଲା ପରେ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜଣାପଡିଛି ।

## କରୋନାରୁ ସୁସ୍ଥ ହେଲେ ୫୬୨

ଭୁବନେଶ୍ୱର : ରାଜ୍ୟରେ କରୋନା ସଂକ୍ରମଣରୁ ଆଉ ୫୬୨ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଏଥି ସହିତ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୨୧ ହଜାର ୭୪୨ରେ ପହଂଚିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ୍ ଜରିଆରେ ଏହି ସୂଚନା ଦିଆଯାଇଛି ।ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁଯାୟୀ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୨୭୯ ଜଣ ସୁସ୍ଥ ହୋଇଥିବା ବେଳେ କଟକ ଜିଲ୍ଲାରୁ ୬୯ ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି । ଯାଜପୁରରୁ ୨୪, ମୟୂରଭଂଜରୁ ୨୨, ଜଗତସିଂହପୁରରୁ ୧୯, କେନ୍ଦ୍ରାପଡ଼ାରୁ ୧୪, ପୁରୀରୁ ୧୨, ବାଲେଶ୍ୱରରୁ ୧୧, ସମ୍ବଲପୁରରୁ ୭, ଢେଙ୍କାନାଳ ଓ ସୁନ୍ଦରଗଡ଼ରୁ ୬ ଜଣ ଲେଖାଏଁ କରୋନାରୁ ସୁସ୍ଥ ହୋଇଛନ୍ତି ।

# ବରମୁଣ୍ଡାରେ ଅର୍ଥୋ, ସ୍ପାଇନ୍ କେୟାର କ୍ଲିନିକ୍ ଉଦ୍‌ଘାଟିତ



ଭୁବନେଶ୍ୱର : ରାଜ୍ୟ ରାଜଧାନୀର ବରମୁଣ୍ଡାଠାରେ ଅର୍ଥୋ, ସ୍ପାଇନ୍ କେୟାର ନାମକ ଏକ ଅତ୍ୟାଧୁନିକ ଚିକିତ୍ସା ସୁବିଧା ସମ୍ପନ୍ନ କ୍ଲିନିକ୍ ଉଦ୍‌ଘାଟିତ ହୋଇଯାଇଛି । ଏଠାରେ ଆଣ୍ଠୁ, ଗଣ୍ଠି, ମଜ୍ଜା ଏବଂ ମେରୁଦଣ୍ଡ ସମ୍ପର୍କୀୟ ବିଭିନ୍ନ ରୋଗର ବିଶ୍ୱସ୍ତରୀୟ ଚିକିତ୍ସା ଉପଲବ୍ଧ ହେବ ବୋଲି ଜଣାଯାଇଛି । ଓଡ଼ିଶାର ଉଦୀୟମାନ ଓ ପାରଦର୍ଶୀ ଅସ୍ଥିଶଲ୍ୟ ଓ ମେରୁଦଣ୍ଡ ବ୍ୟାଧୀ ବିଶେଷଜ୍ଞ ଓ ଅସ୍ତ୍ରୋପଚାରକ ଡକ୍ଟର ପୁଷ୍ପକ ସାମଲ ଏହି କ୍ଲିନିକ୍‌ର ପ୍ରତିଷ୍ଠାତା ଓ ମୁଖ୍ୟ ଚିକିତ୍ସକ ଅଟନ୍ତି । ତାଙ୍କ ସହିତ ଉକ୍ତ କ୍ଲିନିକ୍‌ରେ ଡକ୍ଟର ପ୍ରିୟବ୍ରତ ଦାସ, ଡକ୍ଟର ପି.କେ. କର, ଡକ୍ଟର ସୁମନ ସୌରଭ ରାଉତ ଏବଂ ଡକ୍ଟର ଆଲୋକ କୁମାର ଜେନା ପ୍ରମୁଖ ବିଶିଷ୍ଟ ଡାକ୍ତରମାନେ ରୋଗୀମାନଙ୍କୁ ଚିକିତ୍ସା କରିବେ ବୋଲି ପ୍ରାପ୍ତ ସୂଚନାରୁ ପ୍ରକାଶ । ଡକ୍ଟର ପୁଷ୍ପକ ସାମଲ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଏମ୍‌କେସିଜି ମେଡିକାଲ କଲେଜରୁ ଏମ୍‌ବିବିଏସ୍ ଡିଗ୍ରୀ, କଟକସ୍ଥିତ ଏସ୍‌ସିବି ମେଡିକାଲ କଲେଜରୁ 'ମାଷ୍ଟର ଇନ୍ ସର୍ଜରୀ' ଡିଗ୍ରୀ ଏବଂ ପିଜିଆଇ ଚଣ୍ଡିଗଡ଼ରୁ ଅର୍ଥୋପେଡିକ୍ ବିଭାଗରେ ସିନିୟର୍ ରେସିଡେନ୍ସିପ୍ ହାସଲ କରିବା ପରେ ସେଓଲସ୍ଥିତ ଦକ୍ଷିଣ କୋରିଆ ବିଶ୍ୱବିଦ୍ୟାଳୟରୁ ଅର୍ଥୋପେଡିକ୍ ଟ୍ରାଓମା ବିଭାଗରେ ଫେଲୋସିପ୍ ପ୍ରାପ୍ତ କରିବାର ଯୋଗ୍ୟତା ଅର୍ଜନ କରିଛନ୍ତି । ବର୍ତ୍ତମାନ 'ସୋମ୍ ଅଲ୍‌ଟିମେଟ୍ ମେଡିକେୟାର' ଏବଂ 'ପାରାଦ୍ୱୀପ ପୋର୍ଟ ଟ୍ରଷ୍ଟ' ହସ୍‌ପିଟାଲରେ ପରାମର୍ଶଦାତା ଭାବରେ କାର୍ଯ୍ୟରତ, ଡକ୍ଟର ସାମଲ ଜଣେ ଅର୍ଥୋପେଡିକ୍ ଓ ସ୍ପାଇନ୍ ସର୍ଜନ ଭାବରେ ବେଶ୍ ସୁନାମ ଅର୍ଜନ କରିଛନ୍ତି । ବିଶେଷ କରି ଅର୍ଥୋପେଡିକ୍ ଟ୍ରାଓମା, ସ୍ପାଇନାଲ୍ ସର୍ଜରୀ, ଜଏଣ୍ଟ ରିପ୍ଲେସ୍‌ମେଣ୍ଟ ସର୍ଜରୀ, ସ୍ପୋଟ୍‌ସ ମେଡିସିନ୍ ଓ ଆର୍ଥ୍ରୋସ୍କୋପିକ୍ ସର୍ଜରୀ ବାବଦରେ ଡକ୍ଟର ସାମଲ ଖୁବ୍ ନିପୁଣତା ହାସଲ କରିଛନ୍ତି । ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ବରିଷ୍ଠ ସାମ୍ବାଦିକ ଏବଂ ବିଶ୍ୱ ଓଡ଼ିଶା ସମାଜର ଅଧ୍ୟକ୍ଷ କିଶୋର ଦ୍ୱିବେଦୀ ଯୋଗ ଦେଇ ପାରମ୍ପରିକ ଭାବେ ଫିତା କାଟି କ୍ଲିନିକ୍‌ର ଶୁଭ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ସମ୍ମାନିତ ଅତିଥି ଭାବରେ ପୁରୀ ଶ୍ରୀମନ୍ଦିରର ଦଇତାପତି ଅମିତ ଦାସମହାପାତ୍ର ଏବଂ 'ଓ'ଟିଭିର ପ୍ରାର୍ଥନା ଚାନେଲର କାର୍ଯ୍ୟକ୍ରମ ପ୍ରଯୋଜକ ଅଭିନନ୍ଦନ ଦାସ ଯୋଗଦେଇଥିଲେ । ଉପସ୍ଥିତ ମାନ୍ୟଗନ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ଡକ୍ଟର ପୁଷ୍ପକ ସାମଲଙ୍କର ଶିକ୍ଷକ ମନୋଜ ଦାସ, ଡକ୍ଟର ସାମଲଙ୍କର ପତ୍ନି ସସ୍ମିତା ସାମଲ, ମୁଣ୍ଡଳୀସ୍ଥିତ ନବୋଦୟ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନମିତା ପଣ୍ଡା, ଡକ୍ଟର ସୁମନ ସୌରଭ ରାଉତ, ଡକ୍ଟର ସଂଗ୍ରାମ ମହାପାତ୍ର, ଡକ୍ଟର ସନ୍ତୋଷ ସ୍ୱାଇଁ, ଡକ୍ଟର ଗୌତମ ଜେନା, ଡକ୍ଟର ଆଶିଷ ବିଶ୍ୱାଳ, ଡକ୍ଟର ପ୍ରିୟବ୍ରତ ଦାସ, ଡକ୍ଟର ଏନ୍. ଜଗଜିତ୍, ଡକ୍ଟର ଶ୍ରୀକାନ୍ତ ସାହୁ ଓ ଡକ୍ଟର ଅବିନାଶ ରାଉତରାୟ ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ ।

# ମନୀଷ ଅନୁରାଗ ହତ୍ୟା ମାମଲା : ୪ ଦିନିଆ ରିମାଣ୍ଡରେ ଯିବେ ୩ ଅଭିଯୁକ୍ତ

ଭୁବନେଶ୍ୱର: ବରିଷ୍ଠ ସାମ୍ବାଦିକ ନବୀନ ଦାସଙ୍କ ପୁଅ ମନୀଷ ଅନୁରାଗ ହତ୍ୟା ମାମଲାରେ ୩ ଅଭିଯୁକ୍ତଙ୍କୁ ୪ ଦିନିଆ ରିମାଣ୍ଡରେ ନେବ ଇନ୍‌ଫୋସିଟି ପୋଲିସ । ଆସନ୍ତାକାଲି ଠାରୁ ୩ ଅଭିଯୁକ୍ତ ଅମୃତ ବିଶ୍ୱାଳ, ଦୀନେଶ ମହାପାତ୍ର ଓ ମୃତ୍ୟୁଞ୍ଜୟ ମହାପାତ୍ରଙ୍କୁ ରିମାଣ୍ଡରେ ନେବା ଲାଗି ଭୁବନେଶ୍ୱର ଜେଏମ୍‌ଏଫ୍‌ସି କୋର୍ଟ ଅନୁମତି ଦେଇଛନ୍ତି । ଏମାନଙ୍କୁ ୫ ଦିନିଆ ରିମାଣ୍ଡରେ ନେବାକୁ କମିଶନରେଟ୍ ପୋଲିସ୍ ଆବେଦନ କରିଥିଲା ।ଗତକାଲି ଭୁବନେଶ୍ୱର ଡିସିପି ଉମାଶଙ୍କର ଦାଶ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଥିଲେ ଯେ ଘଟଣା ଦିନ ରାତିରେ ମନୀଷ ଅମୃତ, ଦିନେଶ ଓ ମୃତ୍ୟୁଞ୍ଜୟଙ୍କ ସହ ପାତ୍ରପଡାରେ ଥିବା ହୋଟେଲକୁ ଯାଇଥିଲେ । ହୋଟେଲରେ ବିଲ୍ ପେମେଂଟକୁ ନେଇ ପାଟିତୁଣ୍ଡ ହୋଇଥିଲା । ହୋଟେଲ ବାହାରେ ମନୀଷକୁ ତାଙ୍କ ବନ୍ଧୁମାନେ ଆକ୍ରମଣ କରିଥିଲେ । ଗଣ୍ଡଗୋଳ ଏବଂ ଠେଲାପେଲା ଯୋଗୁଁ ମନୀଷଙ୍କ ମୃତ୍ୟୁ ଘଟିଥିଲା । ତାପରେ ସେମାନେ ପ୍ରମାଣ ନଷ୍ଟ ଲାଗି ମନୀଷଙ୍କ ମୃତଦେହକୁ ନିକଟସ୍ଥ ପୋଖରୀରେ ଫିଙ୍ଗିଦେଇ ଚାଲିଯାଇଥିଲେ । ଗତ ୧୦ ତାରିଖରେ ଭୁବନେଶ୍ୱରର ପାତ୍ରପଡ଼ା ଗାଁ ପୋଖରୀରେ ଭାସୁଥିବା ଅବସ୍ଥାରେ ମନୀଷଙ୍କ ମୃତଦେହ ସନ୍ଦେହଜନକ ଅବସ୍ଥାରେ ଉଦ୍ଧାର ହୋଇଥିଲା ।

## ସ୍ୱେଚ୍ଛାସେବୀ ଯୁବକ ସଂଘର ରକ୍ତଦାନ ଶିବିର, ୧୪ ୟୁନିଟ ରକ୍ତ ସଂଗ୍ରହ

ଖୋର୍ଦ୍ଧା,(ପିଏନ): ଖୋର୍ଦ୍ଧା ଜିଲ୍ଲା ବଙ୍ଗିଦା ପଂଚାୟତ ଅ'ର୍ଗତ ଆଡଖଣ୍ଡିଆ ଗ୍ରାମରେ ରବିବାର ଦିନ ପୂର୍ବାହ୍ନରେ ଅଗ୍ରଣୀ ସ୍ୱେଚ୍ଛାସେବୀ ଯୁବକ ସଂଘ ଓ ଜୟ ପୁର୍ଣ୍ୟ ଉତ୍କଳ ପକ୍ଷରୁ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା । ଏହି ଶିବିରରୁ ମୋଟ ୧୪ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । ଏଥିରେ ଓଡିଶା ନୟାଗଡ ରକ୍ତଭଣ୍ଡାର ଅଧିକାରୀ ଡାକ୍ତର ଅଜୟ କୁମାର ବାହିନୀପତି, କାଉନସେଲର ଅଜୟ କୁମାର ପଟ୍ଟନାୟକ, ଲାବଟେକନିସିଆନ ପ୍ରକାଶ କୁମାର ପାଣିଗ୍ରାହୀ,ସରୋଜ କୁମାର ସାହୁ ଓ ସହାୟକ ଫଂଚୁ ଦଳେଇ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ ।

# ସଂରକ୍ଷିତ ଜଙ୍ଗଲରୁ ଟ୍ରାକ୍ଟର ଜବତ୍ କରି ବନବିଭାଗ ଛାଡିଦେଲା

କେନ୍ଦୁଝର(ପିଏନ)- କେନ୍ଦୁଝର ସଦର ରେଞ୍ଜ ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲ ଅନ୍ତର୍ଗତ ଭାଲଘର ନାଳରୁ ବେଆଇନଭାବେ ବାଲି ଲୋଡ କରୁଥିବା ଏକ ଟ୍ରାକ୍ଟରକୁ ବନ ବିଭାଗ ଜବତ୍ କରି ପରେ ଛାଡି ଦେବା ଚର୍ଚ୍ଚାର ବିଷୟ ହୋଇଛି । ଟାଉନ ଫରେଷ୍ଟ ସେକ୍ସନ ଅନ୍ତର୍ଗତ ସଂରକ୍ଷିତ ଜଙ୍ଗଲ ଭିତରେ ଥିବା ଭାଲୁଘର ନାଳରୁ ଗୁରୁବାର ଅପରାହ୍ନରେ ବାଲି ଚୋରୀ ହେଉଥିବା ଖବର ପାଇ ସଦର ରେଞ୍ଜର ଅରବିନ୍ଦ ନାୟକ,ଟାଉନ ଫରେଷ୍ଟର ଭୂପତି ସେଠୀ,ବେଲଦା ଫରେଷ୍ଟ ଗାର୍ଡ ମିତ୍ରଭାନୁ ନାୟକ ଅନ୍ୟ ବନ କର୍ମଚାରୀଙ୍କ ସହ ଘଟଣାସ୍ଥଳକୁ ଯାଇ ବାଲି ବୋଝେଇ ଟ୍ରାକ୍ଟର ଗାଡି ଜବତ୍ କରିଥିଲେ । ପରେ ଜବତ୍ ଟ୍ରାକ୍ଟରକୁ ନରଣପୁର ଫରେଷ୍ଟ ଡିପୋରେ ରଖାଯାଇଥିଲା । ତେବେ ଶନିବାର ଦିନ ଭୋର ସମୟରେ ବନ କର୍ମଚାରୀ ଏବଂ ମାଫିଆ ମଧ୍ୟରେ ମୂଳଚାଲ ହେବା ପରେ ଉକ୍ତ ଗାଡିକୁ ଛାଡି ଦିଆଯାଇଥିବା ଅଭିଯୋଗ ହୋଇଛି । ନରଣପୁର ଫରେଷ୍ଟ ଡିପୋ ଭିତରେ ଥିବା ଟ୍ରାକ୍ଟର ଜବତ୍ ସମୟରେ ରେଜିଷ୍ଟ୍ରର ରେ ଲେଖା ଯାଇନଥିବାବେଳେ ସିଜର ଲିଷ୍ଟ କରାଯାଇନାହିଁ । ତେବେ ବିନା ଜିମାନାମରେ ଗାଡି କିପରି ଛଡା କିପରି ଛଡାଗଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏ ନେଇ ଏସିଏଫ ଘନଶ୍ୟାମ ମହାନ୍ତଙ୍କ ସହ ଯୋଗଯୋଗ କରିବାରୁ ଗାଡି ଜବତ୍ ସମୟରେ ମୋତେ ଅବଗତ କରିନଥିବା କହିଛନ୍ତି । ଡିଏଫଓ ସ୍ୱୟମ ମଲ୍ଲିକଙ୍କ ସହ ଯୋଗାଯୋଗ କରିବାରୁ ଘଟଣାର ତଦନ୍ତ ପରେ ପଦକ୍ଷେପ ନିଆଯିବ । ସଦର ରେଞ୍ଜର ଅରବିନ୍ଦ ନାୟକଙ୍କ ସହ ଯୋଗଯୋଗ କରିବାରୁ ଜବତ୍ ଗାଡିର କାଗଜପତ୍ର ଯାଂଚ ପରେ ଛାଡି ଦିଆଯାଇଥିବା ପ୍ରକାଶ କରିଛନ୍ତି । ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲ ଏବଂ ମଇଦାନକେଲ,ରଘୁନାଥପୁର ଏବଂ ନରଣପୁର ସଂରକ୍ଷିତ ଜଙ୍ଗଲରୁ ଲଘୁ ଖଣିଜ ସମ୍ପଦ ଅବାଧରେ ଚୋରୀ ହେଉଥିଲେ ହେଁ ବନ ବିଭାଗ ଜାଣି ଚୁପ ରହୁଥିବା ଅଭିଯୋଗ ହୋଇଛି । ସଂରକ୍ଷିତ ଜଙ୍ଗଲ ଭିତରେ ରାସ୍ତା କରି ମାଫିଆମାନେ ଜଙ୍ଗଲ ଧ୍ୱଂସ କରି ବାଲି,ପଥର,ମୋରମ ଚୋରୀ କରୁଥିବାବେଳେ ବନ ବିଭାଗ ନୀରବଦ୍ରଷ୍ଟା ରହୁଛି । ଏପରିକି ଉପରସ୍ଥ ଅଧିକାରୀ ନିୟମିତ ସଂରକ୍ଷିତ ଜଙ୍ଗଲ ପରିଦର୍ଶନରେ ଯାଉନଥିବାରୁ ଏହାର ସୁଯୋଗରେ ତଳତଳିଆ କର୍ମଚାରୀ ମାଫିଆଙ୍କ ସଲାସୁତୁରାରେ ଲଘୁ ଖଣିଜ ସମ୍ପଦ ଲୁଟ କାର୍ଯ୍ୟକୁ ପ୍ରୋତ୍ସାହନ କରୁଛନ୍ତି ।



# ମୋ ଓଡ଼ିଶା

## ପଞ୍ଚାୟତ ନିର୍ବାଚନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସଂରକ୍ଷଣ ଚିଠା ପ୍ରକାଶ

କେନ୍ଦ୍ରାପଡା (ପିଏନ୍): ଆଗାମୀ ୨୦୨୨ ମସିହା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ କେନ୍ଦ୍ରାପଡା ଜିଲ୍ଲାର ୯ଟି ବ୍ଲକ ନିମନ୍ତେ ଜିଲ୍ଲା ପରିଷଦ ସଭ୍ୟ, ପଞ୍ଚାୟତ ସମିତି ଅଧ୍ୟକ୍ଷ, ସରପଞ୍ଚ ଓ ସମିତିସଭ୍ୟ ପଦ ପାଇଁ ସଂରକ୍ଷଣ ଚିଠା ତାଲିକା ପ୍ରକାଶନ କରାଯାଇଛି। ସେହି ଅନୁଯାଇ କେନ୍ଦ୍ରାପଡା ଜିଲ୍ଲାର ୩୨ଟି ଜିଲ୍ଲା ପରିଷଦ ସଭ୍ୟଙ୍କ ପାଇଁ ସଂରକ୍ଷିତ ହୋଇଥିବା ଚିଠା ତାଲିକା ହେଉଛି ଆଳି ବ୍ଲକର ୧ ନଂ ଜୋନ - ଅନୁସୂଚିତ ଜାତି ମହିଳା, ୨ ନଂ.- ଅସଂରକ୍ଷିତ, ୩ନଂ- ମହିଳା, ୪ନଂ- ଅସଂରକ୍ଷିତ। କେନ୍ଦ୍ରାପଡ଼ା ବ୍ଲକର ୫ ନଂ. ଜୋନ - ଅନୁସୂଚିତ ଜାତି ମହିଳା, ୬ ନଂ.-ମହିଳା, ୭ ନଂ- ଅନୁସୂଚିତ ଜାତି ମହିଳା, ୮ ନଂ- ଅସଂରକ୍ଷିତ। ଗରଦପୁର ବ୍ଲକ ୯ ନଂ ଜୋନ - ମହିଳା, ୧୦ ନମ୍ବର- ଅସଂରକ୍ଷିତ, ୧୧ ନଂ- ମହିଳା। ଡେରାବିଶ ବ୍ଲକ ୧୨ ନଂ- ଅସଂରକ୍ଷିତ, ୧୩ ନଂ- ଅନୁସୂଚିତ ଜାତି, ୧୪ ନଂ.- ଅସଂରକ୍ଷିତ। ପଟ୍ଟାମୁଣ୍ଡାଇ ୧୫ ନଂ. ଜୋନ- ଅନୁସୂଚିତ ଜାତି ମହିଳା, ୧୬ ନଂ- ଅନୁସୂଚିତ ଜାତି, ୧୭ ନଂ- ପଛୁଆବର୍ଗ ମହିଳା, ୧୮ ନଂ- ଅନୁସୂଚିତ ଜାତି। ମହାକାଳପଡ଼ା ୧୯ ନଂ. ଜୋନ - ପଛୁଆବର୍ଗ ମହିଳା, ୨୦ ନଂ.- ପଛୁଆବର୍ଗ, ୨୧ ନଂ- ପଛୁଆବର୍ଗ ମହିଳା, ୨୨ ନଂ - ପଛୁଆବର୍ଗ, ୨୩ ନଂ - ଅନୁସୂଚିତ ଜନଜାତି ମହିଳା। ମାର୍ଶାଘାଇ ବ୍ଲକ ୨୪ ନଂ- ପଛୁଆବର୍ଗ, ୨୫ ନଂ- ପଛୁଆବର୍ଗ ମହିଳା, ୨୬ ନଂ- ମହିଳା। ରାଜକନିକା ବ୍ଲକ ୨୭ ନଂ- ପଛୁଆବର୍ଗ ମହିଳା, ୨୮ ନଂ- ଅସଂରକ୍ଷିତ, ୨୯ ନଂ- ମହିଳା। ରାଜନଗର ବ୍ଲକ ୩୦ ନଂ- ଅସଂରକ୍ଷିତ, ୩୧ ନଂ- ଅସଂରକ୍ଷିତ ଓ ୩୨ ନଂ ଜୋନ- ଅସଂରକ୍ଷିତ ରହିଛି। ସେହିପରି ଜିଲ୍ଲାର ୯ଟି ବ୍ଲକ ଅଧ୍ୟକ୍ଷ ପଦ ପାଇଁ ରହିଥିବା ସଂରକ୍ଷଣ ବ୍ୟବସ୍ଥା ଅନୁଯାଇ ଆଳି ବ୍ଲକ ଅଧ୍ୟକ୍ଷ ପଦ ଅନୁସୂଚିତ ଜାତି, କେନ୍ଦ୍ରାପଡ଼ା ଅନୁସୂଚିତ ଜାତି ମହିଳା, ଗରଦପୁର ପଛୁଆବର୍ଗ, ଡେରାବିଶ ପଛୁଆବର୍ଗ ମହିଳା, ପଟ୍ଟାମୁଣ୍ଡାଇ ଅସଂରକ୍ଷିତ ମହିଳା, ମହାକାଳପଡ଼ା ଅସଂରକ୍ଷିତ ମହିଳା, ମାର୍ଶାଘାଇ ଅସଂରକ୍ଷିତ, ରାଜକନିକା ଅସଂରକ୍ଷିତ ଓ ରାଜନଗର ବ୍ଲକ ଅଧ୍ୟକ୍ଷ ପଦ ଅସଂରକ୍ଷିତ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। କେନ୍ଦ୍ରାପଡା ବ୍ଲକର ୨୭ଟି ପଞ୍ଚାୟତର ସରପଞ୍ଚ ପଦ ପାଇଁ ରହିଥିବା ସଂରକ୍ଷଣ ବ୍ୟବସ୍ଥା ଅନୁଯାଇ ଆୟବା-ସରପଞ୍ଚ ପଦ ଅସଂରକ୍ଷିତ ମହିଳା, ଇନ୍ଦୁପୁର- ପଛୁଆବର୍ଗ ମହିଳା, ଓସ୍ତପୁର- ଅସଂରକ୍ଷିତ, କଳପଡା- ପଛୁଆବର୍ଗ, କପାଳେଶ୍ୱର- ଅସଂରକ୍ଷିତ, କୁତରଙ୍ଗ- ପଛୁଆବର୍ଗ ମହିଳା, କେଶପୁର-ଅସଂରକ୍ଷିତ ମହିଳା, ଗାଙ୍ଗପଡା- ପଛୁଆବର୍ଗ, କଂସାର- ଅସଂରକ୍ଷିତ ମହିଳା, ଗୁଲନଗର- ପଛୁଆବର୍ଗ ମହିଳା, ଘାଗରା- ଅସଂରକ୍ଷିତ ମହିଳା, ଚକ୍ରୋଡା-ଅସଂରକ୍ଷିତ ମହିଳା, ଚନ୍ଦନପୁର- ଅନୁସୂଚିତ ଜାତି, ଝରିଗାଁ -ଅସଂରକ୍ଷିତ ମହିଳା, ଜମଧର-ଅସଂରକ୍ଷିତ, ଢୋଲ-ଅସଂରକ୍ଷିତ, ଧୂମାତ-ଅନୁସୂଚିତ ଜାତି ମହିଳା, ପଳସିଂହା- ଅସଂରକ୍ଷିତ, ନିକିରାଇ- ଅନୁସୂଚିତ ଜାତି ମହିଳା, ପୁରୁଷୋତ୍ତମପୁର-ଅନୁସୂଚିତ ଜାତି ମହିଳା, ବଗଡା- ଅସଂରକ୍ଷିତ, ବାରୋ-ଅନୁସୂଚିତ ଜାତି ମହିଳା, ଭରତପୁର-ଅସଂରକ୍ଷିତ ମହିଳା, ଭାଗବତପୁର- ଅସଂରକ୍ଷିତ, ଶ୍ୟାମସୁନ୍ଦରପୁର-ଅନୁସୂଚିତ ଜାତି, ସାନମାଣତିଆ-ଅନୁସୂଚିତ, କୋରୋ-ପଛୁଆବର୍ଗଙ୍କ ପାଇଁ ସଂରକ୍ଷଣ ରହିଛି। ସେହିପରି କେନ୍ଦ୍ରାପଡ଼ା ବ୍ଲକର ୨୭ଟି ସମିତି ସଭ୍ୟ ପଦ ପାଇଁ ହୋଇଥିବା ସଂରକ୍ଷଣ ବ୍ୟବସ୍ଥା ଅନୁଯାଇ ଆୟବା ଗ୍ରାମପଞ୍ଚାୟତ ସମିତିସଭ୍ୟ ପଦ ଅସଂରକ୍ଷିତ ମହିଳା, ଇନ୍ଦୁପୁର-ଅସଂରକ୍ଷିତ ମହିଳା, ଓସ୍ତପୁର-ଅସଂରକ୍ଷିତ ମହିଳା, କଳପଡା- ଅସଂରକ୍ଷିତ, କପାଳେଶ୍ୱର- ଅସଂରକ୍ଷିତ, କୁତରଙ୍ଗ- ପଛୁଆବର୍ଗ ମହିଳା, କେଶପୁର-ଅସଂରକ୍ଷିତ, ଗାଙ୍ଗପଡା- ଅସଂରକ୍ଷିତ, କଂସାର- ଅସଂରକ୍ଷିତ, ଗୁଲନଗର- ଅସଂରକ୍ଷିତ ମହିଳା, ଘାଗରା-ପଛୁଆବର୍ଗ, ଚକ୍ରୋଡା-ଅନୁସୂଚିତ ଜନଜାତି ମହିଳା, ଚନ୍ଦନପୁର- ଅନୁସୂଚିତ ଜାତି ମହିଳା, ଝରିଗାଁ-ପଛୁଆବର୍ଗ ମହିଳା, ଜମଧର-ଅସଂରକ୍ଷିତ, ଢୋଲ-ପଚୁଆବର୍ଗ, ଧୂମାତ- ଅନୁସୂଚିତ ଜାତି ମହିଳା, ପଳସିଂହା-ଅସଂରକ୍ଷିତ ମହିଳା, ନିକିରାଇ-ଅନୁସୂଚିତ ଜାତି ମହିଳା, ପୁରୁଷୋତ୍ତମପୁର-ଅନୁସୂଚିତ ଜାତି, ବଗଡା- ଅସଂରକ୍ଷିତ, ବାରୋ-ଅନୁସୂଚିତ ଜାତି, ଭରତପୁର- ଅସଂରକ୍ଷିତ ମହିଳା, ଭାଗବତପୁର-ଅସଂରକ୍ଷିତ, ଶ୍ୟାମସୁନ୍ଦରପୁର-ଅନୁସୂଚିତ ଜାତି ମହିଳା, ସାନମାଣତିଆ-ଅନୁସୂଚିତ ଜାତି, କୋରୋ- ପଛୁଆବର୍ଗ ମହିଳାଙ୍କ ପାଇଁ ସଂରକ୍ଷଣ କରାଯାଇଛି। ଯଦି ଏହି ଅଦଳ ବଦଳରେ କାହାରି ଆପତ୍ତି ଅଭିଯୋଗ କିଛି ଥାଏ ତେବେ ସେମାନେ ସେମାନଙ୍କ ଆପତ୍ତି ଦରଖାସ୍ତ ଆସନ୍ତା ୧୬ତାରିଖ ସୁଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ପଠାଇବା ପାଇଁ ଜନସାଧାରଣଙ୍କୁ ସୂଚନା ଦିଆଯାଇଛି।

## ଓଡିଶା ସରକାରୀ ଚୁକ୍ତିଭିତିକ କର୍ମଚାରୀ ମହାସଂଘ, କନ୍ଧମାଳ ପକ୍ଷରୁ ଆନ୍ଦୋଳନ ପାଇଁ ପ୍ରସ୍ତୁତି



ଫୁଲବାଣୀ (ପିଏନ୍): କନ୍ଧମାଳ ଜିଲ୍ଲାର ସ୍ଥାନୀୟ ସରାକାରୀ ମହାବିଦ୍ୟାଳୟ ପଡିଆଠାରେ ସଭାପତି ଅଶୋକ କୁମାର ଗୌଡଙ୍କ ନେତୃତ୍ୱରେ ଓଡିଶା ସରକାରୀ ଚୁକ୍ତିଭିତିକ କର୍ମଚାରୀ ମହାସଂଘ କନ୍ଧମାଳ ଶାଖାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ରାଜ୍ୟ ସରକାର ଦଶହରାକୁ ଆଖି ଆଗରେ ରଖି କାର୍ଯ୍ୟରତ ସମସ୍ତ ସରକାରୀ କର୍ମଚାରୀଙ୍କ ସମେତ ପେନସନ ଭୋଗୀଙ୍କ ମହଙ୍ଗା ଭତା ବୃଦ୍ଧି ଘଟାଇଛନ୍ତି । ଏହା ବର୍ତମାନ ୧୭%ରୁ ବୃଦ୍ଧିପାଇ ୨୮%ରେ ପହଂଚିଛି । ଅକ୍ଟୋବର ମାସରରେ ମିଳିବ ବୋଲି ମଧ ଘୋଷଣା କରିଛନ୍ତି । ଏହାଦ୍ୱାରା ୪ଲକ୍ଷ ସରକାରୀ କର୍ମଚାରୀ ଓ ସାଢ଼େ ୩୬ଲକ୍ଷ ପେନସନ ଭୋଗୀ ଉପକୃତ ହେବେ । ଅଥଚ ଓଡିଶା ସରକାରୀ ଚୁକ୍ତିଭିତିକ କର୍ମଚାରୀ ମାନଙ୍କୁ ସରକାର ଅଣଦେଖା କରିଥିବା ଦାବୀ କରିଛନ୍ତି ସଭାପତି ଅଶୋକ । ଏଥିସହିତ ଗତ ୧୧ ତାରିଖରେ ହୋଇଥିବା କ୍ୟାବିନେଟ ବୈଠକରେ ଓଜିସିଇଏର ଦୀର୍ଘଦିନର ଦାବି ପୁରଣ କରିବା ଦିଗରେ ସରକାର କିଛି ପଦକ୍ଷେପ ନେବା ସହ ଘୋଷଣା କରିବେ ବୋଲି ଚୁକ୍ତିଭିତିକ କର୍ମଚାରୀମାନେ ଦୃଢ଼ ଆଶା ପୋଷଣ କରିଥିଲେ । ଦୁର୍ଗାପୁଜା ସୁଦ୍ଧା ସରକାର ଚୁକ୍ତିଭିତିକ କର୍ମଚାରୀଙ୍କ କଥା ନବୁଝିବାରୁ ଓଜିସିଇଏ କାର୍ଯ୍ୟବନ୍ଦର ଡାକରା ଦେବା ସହିତ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବାକୁ ନିଷ୍ପତି ନେବା ସହିତ ଗଣମାଧ୍ୟମ ଆଗରେ ସରକାରଙ୍କୁ ଏହା ଚେତାବନୀ ସଦୃଶ ବୋଲି ପ୍ରକାଶ କରିଛନ୍ତି । ଏଥିସହିତ ଅନ୍ୟ କେତେକ ଦାବୀ ବୈଠକରେ ନିଷ୍ପତି ହୋଇଛି। ସେଗୁଡିକ ହେଲା ଚୁକ୍ତଭିତିକ ପ୍ରଥା ଉଚ୍ଛେଦ,ସମାନ କାର୍ଯ୍ୟକୁ ସମାନ ଦରମା,୬ବର୍ଷ ଚୁକ୍ତିଭିତିକ କାର୍ଯ୍ୟକାଳକୁ ଚାକିରି କାଳରେ ଗଣନା କରିବା, ସପ୍ତମ ବେତନ ଆଧାରରେ ମୁଳଦରମା ପ୍ରଦାନ ଇତ୍ୟାଦି । ଏହି ବୈଠକରେ ଉପ ସଭାପତି ରାକେଶ କୁମାର ସାହୁ,ସମ୍ପାଦକ କ୍ଷିତିଶ ପ୍ରୟଦର୍ଶୀ ସାହୁ,ସହ ସମ୍ପାଦକ ଏଲ ସନ୍ତୋଷ ପାତ୍ର, ଗଣମାଧ୍ୟମ ସମ୍ପାଦକ ଦୀପକ କୁମାର ପ୍ରଧାନ, କୋଷାଧ୍ୟକ୍ଷ ସମୀର କୁମାର ଚୌଧୁରୀ,ଉପଦେଷ୍ଟା ଅଳକା ମହାନ୍ତି, ସଦସ୍ୟ ମାନସ କୁମାର ବେହେରା, ତପସ୍ୱିନୀ ନାୟକ, ବାସନ୍ତି ବାଡତ୍ୟା, ସୁନନ୍ଦା ବିଶୋୟୀ, ଅବେଲ ନାୟକ, ଆଶିଷ ନାୟକ, ଜୀବନ ବେହେରା ପ୍ରମୁଖଙ୍କ ସମେତ ଶତାଧିକ ଅନ୍ୟ ଶିକ୍ଷା, ସ୍ୱାସ୍ଥ୍ୟ, ରାଜସ୍ୱ, କୃଷି, ପ୍ରାଣୀସଂପଦ, ଯୋଜନା, ମତ୍ସ୍ୟସଂପଦ, ତତ୍‌ସହିତ ଜିଲ୍ଲା , ପଂଚାୟତ ସମିତିର ମୁଖ୍ୟ କାର୍ଯ୍ୟାଳୟରେ କାର୍ଯ୍ୟରତ ସମସ୍ତ ସରକାରୀ ଚୁକ୍ତିଭିତିକ କର୍ମଚାରୀ ଯୋଗ ଦେଇଥିଲେ ।

## ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ଦାବି

ଭୁବନେଶ୍ୱର (ପିଏନ୍): ଶିକ୍ଷା ହେଉଛି ମାନବ ସମ୍ବଳ ବିକାଶର ମୂଳମନ୍ତ୍ର ଅଟେ। ଯେଉଁ ଦେଶ ଓ ରାଜ୍ୟର ଶିକ୍ଷା ବ୍ୟବସ୍ଥା ଯେତେ ସୁଦୃଢ ସେ ଦେଶ ସେତିକି ବିକଶିତ। କିନ୍ତୁ ଆମ ଦେଶରେ ଶିକ୍ଷା ବ୍ୟବସ୍ଥା ସଂପୂର୍ଣ୍ଣ ଓଲଟା। ଆମ ରାଜ୍ୟ ସରକାର ଓ କେନ୍ଦ୍ର ସରକାର ଶିକ୍ଷାକୁ ଆଦୌ ଗୁରୁତ୍ୱ ଦେଉନାହାଁନ୍ତି। ଶିକ୍ଷା ଅଧିକାର ଆଇନକୁ କଡ଼ାକଡ଼ି କାର୍ଯ୍ୟ ନକରି ଏବେ ଆଉ ଗୋଟିଏ ଶିକ୍ଷା ନୀତି ଆଣିଛନ୍ତି। ଯାହାକି ଛାତ୍ର ଓ ଶିକ୍ଷକମାନଙ୍କ ବିରୋଧି। ରାଜ୍ୟରେ ଏକ ଲକ୍ଷରୁ ଉର୍ଦ୍ଧ୍ୱ ଶିକ୍ଷକ ପଦବୀ ଖାଲି ପଡ଼ିଥିଲେ ମଧ ସରକାର ଜାଣିଶୁଣି ଶିକ୍ଷକ ନିଯୁକ୍ତି କରୁନାହାନ୍ତି । ଠିକା ଚୁକ୍ତିରେ ଶିକ୍ଷକ ନିଯୁକ୍ତି କରି ଉଚ୍ଚଶିକ୍ଷିତ ଯୁବକ ଯୁବତୀମାନଙ୍କୁ ଶୋଷଣ କରୁଛନ୍ତି । ଅବସର ପରେ ସେମାନଙ୍କୁ ଅବସରକାଳୀନ ସୁବିଧା ସୁଯୋଗ ସହ ପେନସ୍‌ନ ବ୍ୟବସ୍ଥା ଲାଗୁ କରୁନଥିବାରୁ ସେମାନଙ୍କ ଅବଶିଷ୍ଟ ଜୀବନ ଦୁଃଖମୟ ହେଉଛି। ପ୍ରାଥମିକ ଶିକ୍ଷକମାନଙ୍କ ପାଇଁ ସରକାର ୨୦୧୯ ମସିହାରେ ଯେଉଁ କ୍ୟାଡର ସଂଶୋଧନ କଲେ ସେଥିରେ ଶିକ୍ଷକମାନଙ୍କୁ ବହୁ ଭାଗରେ ବିଭକ୍ତ କରି ଆର୍ଥିକ ସୁବିଧା ସୁଯୋଗ ନ ଦେଇ ଶିକ୍ଷକମାନଙ୍କର ପଦମର୍ଯ୍ୟାଦା କ୍ଷୁର୍ଣ୍ଣ କରିଛନ୍ତି। ମାଧ୍ୟମିକ ଶିକ୍ଷକମାନଙ୍କୁ ଉଚ୍ଚମାଧ୍ୟମିକ ବିଦ୍ୟାଳୟକୁ ବି.ଏଡ୍ ଯୋଗ୍ୟତାଧାରୀ ପ୍ରାଥମିକ ଶିକ୍ଷକ ଶିକ୍ଷୟତ୍ରୀମାନଙ୍କୁ ମାଧ୍ୟମିକ ବିଦ୍ୟାଳୟକୁ ପଦୋନ୍ନତିର କୌଣସି ବ୍ୟବସ୍ଥା କରିନାହାଁନ୍ତି । କିନ୍ତୁ ବି.ଏଡ୍ ଯୋଗ୍ୟତାଧାରୀ ପ୍ରାଥମିକ ଶିକ୍ଷକମାନଙ୍କୁ ମାଧ୍ୟମିକ ବିଦ୍ୟାଳୟରେ ପଢ଼ାଇବା ପାଇଁ ବାଧ କରୁଛନ୍ତି । ଯାହାକି ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ମଧ୍ୟରେ ଅସନ୍ତୋଷର ବାତାବରଣ ସୃଷ୍ଟି ହେଉଛି । ଭାରତ ବର୍ଷର ସମସ୍ତ ରାଜ୍ୟ ସରକାର ପ୍ରାଥମିକ ଶିକ୍ଷକମାନଙ୍କୁ କେନ୍ଦ୍ରୀୟ ହାରରେ ଦରମା ଦେଉଥିବା ବେଳେ ଆମ ରାଜ୍ୟ ସରକାର ୨୨୦୦ ଗ୍ରେଡ୍ ପେ ଦେଇ ସପ୍ତମ ବେତନ କମିଶନ ସଂଶୋଧନ କରିଥିବାରୁ ଆମ ରାଜ୍ୟର ପ୍ରାଥମିକ ଶିକ୍ଷକମାନେ ସମସ୍ତ ରାଜ୍ୟର ପ୍ରାଥମିକ ଶିକ୍ଷକଠାରୁ କମ୍ ଦରମା ପାଆନ୍ତି। ଗୋଟିଏ ପଟେ ସରକାର ଶିକ୍ଷକମାନଙ୍କୁ ଶୋଷଣ କରୁଥିବା ବେଳେ ଅନ୍ୟପଟେ ଛାତ୍ରଛାତ୍ରୀମାନଙ୍କୁ ଶୋଷଣ କରୁଛନ୍ତି। କରୋନା ଆଳ ଦେଖାଇ ପ୍ରାଥମିକ ବିଦ୍ୟାଳୟକୁ ଖୋଲୁନାହାଁନ୍ତି। ୧୯ ମାସ ଧରି ବିଦ୍ୟାଳୟଗୁଡ଼ିକ ଖୋଲା ହୋଇ ନଥିବାରୁ ଛାତ୍ରଛାତ୍ରୀମାନେ ଶିକ୍ଷାଦାନରୁ ବଂଚିତ ହେଉଛନ୍ତି । ସେରୋ ସର୍ଭେ ରିପୋର୍ଟରେ ଛୋଟ ପିଲାଙ୍କ ରୋଗ ପ୍ରତିଷେଧକ ଶକ୍ତି ଅଧିକ ଥିବାବେଳେ ସରକାର ସେମାନଙ୍କୁ ରାଜନୈତିକ ଉଦ୍ଦେଶ୍ୟ ରଖି ଶିକ୍ଷାଦାନରୁ ବଞ୍ଚିତ କରୁଛନ୍ତି। ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ଦାବି ଦିବସ ଅବସରରେ ଏକ ଆଲୋଚନାଚକ୍ର ଶୀର୍ଷକ: "ପ୍ରାଥମିକ ଶିକ୍ଷା : ଆମ ସଂଗଠନ ଆମ ଦାୟିତ୍ୱ" ଭୁବନେଶ୍ୱରସ୍ଥିତ ଖାରବେଳନଗରସ୍ଥିତ ସାମ୍ବାଦିକ ଭବନଠାରେ ସଭାପତି ବ୍ରହ୍ମାନନ୍ଦ ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏହି ଆଲୋଚନାଚକ୍ରରେ ପ୍ରଫେସର ସୁରେନ୍ଦ୍ର କୁମାର ଜେନା, ଓଲୋଷ୍ଟା ସାଧାରଣ ସମ୍ପାଦକ ସୁକାନ୍ତ କୁମାର ବେହେରା ଯୋଗଦେଇ ପ୍ରାଥମିକ ଶିକ୍ଷକମାନଙ୍କୁ କେନ୍ଦ୍ରୀୟ ହାରରେ ଦରମା ଓ ନୂତନ ପେନ୍‌ସନ୍ ବ୍ୟବସ୍ଥା ବାତିଲ୍ କରି ପୁରୁଣା ପେନ୍‌ସନ୍ ଓ ଅବସରକାଳୀନ ସୁବିଧା ସୁଯୋଗ ଦେବାପାଇଁ କହିଥିଲେ। ସଂଘର ସାଧାରଣ ସମ୍ପାଦକ ବିଭୂପ୍ରସାଦ ସାହୁ ସରକାର ପୁରଣ ପେନ୍‌ସନ୍ ସହ ଅବସରକାଳୀନ ସୁବିଧା ସୁଯୋଗ ସରକାର ନ ଦେଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି କହିଛନ୍ତି। ଏହି ଆଲୋଚନା ଚକ୍ରରେ କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ବେହେରା, କୋଷାଧ୍ୟକ୍ଷ ଗୋପାଳ କିଶୋର ସେନ୍, ପ୍ରସନ୍ନ କୁମାର ଜେନା, ଟୁଲୁ ଦେଇ, କେଶବ କର, ସୁରେନ୍ଦ୍ର ନାଥ ରାଉତ, ସୁଦାମ ଦଳବର, ସୁଧାଂଶୁ ମଣ୍ଡଳ, ଜିତେନ୍ଦ୍ର କୁମାର ନାୟକ, ନରେଶ କୁମାର ପାତ୍ର ପ୍ରମୁଖ ଯୋଗ ଦେଇଥିଲେ ।

## ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଅବସରରେ ରକ୍ତଦାନ ଶିବିର




ଭୁବନେଶ୍ୱର (ପିଏନ୍): ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଅବସରରେ, ଉତ୍କଳ ବିପନ୍ନ ସହାୟତା ସମିତ ଆନୁକୂଲ୍ୟରେ ମଂଚେଶ୍ୱରସ୍ଥିତ "ସେବା" ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଅଛି । ଏମସ୍ ହସ୍ପିଟାଲ, ଭୁବନେଶ୍ୱରର ନିର୍ଦ୍ଦେଶିକା ଡା. ଗୀତାଞ୍ଜଳୀ ପଦ୍ମନାଭନ୍ ମୁଖ୍ୟ ଅତିଥି , କ୍ୟାପିଟାଲ ହସ୍ପିଟାଲ୍‌ର ବ୍ଲଡ ବ୍ୟାଙ୍କ ଅଫିସର ଡା. ଦେବାଶିଷ ମିଶ୍ର ସମ୍ମାନିତ ଅତିଥି , ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ,ଓଡିଶା ପୂର୍ବର ପ୍ରାନ୍ତ ସଂଘଚାଳକ ଶ୍ରୀ ସମୀର କୁମାର ମହାନ୍ତି ମୁଖ୍ୟ ବକ୍ତା ଓ ସମିତିର ଉପ ସଭାପତି ଡ. ବିଜୟ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଦୀପ ପ୍ରଜ୍ୱଳନ ପୂର୍ବକ ଶିବିକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଡା. ଗୀତାଞ୍ଜଳୀ ପଦ୍ମନାଭନ, ରୋଗୀ ସେବାର ମହତ୍ୱ ଓ ରକ୍ତ ଦାନର ଆବଶ୍ୟକତା ବିଷୟରେ ଆଲୋକପାତ କରିଥିଲେ। ଡା. ଦେବାଶିଷ ମିଶ୍ର, ରକ୍ତ ଦାନର ଆବଶ୍ୟକତା ଥିବା ବେଳେ ୟୁବିଏସ୍‌ଏସ୍ ପ୍ରତିବର୍ଷ ରକ୍ତଦାନ ଶିବିର ଆୟୋଜନ କରି ସେବା ମନଭାବର ପରିଚୟ ଦେଇଛି ବୋଲି ମତବ୍ୟକ୍ତ କହିଥିଲେ। ସମୀର କୁମାର ମହାନ୍ତି ସେବା ଭାରତୀ ଓ ସମିତି କରୋନା ଭୁତାଣୁ ସଂକ୍ରମଣ ତଥା ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସେବା ପ୍ରଦାନ ଯୋଗୁଁ ପ୍ରଶଂସାର ପାତ୍ର ହୋଇଅଛି ବୋଲି ପ୍ରକାଶ କରିଥିଲେ। ଡ. ବିଜୟ କୁମାର ସ୍ୱାଇଁ ରକ୍ତଦାନ ତଥା ଅଙ୍ଗଦାନ ବିଷୟରେ ନିଜର ବକ୍ତବ୍ୟ ରଖିଥିଲେ। ସମିତିର ଯୁଗ୍ମ ସମ୍ପାଦକ ଶ୍ରୀ ଦିବାକର ପ୍ରସାଦ ହରିଚନ୍ଦନ ଅତିଥି ମାନଙ୍କର ପରିଚୟ ଏବଂ ସଦସ୍ୟ ଶ୍ରୀ ଅଚ୍ୟୁତାନନ୍ଦ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ଶିବିରରେ ମୋଟ୍ ୪୦ ୟୁନିଟ୍ ରକ୍ତ ସଂଗୃହିତ ହୋଇ ରକ୍ତ ଭଣ୍ଡାରକୁ ପ୍ରଦାନ କରାଯାଇଥିଲା ବୋଲି ସମିତିର କାର୍ଯ୍ୟାଳୟ ସଂପାଦକ ଶ୍ରୀ ଅଜୟ ଦାଶ ପ୍ରକାଶ କରିଛନ୍ତି ।

## DISPLAY CLASSIFIED


FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


## କେନ୍ଦ୍ରାପଡା ଜିଲ୍ଲା ବିଜେଡି ଆଇନଜୀବୀ ସାମ୍ମୁଖ୍ୟ ସମ୍ମିଳନୀ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ବିଜୁ ଜନତା ଦଳ ଆଇନଜୀବୀ ସାମ୍ମୁଖ୍ୟ ସମ୍ମିଳନୀ ସ୍ଥାନୀୟ ଟାଉନହଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଜିଲ୍ଲା ବିଜେଡି ଆଇନଜୀବୀ ସାମ୍ମୁଖ୍ୟର ଆବାହକ ଭୀମସେନ ଭୂୟାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ଅତିଥି ଭାବେ ଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷକ ଦେବାଶିଷ ସାମନ୍ତରାୟ, କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା, ଆଳି ବିଧାୟକ ପ୍ରତାପ କେଶରୀ ଦେବ, ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, ଓଡିଶା ରାଜ୍ୟ ବିଜୁ ଦନତା ଦଳ ଆଇନଜୀବୀ ସାମ୍ମୁଖ୍ୟର ସମ୍ପାଦକ ଶୁଭ୍ରାଂଶୁ ମହାନ୍ତି ଓ ଜିଲ୍ଲା ଓକିଲ ସଙ୍ଘ ସଭାପତି ଆଶୁତୋଷ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଆଇନଜୀବୀ ବରିଷ୍ଠ ଆଇନଜୀବୀ ଗୋକୁଳରଞ୍ଜନ ଦାସ ସାମ୍ମୁଖ୍ୟ ପକ୍ଷରୁ ମଧୁବାବୁ ଆଇନ ସହାୟତା କେନ୍ଦ୍ରରେ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଓକିଲ ନିଯୁକ୍ତି, ରାଜ୍ୟ ଆଇନଜୀବୀ କଲ୍ୟାଣ ପାଣ୍ଠିକୁ ବୃଦ୍ଧି କରାଯିବା ସହ ଜଣେ ଆଇନଜୀବୀ ଯେପରି ସର୍ବନିମ୍ନ ୨୦ଲକ୍ଷ ଟଙ୍କା ପେନସନ ପାଆନ୍ତି ସେଥରପ୍ରତି ଦୃଷ୍ଟି ଆକର୍ଷଣ ସହ କେନ୍ଦ୍ରାପଡାରେ ଭିଜିଲାନ୍ସ କୋର୍ଟ ପ୍ରତିଷ୍ଠା କରାଯିବା, କ୍ୟାଡର ଉଚ୍ଛେଦ କରାଯାଇ ନନକ୍ୟାଡର ପ୍ରସିକ୍ୟୁଟରମାନଙ୍କୁ ନିଯୁକ୍ତି ପ୍ରଦାନ କରାଯିବା ଓ ବିଜୁ ସ୍ୱାସ୍ଥ୍ୟବୀମା ଯୋଜନାରେ ଓକିଲମାନଙ୍କୁ ସାମିଲ କରାଯିବା ପ୍ରଭୃତି ଦାବି ଉପସ୍ଥାପନ କରିଥିଲେ। ଆଳି ବିଧାୟକ ଶ୍ରୀ ଦେବ ପଞ୍ଚାୟତ ନିର୍ବାଚନ ପୂର୍ବରୁ ମଧୁବାବୁ ଆଇନ ସହାୟତା କେନ୍ଦ୍ରରେ ଓକିଲମାନଙ୍କୁ ନିଯୁକ୍ତି ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ମହାକାଳପଡା ବିଧାୟକ ଶ୍ରୀ ନାୟକ ଜିଲ୍ଲାରେ ଭିଜିଲାନ୍ସ କୋର୍ଟ ପ୍ରତିଷ୍ଠା ଉପରେ ଗୁରୁତ୍ୱାରୋପ କରିଥିବା ବେଳେ ରାଜନଗର ବିଧାୟକ ଶ୍ରୀ ସାହୁ ବରିଷ୍ଠ ଆଇନଜୀବୀ ଶ୍ରୀ ଭୂୟାଁ ତୁରନ୍ତ ଜିଲ୍ଲାର ସମସ୍ତ ଓକିଲ ସଙ୍ଘ ଏବଂ ବିଧାୟକମାନଙ୍କ ସହିତ ପରାମର୍ଶ କରି ମଧୁବାବୁ ଆଇନ ସହାୟତା କେନ୍ଦ୍ରରେ ନିଯୁକ୍ତି ପାଇଁ ଓକିଲମାନଙ୍କ ନାମ ତାଲିକା ପଠାଇବାକୁ ପରାମର୍ଶ ଦେଇଥିଲେ। ଏଥିସହିତ ଓକିଲମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ବୀମା ଯୋଜନା କରାଯିବାକୁ ବିଧାୟକ ଶ୍ରୀ ସାହୁ ଦାବି କରିଥିଲେ ଏବଂ ଓକିଲମାନେ ସାଧାରଣ ଲୋକଙ୍କୁ ଆବଶ୍ୟକ ଆଇନ ପରାମର୍ଶ ଯୋଗାଇଦେବାକୁ ପରାମର୍ଶ ଦେଇଥିଲେ। କେନ୍ଦ୍ରାପଡା ବିଧାୟକ ଶ୍ରୀ ବେହେରା ମହିଳା ଆଇନଜୀବୀମାନେ ଆଗେଇଆସି ସାଧାରଣ ଜନତାଙ୍କୁ ଆଇନ ପରାମର୍ଶ ଯୋଗାଇ ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ୩ଜଣ ବିଶିଷ୍ଟ ଆଇନଜୀବୀ ମୋହନଦାସ କରମଚାନ୍ଦ ଗାନ୍ଧୀ, ଉତ୍କଳ ଗୌରବ ମଧୁସୁଦନ ଦାସ ଓ ପଣ୍ଡିତ ଗୋପବନ୍ଧୁ ଦାସ ଏହି ମାଟି ସହିତ ସମ୍ପର୍କ ରହିଥିବାରୁ ଏ ମାଟି ଧନ୍ୟ ହୋଇଛି ବୋଲି କହିଥିଲେ। କେନ୍ଦ୍ରାପଡା ଜିଲ୍ଲା ଉକିଲ ସଙ୍ଘରେ ମହିଳା ଆଇନଜୀବୀମାନଙ୍କ ପାଇଁ ଏକ ପ୍ରକୋଷ୍ଠ ନିର୍ମାଣ ନିମନ୍ତେ ବିଧାୟକ ପାଣ୍ଠିରୁ ୫ଲକ୍ଷ ଟଙ୍କା ସହିତ ଜିଲ୍ଲା କୋଷାଗାର ସମ୍ମୁଖରେ ଓକିଲ ସଙ୍ଘର ଅସମ୍ପୂର୍ଣ୍ଣ ଥିବା ଗୃହ କାର୍ଯ୍ୟକୁ ସଂପୂର୍ଣ୍ଣ କରିବା ପାଇଁ ଆବଶ୍ୟକ ପାଣ୍ଠି ଯୋଗାଇ ଦେବାକୁ ବିଧାୟକ ଶ୍ରୀ ବେହେରା ପ୍ରତିଶୃତି ଦେଇଥିଲେ। ପର୍ଯ୍ୟବେକ୍ଷକ ଶ୍ରୀ ସାମନ୍ତରାୟ ଆସନ୍ତା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଦଳର ୮୦ ପ୍ରତିଶ୍ରତ ଜିଲ୍ଲା ପରିଷଦ ପ୍ରାର୍ଥୀ ଯେଭଳି ଜିତିବେ ସେଥିପ୍ରତି ସାମ୍ମୁଖ୍ୟ ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ। ନିର୍ବାଚନ ପୂର୍ବରୁ କେନ୍ଦ୍ରାପଡା ଜିଲ୍ଲାରେ ମଧୁବାବୁ ଆଇନ ସହାୟତା କେନ୍ଦ୍ରରେ ଆଇନଜୀବୀମାନଙ୍କୁ ନିଯୁକ୍ତି ପ୍ରଦାନ କରାଯିବାକୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଥିଲେ। ଏହି ଅବସରରେ ବରିଷ୍ଠ ଆଇନଜୀବୀ ରବି ମହାନ୍ତି ବିଜେଡିରେ ଯୋଗଦେଇଥିବା ବେଳେ ଦଳ ପକ୍ଷରୁ ତାଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ପ୍ରଦାନ ପୂର୍ବକ ସ୍ୱାଗତ କରାଯାଇଥିଲା। ଆଇନଜୀବୀ ମନୋଜ ସାହୁ ଅତିଥି ପରିଚୟ ପ୍ରଦାନ, ଦେବଦାସ ମହାନ୍ତି ସ୍ୱାଗତ ଭାଷଣ ଏବଂ ରାଜ୍ୟ ବିଜେଡି ଆଇନଜୀବୀ ସାମ୍ମୁଖ୍ୟ ସଦସ୍ୟ ସଞ୍ଜୟ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ପଟ୍ଟାମୁଣ୍ଡାଇ ବାର ସଭାପତି ଭୀମସେନ ପ୍ରଧାନ, ଆଳି ବାର ସଭାପତି ଚିରଞ୍ଜିବୀ ଦାସ, ରାଜକନିକା ବାର ସମ୍ପାଦକ ଖଗେଶ୍ୱର ନାୟକ, ରାଜନଗର ବାର ସଭାପତି ଉମେଶ ଦାସ, ମହାକାଳପଡା ବାର ସଭାପତି ଅକ୍ଷୟ ମହାପାତ୍ର, ଡେରାବିଶ ବାର ସଭାପତି ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗଗନ ବିହାରୀ ଜେନା, ହିରଣ୍ୟ ପଣ୍ଡା,ରଞ୍ଜନ ପଣ୍ଡା, ମଙ୍ଗଳବରଣ ସିଂ, ନିହାର ମହାପାତ୍ର, ସ୍ମୃତିରଞ୍ଜନ ସିଂ, ଦିଲ୍ଲିପ ପରିଡା, ମୋହନ ସାହୁ, ନିରଞ୍ଜନ ବଳ, ମାନସରଞ୍ଜନ ଧଳ, ବ୍ରଜସୁନ୍ଦର ରାଉତ, ତମସା ପାତ୍ର, କଳାକାର ରାଉତ, ଇତିହାସ ଲେଙ୍କା, ଶାନ୍ତିସ୍ୱରୂପ ଭୂୟାଁ, ଅରୁଣ ଦାସ, ପ୍ରଭାତ ପ୍ରଧାନ, ସୁବାଷ ନାୟକ, ସୁକାନ୍ତ ପାତ୍ର, ସାରଥୀ କାନୁନଗୋ, ସୌମ୍ୟରଞ୍ଜନ ସାମନ୍ତରାୟ, ସୁଦର୍ଶନ ନାୟକ ପ୍ରମୁଖ ବହୁ ଆଇନଜୀବୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଗାଡ଼ି ରଖିବାକୁ ନେଇ ମରଣାନ୍ତକ ଆକ୍ରମଣ



କେନ୍ଦ୍ରାପଡ଼ା (ପିଏନ୍): ଗାଡି ରଖିବାକୁ ନେଇ ଟାଉନ୍ ଥାନା ଅନ୍ତର୍ଗତ ଇମାମବାଡି ଅଞ୍ଚଳରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଆକ୍ରମଣର ଶିକାର ଯୁବକଙ୍କ ନାମ ସେକ ସୁଲତାନ। ଏ ନେଇ ସେକ ସୁଲତାନଙ୍କ ସ୍ତ୍ରୀ ରିହାନା ପରଭ୍ୱିନ ଟାଉନ୍ ଥାନାରେ ଏତଲା ଦେଇଛନ୍ତି। ସେ ତାଙ୍କ ଏତଲାରେ ଦର୍ଶାଇଛନ୍ତି ଯେ, ତାଙ୍କ ସ୍ୱାମୀ ତାଙ୍କ ନିଜ ଜାଗାରେ ବାଇକ ରଖିଥିଲେ। ହେଲେ ଏହାକୁ କେତେକ ଯୁବକ ବିରୋଧ କରିଥିଲେ। ଏହାକୁ ନେଇ ତାଙ୍କ ସ୍ୱାମୀ ଓ ସଂପୃକ୍ତ ଯୁବକମାନଙ୍କ ସହ ବଚସା ହୋଇଥିଲା। ଏଥିରେ ଉତ୍ୟକ୍ତ ହୋଇ ଯୁବକମାନେ ତାଙ୍କ ସ୍ୱାମୀଙ୍କୁ ମାରଣାସ୍ତ୍ରରେ ମରଣାନ୍ତକ ଆକ୍ରମଣ କରିଥିଲେ। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ କେନ୍ଦ୍ରାପଡ଼ା ଓ ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ତାଙ୍କ ମୁଣ୍ଡ ସମେତ ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଛି।

## ଦଶହରାରେ ୧୦ଜଣ ମା'ଙ୍କୁ ସହାୟତା



ଭୁବନେଶ୍ୱର (ପିଏନ୍): ଦଶହରାରେ ୧୦ଜଣ ମା'ଙ୍କୁ ସହାୟତା କରିଥିଲା ଆଦିତ୍ୟ ଫାଉଣ୍ଡେସନ୍। ଭୁବନେଶ୍ୱର ଉପକଣ୍ଠ ଶିଶୁପାଳଗଡ଼ର ଏହି ଅନୁଷ୍ଠାନ ସାମନ୍ତରାପୁର ଛକଠାରେ ଲୁଗା ବସ୍ତ୍ର ଆଦି ବଂଟନ କରିଥିଲା। ଗୋଟିଏ ପଟେ ଦଶହରାରେ ଦେବୀଙ୍କୁ ପୂଜା କରାଯାଉଥିବା ବେଳେ ଅସହାୟରେ ଥିବା ୧୦ଜଣ ମା' ମାନଙ୍କୁ ଦଶହରାରେ ସହାୟତା କରି ଦଶହରା ପାଳନ କରାଯାଇଛି। ଫାଉଣ୍ଡେସନ୍‌ର ଅଧ୍ୟକ୍ଷ ତଥା ପୂର୍ବତନ ସମିତି ସଭ୍ୟ ପ୍ରଶାନ୍ତ କୁମାର ଚମ୍ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିଶୁପାଳଗଡ଼ ସରପଂଚ ଇତିଶ୍ରୀ ଚମ୍ପତି ଓ ସଭ୍ୟମାନେ ଉପସ୍ଥିତ ଥିଲେ।




# ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

ଭୁବନେଶ୍ୱର : ଆୟ ବହିର୍ଭୂତ ସମ୍ପତି ଠୁଳ ଅଭିଯୋଗରେ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କ ଘରେ ଭିଜିଲାନ୍ସ ଚଢ଼ାଉ କରିଛି । ପ୍ରଦୀପଙ୍କ ଭୁବନେଶ୍ୱର ସ୍ଥିତ ସରକାରୀ ବାସଭବନ ସହିତ ତାଙ୍କ ସମ୍ପର୍କୀୟ ଓ ସହଯୋଗୀଙ୍କ ଘରେ ମଧ୍ୟ ରେଡ୍ କରାଯାଇଛି । ରବିବାର ସକାଳ ୬ଟାରୁ ଏକକାଳୀନ ୧୫ଟି ସ୍ଥାନରେ ଭିଜିଲାନ୍ସ ଟିମ୍ ପକ୍ଷରୁ ଏହି ଚଢ଼ାଉ କରାଯାଇଛି । ପ୍ରଦୀପଙ୍କ ଘନିଷ୍ଠ ସହଯୋଗୀ ସର୍ବେଶ୍ୱର ରାଓଙ୍କ ଘରେ ମଧ୍ୟ ଭିଜିଲାନ୍ସ ରେଡ୍ କରାଯାଇଥିବା ସୂଚନା ମିଳିଛି ।ଭିଜିଲାନ୍ସ ପକ୍ଷରୁ କୁହାଯାଇଛି ଯେ ଚଢାଉ ବେଳେ ଜମି, ଗାଡ଼ି, ଗହଣା ଓ ଅନ୍ୟାନ୍ୟ ସାମଗ୍ରୀ କିଣା ହେବାର ଡକ୍ୟୁମେଂଟ ମିଳିଛି । ବ୍ୟାଙ୍କ୍ ପାସ୍ ବୁକ୍ , ଲାପଟପ୍ , ମୋବାଇଲ୍ ଆଦି ଜବତ ହୋଇଛି । ବିଧାୟକଙ୍କ ସହଯୋଗୀଙ୍କ ଘରୁ ପ୍ରାୟ ୨୦ ଲକ୍ଷ ଜବତ ହୋଇଛି । ଏତେ ଟଙ୍କା କେଉଁଠି ଆସିଲା ଯାଂଚ ଚାଲିଛି । ଭିଜିଲାନ୍ସ ପକ୍ଷରୁ ଜାରି କରାଯାଇଥିବା ଏକ ପ୍ରେସ୍ ରିଲିଜ୍ ରେ କୁହାଯାଇଛି ଯେ ଗୋପାଳପୁର ବିଧାୟକ ପ୍ରଦୀପ କୁମାର ପାଣିଗ୍ରାହୀଙ୍କ ନାଁରେ ଆୟ ବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗ ଆସିବା ପରେ ଏକ ଗୁପ୍ତ ଯାଂଚ କରାଯାଇଥିଲା । ଯାଂଚ ବେଳେ ବିଧାୟକ ଶ୍ରୀ ପାଣିଗ୍ରାହୀ ଆୟ ବହିର୍ଭୂତ ସଂପତି ଠୁଳ କରିଥିବା ନେଇ ତଥ୍ୟ ମିଳିବା ପରେ ଓଡ଼ିଶା ଲୋକାୟୁକ୍ତଙ୍କ ନିକଟରେ ୯.୧୨,୨୦୨୦ରେ ଏକ ଅଭିଯୋଗ ଦାଖଲ କରାଯାଇଥିଲା । ଏହା ପରେ ୧୧.୧୨.୨୦୨୦ରେ ଲୋକାୟୁକ୍ତ ତାଙ୍କ ବିରୋଧରେ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହା ପରେ ଭିଜିଲାନ୍ସ ପକ୍ଷରୁ ତଦନ୍ତ କରାଯାଇଥିଲା । ତଦନ୍ତ ବେଳେ ଜଣାପଡ଼ିଥିଲା ଯେ ୨୦୦୯ରୁ ୨୦୨୦ ମଧ୍ୟରେ ଶ୍ରୀ ପାଣିଗ୍ରାହୀ ୫ କୋଟି ୫ ଲକ୍ଷ ୪ ହଜାର ୬୫୬ ଟଙ୍କାର ଆୟ ବହିର୍ଭୂତ ସଂପତି ଠୁଳ କରିଥିଲେ । ଏହି ତଦନ୍ତ ରିପୋର୍ଟକୁ ଲୋକାୟୁକ୍ତଙ୍କୁ ପ୍ରଦାନ କରାଯାଇଥିଲା ।ଲୋକାୟୁକ୍ତ ଏହି ରିପୋର୍ଟକୁ ଭଲ ଭାବେ ଯାଂଚ କରିଥିଲେ । ତା'ସହିତ ବିଧାୟକ ଶ୍ରୀ ପାଣିଗ୍ରାହୀ ରଖିଥିବା ପକ୍ଷକୁ ପରଖିଥିଲେ । ଏସବୁ ପରେ ଲୋକାୟୁକ୍ତ ବିଧାୟକ ଶ୍ରୀ ପାଣିଗ୍ରାହୀଙ୍କ ବିରୋଧରେ ଆସିଥିବା ଅଭିଯୋଗ ଉପରେ ତଦନ୍ତକୁ ଆଗେଇ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି କ୍ରମରେ ଏକ ସବିଶେଷ ତଦନ୍ତ ପାଇଁ ଭିଜିଲାନ୍ସ ପକ୍ଷରୁ ୪.୧୦.୨୦୨୧ରେ ମାମଲା ରୁଜୁ କରାଗଲା । ଏହି ମାମଲାରେ ଚଢ଼ାଉ କରିବା ପାଇଁ ତଦନ୍ତକାରୀ ଅଧିକାରୀଙ୍କୁ ଲୋକାୟୁକ୍ତ ଅନୁମତି ପ୍ରଦାନ କରିଥିଲେ । ଆଉ ସେହି ଅନୁସାରେ ଆଜି ବିଧାୟକ ଶ୍ରୀ ପାଣିଗ୍ରାହୀ, ତାଙ୍କ ସଂପର୍କୀୟ ଓ ସହଯୋଗୀଙ୍କ ଘରେ ଚଢ଼ାଉ କରାଯାଇଛି । ଏହି ଚଢ଼ାଉରେ ଜଣେ ଏସ୍‌ପି, ୨ ଜଣ ଅତିରିକ୍ତ ଏସ୍‌ପି ଓ ୧୭ ଜଣ ଡିଏସ୍‌ପିଙ୍କ ସହିତ ଅନ୍ୟମାନେ ସାମିଲ ହୋଇଛନ୍ତି । ସୂଚନାଯୋଗ୍ୟ, ଭାବି ଜ୍ୱାଇଁ ଆକାଶ ପାଠକଙ୍କ ସହ ମିଶି ଟାଟା କମ୍ପାନୀରେ ଚାକିରି କରାଇ ଦେବାକୁ କହି ଲୋକଙ୍କ ଠାରୁ ଟଙ୍କା ଆଦାୟ କରିଥିବା ଅଭିଯୋଗରେ ଗତ ବର୍ଷ ଡିସେମ୍ବର ୩ ତାରିଖରେ ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କୁ କ୍ରାଇମବ୍ରାଂଚ ଗିରଫ କରିଥିଲା । ଜାମିନ ପାଇବା ପରେ ଗତ ଜୁନ୍ ୧୨ ତାରିଖରେ ସେ ଜେଲ୍ ରୁ ମୁକୁଳି ଥିଲେ ।

# ଜନଶକ୍ତି ପାର୍ଟି ପକ୍ଷରୁ  ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର

କେନ୍ଦ୍ରାପଡା (ପିଏନ)- ଜନଶକ୍ତି ପାର୍ଟି ପକ୍ଷରୁ କରୋନା ମହାମାରୀ ସମୟରେ ରାଜ୍ୟରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇ ପଡିଥିବା ଅଭିଯୋଗ କରାଯାଇଛି । ଉଦାହରଣ ସ୍ୱରୁପ କେନ୍ଦ୍ରାପଡା ସରକାରୀ ଡାକ୍ତରଖାନାରେ ୬୨ ଟି ଡାକ୍ତର ପଦବୀ ମଧ୍ୟରୁ ମାତ୍ର ୨୩ ଜଣ ଡାକ୍ତର ଅଛନ୍ତି । ଅନେକ ସମୟରେ ଡାକ୍ତରମାନେ ବେସରକାରୀ ଭାବେ ଚିକିତ୍ସା କରୁଥିବାରୁ ଗରିବ ଅସହାୟ ଲୋକ ମାନଙ୍କୁ ପ୍ରକୃତ ଚିକିତ୍ସା କରାନଯାଇ କଟକ ବଡ ଡାକ୍ତରଖାନାକୁ ପଠାଇ ଦିଆଯାଉଛି । ଗରିବ ଲୋକଟି ଆମ୍ବୁଲାନସ ସୁବିଧାରୁ ମଧ୍ୟ ବଂଚିତ ହେଉଛି । ସେହିପରି କେନ୍ଦ୍ରାପଡା ସରକାରୀ ଡାକ୍ତରଖାନାରେ ପର୍ଯ୍ୟାପ୍ତ ସଂଖ୍ୟକ ବେଡ ନାହିଁ ଏବଂ ଯାହା କିଛି ଅଛି ତାହା ସମ୍ପୂର୍ଣ୍ଣ ଭାବେ ପୁରୁଣା ଓ ନଷ୍ଟ ହୋଇ ଯାଇଛି । ୨.୯୦ କି.ମି ବାଟ ଟ୍ରଲିରେ ବୁହା ହୋଇ ଆସିଥିବା ଅସହାୟ ମହିଳାଙ୍କ ମୃତ୍ୟୁର ପ୍ରକୃତ ତଦନ୍ତ କରାଗଲେ ଓଡିଶାରେ ସ୍ୱାସ୍ଥ୍ୟସେବାର ପ୍ରକୃତ ଚିତ୍ର ପଦାକୁ ଆସିପାରିବ । ସେହି ପରିବାରର ଜଣଙ୍କୁ ସରକାରୀ ଚାକିରୀ ପ୍ରଦାନ କରାଯାଉ । ଓଡିଶାରେ ବିଭିନ୍ନ ଖାଉଟି ସାମଗ୍ରୀ ଓ ପନିପରିବାର ଅହେତୁକ ଦର ବୃଦ୍ଧି ଜନ ସମାଜକୁ ବ୍ୟଥିତ କରୁଛି । ଏହାର ନିରାକରଣ ନିମନ୍ତେ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଜନଶକ୍ତି ପାର୍ଟି ପକ୍ଷରୁ ଦାବୀ କରାଯାଇଛି । ଜନଶକ୍ତି ପାର୍ଟିର ରାଜ୍ୟ ସଭାପତି ଆଡଭୋକେଟ ପ୍ରଦୀପ କୁମାର ଦାଶ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ସହକାରୀ ଜିଲ୍ଲାପାଳ ଶିବ ମଲ୍ଲିକଙ୍କୁ ପ୍ରଦାନ କରିଛନ୍ତି ।

# ଚୋରୀ ମାମଲାରେ  ଜିଲ୍ଲା ପୋଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ଜଣକୁ ଉଠାଇନେଇଛି

କେନ୍ଦ୍ରାପଡା, (ପିଏନ)- କେନ୍ଦ୍ରାପଡା ସହରର ସଟରତାଡି ଚୋରୀ କରିବା ଓ ମହିଳା ବିଜେଡି ସଭାନେତ୍ରୀଙ୍କ ଘରୁ ଝରକା ରେଲିଂ ତାଡି ଚୋରୀ କରିବା ଘଟଣାରେ ଜିଲ୍ଲା ପୋଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ଜଣକୁ ସନ୍ଦେହରେ ଉଠାଇ ନେଇ କୌଣସି ଏକ ଅଜଣା ସ୍ଥାନରେ ରଖି ପଚରାଉଚୁରା କରୁଥିବା ଜଣାପଡିଛି । ପୋଲିସ ଉଠାଇ ନେଇଥିବା ସଂପୃକ୍ତ ବ୍ୟକ୍ତି ହେଉଛନ୍ତି ଟାଉନ ଥାନା ଅନ୍ତର୍ଗତ ରଣପଡା ଗ୍ରାମର ସେକ ବାବୁ ।

# ଓଡ଼ିଶା ସରକାରଙ୍କ ବିଶ୍ୱବିଦ୍ୟାଳୟ ସଂସ୍କାର ବିରୋଧରେ ପ୍ରଧାନମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ

ବାରିପଦା, (ପିଏନ)- ଓଡ଼ିଶାରେ ବିଶ୍ୱବିଦ୍ୟାଳୟଗୁଡ଼ିକରେ ସଂସ୍କାର ଆଣିବା ନିମନ୍ତେ ଗତ ସେପ୍ଟେମ୍ବର ୪ରେ ପ୍ରକାଶିତ ଅଧ୍ୟାଦେଶ ସଂଖ୍ୟା ୮୨୧୯-ଆଇ-ଲେଗିସି- ୩୫/ ୨୦୨୦/ ଏଲକୁ ବିରୋଧ କରି ମୟୂରଭଞ୍ଜ ସିଟିଜେନ ଫୋରମ୍, ମୟୂରଭଞ୍ଜ ସାହିତ୍ୟ ପରିଷଦ ପ୍ରମୁଖ ସଙ୍ଗଠନ ସହ ଜିଲ୍ଲାର ବୁଦ୍ଧିଜୀବୀଗଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟି ଆକର୍ଷଣ ନିମନ୍ତେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ପ୍ରକାଶିତ ଅଧ୍ୟାଦେଶ ଅନୁଯାୟୀ ରାଜ୍ୟରେ ଥିବା ସମସ୍ତ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ନିଯୁକ୍ତି ଏଣିକି ବିଶ୍ୱବିଦ୍ୟାଳୟ ସ୍ତରରେ କୁଳପତିଙ୍କ ଅଧ୍ୟକ୍ଷତାରେ ନହୋଇ ଓଡ଼ିଶା ପବ୍ଲିକ ସର୍ଭିସ୍ କମିଶନଙ୍କ ଦ୍ୱାରା କରାଯିବ । ଯାହାକୁ ନେଇ ବିବାଦ ଦେଖାଦେଇଛି । ବିଶ୍ୱବିଦ୍ୟାଳୟ ଏକ ସ୍ୱୟଂଚାଳିତ ଶିକ୍ଷା ଅନୁଷ୍ଠାନ । ଉହା ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଆର୍ଥିକ ସହଯୋଗରେ ପରିଚାଳିତ ହୋଇଥାଏ । ଏହାର ଆସିଷ୍ଟାଂଟ ପ୍ରଫେସର, ଆସୋସିଏଟ ପ୍ରଫେସର, ପ୍ରଫେସର ନିଯୁକ୍ତି ପ୍ରକ୍ରିୟା ଭାରତ ସରକାରଙ୍କ ସ୍ୱତନ୍ତ୍ର ଅନୁଷ୍ଠାନ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ନିର୍ଦ୍ଦିଷ୍ଟ ନୀତି, ମାର୍ଗଦର୍ଶିକା ଅନୁଯାୟୀ ହୋଇଥାଏ । ସେହିପରି ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷକମାନଙ୍କର ଚାକିରୀରୁ ଅବସର, ପଦୋନ୍ନତି, ପରିତ୍ୟାଗ, ବୀଦେଶ ଗମନ, ଅନ୍ୟ ବିଶ୍ୱବିଦ୍ୟାଳୟରେ ଯୋଗଦାନ ଆଦି କାରଣରୁ ପ୍ରତ୍ୟେକ ବର୍ଷ ବହୁ ପଦବୀ ଖାଲିପଡ଼ିଥାଏ । ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ନୀତି ଓ ମାର୍ଗଦର୍ଶୀକା ଅନୁଯାୟୀ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟରେ କୁଳପତିଙ୍କ ଅଧ୍ୟକ୍ଷତାରେ ପରିଚାଳିତ ଶିକ୍ଷକ ନିଯୁକ୍ତି ଚୟନ କମିଟି ତତ୍କାଳ ଏହାର ନିଯୁକ୍ତି ପ୍ରକ୍ରିୟା ଶେଷ କରି ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଓ ଗବେଷଣା ବାତାବରଣକୁ ରକ୍ଷା କରିପାରିଥାଏ । ବିଶ୍ୱବିଦ୍ୟାଳୟ ସମାଜର ସର୍ବୋଚ୍ଚ ସମ୍ମାନୀୟ ଜ୍ଞାନ ଓ ଗବେଷଣାର ପବିତ୍ର କ୍ଷେତ୍ର ହୋଇଥିବା ସମୟରେ କୁଳପତି ମଧ୍ୟ ସର୍ବୋଚ୍ଚ ସମ୍ମାନୀୟ ବ୍ୟକ୍ତି ଅଟନ୍ତି । ବିଶ୍ୱବିଦ୍ୟାଳୟମାନଙ୍କରେ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଓଡ଼ିଶା ପବ୍ଲିକ ସାର୍ଭିସ କମିଶନଙ୍କ ଦ୍ୱାରା ପରିଚାଳିତ ହେଲେ ଖୋଲା ଖୋଲି ଭାବରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାର ନୀତି ଓ ମାର୍ଗଦର୍ଶୀକାକୁ ଉଲ୍ଲଙ୍ଘନ କରାଇବ । ପୁଣି ଓପିଏସସି ଦ୍ୱାରା ନିଯୁକ୍ତି ପ୍ରକ୍ରିୟା ଶେଷ କରିବା ଅସମ୍ଭବ ଅଟେ । ଫଳରେ ଶିକ୍ଷକ ଅଭାବ ଜନିତ ପରିସ୍ଥିତି ହେତୁ ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଓ ଗବେଷଣା କ୍ଷେତ୍ରରେ ବିଭିନ୍ନ ସମସ୍ୟା ସୃଷ୍ଟିହେବା ସାଙ୍ଗକୁ ଅଶାନ୍ତ ବାତାବରଣର କାରଣ ପାଲଟି ଯିବ । ପୁଣି କୁଳପତି ପରି ସର୍ବୋଚ୍ଚ ପଦବୀର ଅମର୍ଯ୍ୟାଦା ହୋଇ ତାହା ପ୍ରଶାସନ ଓ ଅମଲାତନ୍ତ୍ରର ଖେଳନା ହୋଇଯିବ । ଏଥି ସହିତ ବିଶ୍ୱବିଦ୍ୟାଳୟର ଚରମ ଅଧୋଗତି ହେବ ବୋଲି ଦର୍ଶାଇ ମୟୁରଭଞ୍ଜ ସିଟିଜେନ ଫୋରମ ସଭାପତି ପୂର୍ଣ୍ଣଚନ୍ଦ୍ର ବୁଗୁଡ଼େଇ, ଓଡ଼ିଆ ଜାଗରଣ ମଂଚର ସଭାପତି ଶରତ ଚନ୍ଦ୍ର ନାୟକ, ମୟୂରଭଞ୍ଜ ସାହିତ୍ୟ ପରିଷଦର ସଭାପତି ପଦ୍ମନାଭ ସାହୁ ପ୍ରମୁଖଙ୍କ ସମେତ ଜିଲ୍ଲାରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ ସ୍ୱାକ୍ଷର ସମ୍ବଳିତ ଏକ ସ୍ମାରକପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିବା ବେଳେ ଏହାର ନକଲ ଭାରତ ସରକାରଙ୍କ ଶିକ୍ଷାମନ୍ତ୍ରୀ, ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ଚେୟାରମ୍ୟାନ ଓ ସେକ୍ରେଟେରୀ, ଓଡ଼ିଶା ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ମନ୍ତ୍ରୀ, ମୟୂରଭଞ୍ଜ ଲୋକସଭା ସାଂସଦ ପ୍ରମୁଖଙ୍କୁ ପ୍ରଦାନ କରାଯାଇଛି ।

# କୋଭିଡ ଲକଡାଉନ ସମୟରେ କେନ୍ଦ୍ରାପଡା ପୌରସଂସ୍ଥା ପକ୍ଷରୁ ବୁଲା କୁକୁର ଓ ପଶୁଙ୍କୁ ବିଭିନ୍ନ ଅନୁଷ୍ଠାନ ଦ୍ୱାରା ଖାଦ୍ୟ ପ୍ରଦାନ

କେନ୍ଦ୍ରାପଡା, (ପିଏନ)- କୋଭିଡ ଲକଡାଉନ ସମୟରେ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗର ନିର୍ଦ୍ଦେଶ ଅନୁଯାଇ ଗତ ଅପ୍ରେଲମାସ ୫ତାରିଖ ଠାରୁ ମଇମାସ ୧୭ତାରିଖ ପର୍ଯ୍ୟନ୍ତ ପୌରାଂଚଳ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ବୁଲା କୁକୁର ଓ ପଶୁମାନଙ୍କୁ ଖାଦ୍ୟ ପ୍ରଦାନ କରାଯାଇଛି । ଏସମ୍ପର୍କରେ ବିଭାଗ ପକ୍ଷରୁ ଗତ ମାର୍ଚ୍ଚମାସ ୩୦ତାରିଖରେ ପତ୍ର ସଂଖ୍ୟା -୮୧୨୧ ପ୍ରାପ୍ତ ହେବା ପରେ ନିର୍ବାହୀ ଅଧିକାରୀ ଏକ ବୈଠକ ଗତ ଅପ୍ରେଲମାସ ୩ତାରିଖରେ ଆହ୍ୱାନ କରିଥିଲେ । ପୌରସଂସ୍ଥା ନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲା ମୁଖ୍ୟ ପଶୁ ଚିକିତ୍ସା ଅଧିକାରୀ ଡା.ପ୍ରସନ୍ନ କୁମାର ପଟ୍ଟନାୟକ, ପଶୁ ସମ୍ପଦ ବିଭାଗର ଉପନିର୍ଦ୍ଦେଶକ ତଥା ନୋଡାଲ ଅଧିକାରୀ ଡା.ପ୍ରଶନ୍ନ କୁମାର ପରିଡା, ସିଡିଭିଓ କାର୍ଯ୍ୟାଳୟର ଜେ.ଏଫ.ଡି.ଓ. ଶରତ କୁମାର, ପୌରସଂସ୍ଥାର ସି.ଓ. ତପସ୍ୱିନୀ ଦାସ ପ୍ରମୁଖ ଯୋଗଦେଇଥିଲେ । ଏହି ବୈଠକର ନିଷ୍ପତି ଅନୁଯାଇ ଗତ ଅପ୍ରେଲମାସ ୫ତାରିଖରୁ ମଇମାସ ୧୭ତାରିଖ ମଧ୍ୟରେ ବୁଲା କୁକୁର ଓ ବୁଲା ପଶୁମାନଙ୍କୁ ଖାଦ୍ୟ ପ୍ରଦାନ ପାଇଁ କେନ୍ଦ୍ରାପଡା ସହରର ଜୟ ଶ୍ରୀରାମ ରାମଲିଳା କମିଟିକୁ ତିନିମୁହାଣି ଛକରେ ଖାଦ୍ୟ ପ୍ରଦାନ ପାଇଁ ୨୧ହଜାର ଟଙ୍କା, ପିପୁଲସ ଫର ଆନିମଲସ ଅନୁଷ୍ଠାନକୁ ସହରର ବିଭିନ୍ନ ସ୍ଥାନରେ ବୁଲା କୁକୁର ଓ ବୁଲା ପଶୁମାନଙ୍କୁ ଖାଦ୍ୟ ପ୍ରଦାନ ପାଇଁ ୧ଲକ୍ଷ ୫୪ହଜାର ୫୬୦ଟଙ୍କା ଓ କେନ୍ଦ୍ରାପଡା ସିଡିଭିଓଙ୍କୁ ୯ହଜାର ୪୪୦ଟଙ୍କାର ଗୋଖାଦ୍ୟ ପ୍ରଦାନ କରାଯାଇଥିବା ସୂଚନା ମିଳିଛି । ପୌରସଂସ୍ଥାକୁ ୨ଟି କିସ୍ତିରେ ଏହି କାର୍ଯ୍ୟ ନିମନ୍ତେ ମୋଟ ୧ଲକ୍ଷ ୮୫ହଜାର ଟଙ୍କା ସରକାରୀ ଅନୁଦାନ ମିଳିଥିବା ବେଳେ ଉପରୋକ୍ତ ୨ଟି ଅନୁଷ୍ଠାନ ଓ ସିଡିଭିଓଙ୍କୁ ସେହି ଅନୁଦାନ ଅର୍ଥ ଓ ଗୋଖାଦ୍ୟ ପ୍ରଦାନ କରାଯାଇଥିବା ପୌରନିର୍ବାହୀ ଅଧିକାରୀ ଶ୍ରୀ ବଳ ସୂଚନା ଦେଇଛନ୍ତି ।

## ହକି ଇଣ୍ଡିଆ ଜାତୀୟ ପ୍ରତିଯୋଗିତା ନିମନ୍ତେ ଓଡ଼ିଶା ବରିଷ୍ଠ ଓ କନିଷ୍ଠ ମହିଳା ଦଳ ଚୂଡ଼ାନ୍ତ

ଭୁବନେଶ୍ୱର,(ପି.ଏନ):ଏକାଦଶତମ ହକି ଇଣ୍ଡିଆ ଜାତୀୟ ପ୍ରତିଯୋଗିତା ନିମନ୍ତେ ବରିଷ୍ଠ ଓ କନିଷ୍ଠ ମହିଳା ଦଳ ଚୂଡ଼ାନ୍ତ ହୋଇଛି । ଚଳିତ ମାସ ୨୧ରୁ ୩୧ ତାରିଖ ପର୍ଯ୍ୟନ୍ତ ଉତରପ୍ରଦେଶର ଝାନ୍‌ସୀଠାରେ ବରିଷ୍ଠ ମହିଳା ଜାତୀୟ ହକି ପ୍ରତିଯୋଗିତା ଏବଂ ଚଳିତ ମାସ ୨୦ରୁ ୨୯ ତାରିଖ ପର୍ଯ୍ୟନ୍ତ ଝାରଖଣ୍ଡର ସିମ୍‌ଡେଗାଠାରେ କନିଷ୍ଠ ମହିଳା ଜାତୀୟ ହକି ପ୍ରତିଯୋଗିତା ଅନୁଷ୍ଠିତ ହେବ । ଉଭୟ ପ୍ରତିଯୋଗିତାରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବା ପାଇଁ ୧୮ ଜଣିଆ ଦଳ ସଂପୂର୍ଣ୍ଣ ଭାବେ ପ୍ରସ୍ତୁତ ଅଛନ୍ତି ବୋଲି ହକି ପାଇଁ ଓଡ଼ିଶାର ଆଡ୍‌ହକ୍ କମିଟିର ଅଧ୍ୟକ୍ଷ ପଦ୍ମଶ୍ରୀ ଡ. ଦିଲ୍ଲୀପ ତିର୍କୀ କହିଛନ୍ତି । ବରିଷ୍ଠ ମହିଳା ହକି ଦଳର ଅଧିନାୟିକା ଭାବରେ ଅସ୍ମିତା ବାର୍ଲା ଓ କନିଷ୍ଠ ମହିଳା ହକି ଦଳର ଅଧିନାୟିକା ଭାବରେ ଜ୍ୟୋତି ଛତ୍ରି ଦଳର ନେତୃତ୍ୱ ନେବେ । ୧୮ ଜଣିଆ ବରିଷ୍ଠ ମହିଳା ହକି ଦଳ ସହିତ ଅନ୍ତର୍ଜାତୀୟ ଖ୍ୟାତିସଂପନ୍ନ ମହିଳା ହକି ତାରକା ଶ୍ରୀମତୀ ପାଉଲିନା ସୁରିନ୍ ଦଳ ପ୍ରବନ୍ଧକ ଓ ଅଲମ୍ପିଆନ୍ ହକି ତାରକା ଲାଜରୁସ୍ ବାର୍ଲା ପ୍ରଶିକ୍ଷକ ଦାୟିତ୍ୱ ନିର୍ବାହ କରିବେ । କଳିଙ୍ଗ ଷ୍ଟାଡିୟମ୍ ର ଉତ୍କର୍ଷ ପ୍ରଦର୍ଶନ କେନ୍ଦ୍ରର ଡାକ୍ତର ଶୋଭେନ୍ ଫିଜିଓ ଏବଂ ରେଶ୍ମା ଲାକ୍ରା ସହାୟକ ଦାୟିତ୍ୱ ନିର୍ବାହ କରିବେ । ସେହିପରି କନିଷ୍ଠ ମହିଳା ହକି ଦଳ ସହିତ ଭଲିବଲ୍ ପ୍ରଶିକ୍ଷକ ଶ୍ରୀମତୀ ସୁଷମା ନନ୍ଦ ଓ ବରିଷ୍ଠ ହକି ପ୍ରଶିକ୍ଷକ କାଳୁଚରଣ ଚୌଧୁରୀ ଯଥାକ୍ରମେ ଦଳ ପ୍ରବନ୍ଧକ ଓ ପ୍ରଶିକ୍ଷକ ଦାୟିତ୍ୱ ନିର୍ବାହ କରିବେ । ଏହି ଦଳ ସହିତ ଫିଜିଓ ଭାବରେ ସୁଶ୍ରୀ ଶୁଭସ୍ମିତା ମହାନ୍ତି ଓ ଫିଟ୍‌ନେସ୍ ଟ୍ରେନର ଭାବରେ ଶ୍ରୀମତୀ ସରିତା ରୋଶନ୍ ହନୁମାନ୍ ଓ ଉପାସନା ଯାଦବ ଯୋଗଦେବେ । କନିଷ୍ଠ ମହିଳା ହକି ଦଳ ଆସନ୍ତାକାଲି ସିମ୍‌ଡେଗା ନିମନ୍ତେ ଯାତ୍ରା କରିବେ । ବିଗତ ଦୁଇ ସପ୍ତାହ ଧରି କଳିଙ୍ଗ ଷ୍ଟାଡିୟମ୍ ର ହକି ଗ୍ରାଉଣ୍ଡରେ ଚାଲିଥିବା ପ୍ରଶିକ୍ଷଣ କ୍ୟାମ୍ପର ଅବ୍ୟବହିତ ଓ ମହିଳା ଦଳମାନଙ୍କର ଯାତ୍ରା ପୂର୍ବ ଅବସରରେ ହକି ପାଇଁ ଓଡ଼ିଶାର ଆଡ୍‌ହକ୍ କମିଟିର ଅଧ୍ୟକ୍ଷ ପଦ୍ମଶ୍ରୀ ଡ. ଦିଲ୍ଲୀପ ତିର୍କୀ ଓ କ୍ରୀଡ଼ା ଏବଂ ଯୁବସେବା ବିଭାଗ, ଓଡ଼ିଶା ସରକାରଙ୍କ ତରଫରୁ ଯୁଗ୍ମ ଶାସନ ସଚିବ ଶୈଳେନ୍ଦ୍ର କୁମାର ଜେନା ଆଜି ପୂର୍ବାହ୍ନରେ ଓଡ଼ିଶାର ଦଳମାନଙ୍କୁ ଜର୍ସି ଓ ଅନ୍ୟାନ୍ୟ ଉପକରଣ ପ୍ରଦାନ କରି ପ୍ରତିଯୋଗିତାରେ ସଫଳତା କାମନାପୂର୍ବକ ଶୁଭେଚ୍ଛା ଜ୍ଞାପନ କରିଥିଲେ ।

# ଓଡିଶା ଗୋ ପ୍ରେମୀ ସାମୁହିକ ସଙ୍ଗଠନ ଆଇନ ବିଭାଗର ଚତୁର୍ଥ ବାସ୍ତବ ବୈଠକ



ଭୁବନେଶ୍ୱର,(ପି.ଏନ): ଗୋ ରକ୍ଷା ଆଇନ ବିଭାଗ ଏହାର ଚତୁର୍ଥ ବାସ୍ତବ ବୈଠକ ଗୁଗୁଲ୍ ମିଟ ମାଧ୍ୟମରେ ଆୟୋଜନ କରିଛି । ଆଗାମୀ ଦୁଇ ମାସର ଚର୍ଚ୍ଚାର ବିଷୟବସ୍ତୁ ଗୁଡିକୁ ସ୍ଥିରିକୃତ କରି ଗୋ ସମ୍ପଦ ବୃଦ୍ଧି ଓ ଏହାର ରକ୍ଷାକୁ ନେଇ ସଙ୍ଗଠନର ରାଜ୍ୟ ବ୍ୟାପି ଓକିଲ ବନ୍ଧୁ ଓ ଗୋ ପ୍ରେମୀ ସଙ୍ଗଠନର ବରିଷ୍ଠ ନେତୃବୃନ୍ଦଙ୍କ ଦ୍ୱାରା ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା । ଏହି କାର୍ଯ୍ୟକ୍ରମର ସଞ୍ଚାଳନ ଓ ସଭାପତିତ୍ୱ ସର୍ବୋଚ୍ଚ ନ୍ୟାୟାଳୟର ଅଧିବକ୍ତା ତଥା ରାଜ୍ୟ ସଂଯୋଜକ ଶ୍ରୀଯୁକ୍ତ ପ୍ରଶାନ୍ତ ବର୍ମା କରିଥିବା ବେଳେ ମୁଖ୍ୟବକ୍ତା ଓ ସଂଯୋଜକ ଭାବେ ଓଡିଶା ଉଚ୍ଚ ନ୍ୟାୟାଳୟର ଅଧିବକ୍ତା ଶ୍ରୀଯୁକ୍ତ ଅଜିତ ପଟ୍ଟନାୟକ ଯୋଗ ଦେଇ ନିମ୍ନ ବିଷୟଗୁଡିକ ଉପରେ ବିସ୍ତୃତ ଚର୍ଚ୍ଚା କରିଥିଲେ । ଓଡିଶାର ଚାଷ ଜମି ଗୁଡିକରେ ପରିବେଶ ଓ ପ୍ରଦୂଷଣମୁକ୍ତ ଜୈବିକ ଚାଷ ନିମନ୍ତେ ବାଧ୍ୟତା ଓ ଏ ସମ୍ବନ୍ଧିୟ ଆଇନ । ମୋ ଚାଷ ଜମିରେ ଲଗାତାର ରାସାୟନିକ ସାର ଓ କୀଟନାଶକ ପ୍ରୟୋଗ ଦ୍ୱାରା ଉପାର୍ଜିତ ଖାଦ୍ୟଶସ୍ୟ ଉପରେ ଏହାର କୁ ପ୍ରଭାବ ଓ ଏ ନେଇ ଦେଶର ଆଇନ । ଓଡ଼ିଶାରେ ଏହାର ଦେଶୀୟ ଗୋ ବଂଶ ପ୍ରଜାତି ବିଲୁପ୍ତ ହେବାର କାରଣ, ସଂରକ୍ଷଣ ପାଇଁ ବିହିତ ପଦକ୍ଷେପ ଓ ଏ ନେଇ ଆଇନଗତ ଉପଚାର । ଓଡ଼ିଶାର ଦେଶୀୟ ଗୋବଂଶ ପ୍ରଜାତିର ପୁନରୁଦ୍ଧାର ଏବଂ ଏହାର ମାଲିକାନା ସ୍ୱତ୍ତ୍ୱ । ଗୋ ସଙ୍କରିକରଣର ଉପଯୋଗୀ ଓ ଅପଯୋଗିତାକୁ ନେଇ ଚର୍ଚ୍ଚା । ଓଡ଼ିଶାରେ ଚାଷ ଜମିଗୁଡିକୁ ଏହାର ଭବିଷ୍ୟତ ବିନିଯୋଗ ନିମନ୍ତେ ବର୍ଷ ବର୍ଷ ଧରି ଖାଲି ରଖି ନିକଟସ୍ଥ ଜମିଗୁଡିକୁ ଚାଷ ଅପଯୋଗି କରିବା ଉପରେ ଆଇନଗତ ପ୍ରଶ୍ନ ?ଓଡ଼ିଶାର ଚାଷ ଜମି ମାଟିରେ ଅତ୍ୟଧିକ ରାସାୟନିକ ସାର ପ୍ରୟୋଗ ଦ୍ୱାରା ଏହାର ଅମ୍ଳିୟ ଓ କ୍ଷାର ଅଂଶରେ ବିଭିଦତା ସୃଷ୍ଟି ତଥା ଏହାର ଉର୍ବରତା ହ୍ରାସକୁ ନେଇ ଆଇନଗତ ଚର୍ଚ୍ଚା । ଓଡ଼ିଶାରେ ଜୈବିକ ତଥା ଗୋବର ଖତ ଓ କମ୍ପୋଷ୍ଟର ଉତ୍ପାଦନ ଓ ଏ ନେଇ ଏହାର ବ୍ୟାଙ୍କ ଗଠନ ଓ ଏହାର ବିକ୍ରି ନିମିତ୍ତ ସହରାଞ୍ଚଳରେ ମଧ୍ୟ ଗୋ ଉତ୍ପାଦନ ସାମଗ୍ରୀଗୁଡିକୁ ସାଧାରଣ ଗରିବ ଜନତାଙ୍କ ଦ୍ୱାରା ଭେଣ୍ଡିଂ ଜୋନ ମାଧ୍ୟମରେ ବିକ୍ରି ଓ ଏ ନେଇ ଆଇନ ।ରାଜ୍ୟରେ ଜୈବିକ୍ ପଦ୍ଧତିରେ ପ୍ରସ୍ତୁତ ଖାଦ୍ୟଶସ୍ୟର ପ୍ରାମାନିକ୍ ସଂସ୍ଥା, ଏହାର ଦର ଧାର୍ଯ୍ୟ ଓ ଏ ନେଇ ଆଇନଗତ ପ୍ରଶ୍ନ ।ଗୋ ହତ୍ୟା ନିବାରଣ ଆଇନ ଓ ଏହାର କମ୍ପିଟେଣ୍ଟ ଅଥରିଟି ନିଯୁକ୍ତି ନେଇ ଯୋଗ୍ୟତା ମାନଦଣ୍ଡ ଓ ଏ ନେଇ ଆଇନଗତ ପ୍ରାବଧାନ ।ରାଜ୍ୟରେ ଗୋଚର ଜମି କିସମ ବଦଳାଇ ବା ଗୋଚର ଜମିରେ ଅନ୍ୟ କାର୍ଯ୍ୟ କରୁଥିବା ବ୍ୟକ୍ତି ଓ ସଂଗଠନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଉପରେ ଆଇନଗତ ଚର୍ଚ୍ଚା ଓ ଏ ସମସ୍ୟାର ନିରାକରଣ ।ଗୋଚର ଜମିର ଅଧିକରଣ ଓ ଅଧିକୃତ ଏ ନେଇ ଆଇନ । ଜମି ଅଧିଗ୍ରହଣ ଆଇନ ଓ ଓଡ଼ିଶା । ଜମି ଉପନିବେଶ କମିଶନର ଓ ଚାଷ ଜମି କିସମ୍‌ରେ ଉର୍ବରତା, ଅମ୍ଳିୟ ଓ କ୍ଷାର ଜମି ସ୍ଥିରିକରଣ, ଜୈବିକ ଓ ରାସାୟନିକ ସାର ପ୍ରୟୋଗ ଜମିର ଚିହ୍ନଟକୁ ନେଇ ଆଇନଗତ ପ୍ରଶ୍ନ । ସମାଜରେ ଗୋ ସମ୍ପଦର ମହତ୍ୱ । ଉକ୍ତ ବିଷୟଗୁଡିକ ମଧ୍ୟରୁ ପ୍ରତ୍ୟେକ ସପ୍ତାହରେ ଗୋଟିଏ ଗୋଟିଏ ବିଷୟରେ ଚର୍ଚ୍ଚା ଜାରି ରହିବ ବୋଲି ରାଜ୍ୟ ସଙ୍ଗଠନ ମନ୍ତ୍ରୀ ସଭା ଶେଷରେ ସମସ୍ତଙ୍କୁ ସୂଚନା ଦେବା ସହ ଏ ବିଷୟରେ ଇଚ୍ଛୁକ ଅଧିବକ୍ତା ଅଧିକରୁ ଅଧିକ ସଂଖ୍ୟକ ଭାଗ ନେବା ସହ ଆଗାମୀ ଦିନରେ ଏ ବିଷୟଗୁଡିକରେ ରାଜ୍ୟବ୍ୟାପୀ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ସୂଚନା ଦେଇଥିଲେ । କାର୍ଯ୍ୟକ୍ରମରେ ବରିଷ୍ଠ ଅଧିବକ୍ତା ଶ୍ରୀଯୁକ୍ତ ଅଜିତ ପଟ୍ଟନାୟକ ଅଂଶ ଗ୍ରହଣ କରି ପ୍ରତ୍ୟେକ ବିଷୟକୁ ପ୍ରଶଂସା କରିବା ସହ ଆଗାମୀ ଦିନରେ ଏ ବିଷୟଗୁଡିକୁ ରାଜ୍ୟ ନେତୃତ୍ୱ ଓ ବିପକ୍ଷ ନେତୃତ୍ୱଙ୍କ ସମକ୍ଷରେ ରଖିବା ପାଇଁ ଆଶା ପ୍ରକାଶ କରିଥିଲେ । ସର୍ବଶେଷରେ ସାମୁହିକ ଗୋ ପ୍ରେମୀ ସଙ୍ଗଠନର ମୁଖ୍ୟ ଶ୍ରୀଯୁକ୍ତ ଜଗନ୍ନାଥ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିବା ସହ ଆଗାମୀ କାର୍ଯ୍ୟକ୍ରମଗୁଡିକ କିପରି ସୁଦୂର ପ୍ରସାରୀ ହେବ ଏ ନେଇ ଜିଲ୍ଲା ଓ ପ୍ରାନ୍ତ ଆଇନ ବିଭାଗ ଗଠନ ପାଇଁ ଦୃଢ଼ୋକ୍ତି ପ୍ରକାଶ କରିଥିଲେ ।

# ଏକାଦଶ ଶ୍ରେଣୀ ଖୋଲିବା ନେଇ ଗାଇଡ୍ ଲାଇନ୍ ଜାରି

ଭୁବନେଶ୍ୱର,(ପି.ଏନ):ପୂଜା ଛୁଟି ପରେ ଏକାଦଶ ଶ୍ରେଣୀ ଖୋଲିବ । ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଗାଇଡଲାଇନ୍ ଜାରି ହୋଇଛି । ଏନେଇ ବିଭାଗୀୟ ସଚିବ ଉଚ୍ଚ ମାଧ୍ୟମିକ ସ୍କୁଲ ଅଧ୍ୟକ୍ଷଙ୍କୁ ଚିଠି ଲେଖିଛନ୍ତି । ପ୍ରଥମ ଦିନ ଇଣ୍ଡକ୍ସନ ସେସନର ବ୍ୟବସ୍ଥା ହେବ । ଇଣ୍ଡକ୍ସନ ସେସନରେ ନୂଆ ପିଲାଙ୍କ ସହ ଜଣେ ଅଭିଭାବକ ରହିବେ । ସୋମବାର ଠାରୁ ଶୁକ୍ରବାର ଯାଏଁ ୟୁଟ୍ୟୁବରେ ଲାଇଭ୍ ଷ୍ଟ୍ରିମିଂ ହେବ । ପିଲାଙ୍କୁ ୟୁଟ୍ୟୁବ୍ ଚ୍ୟାନେଲର ଲିଙ୍କ ଯୋଗାଇ ଦିଆଯିବ । ଏକାଦଶ ପାଠ ବୁଝିବା ପାଇଁ ଦଶମ ଶ୍ରେଣୀ ପାଠର ବି ଅବଗତ କରାଯିବ ।ଆସନ୍ତା ୨୧ ତାରିଖ ଠାରୁ ଏକାଦଶ ଶ୍ରେଣୀ ପିଲାଙ୍କ ପାଠପଢ଼ା ଆରମ୍ଭ ହେବ । ସରକାରଙ୍କ କୋଭିଡ୍ କଟକଣା ସହ ପିଲା ମାନଙ୍କର କ୍ଲାସ ଚାଲିବ ଓ ହଷ୍ଟେଲ ପରିଚାଳନା ହେବ ।

## ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ ନ୍ତପର୍ଯ୍ୟବେକ୍ଷକ' ୧୭ ତାରିଖ ସଂସ୍କରଣ ପ୍ରକାଶିତ ହୋଇନଥିବାରୁ ଆମେ ଦୁଃଖିତ ।

-ପ୍ରକାଶକ




2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada




Bhubaneswar Tuesday October 19, 2021 ଭୁବନେଶ୍ୱର ମଙ୍ଗଳବାର, ଅକ୍ଟୋବର ୧୯,୨୦୨୧ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ଭୂପେଶ ବାଘେଲ ଦେଶର ଏକ ନମ୍ବର ମୁଖ୍ୟମନ୍ତ୍ରୀ, ନବୀନ ୩ ନମ୍ବର





ନୂଆଦିଲ୍ଲୀ: ପ୍ରଦର୍ଶନ ଆଧାରରେ ଦେଶର ସମସ୍ତ ମୁଖ୍ୟମନ୍ତ୍ରୀଙ୍କୁ ପଛରେ ପକାଇ ଏକ ନମ୍ବର ହୋଇଛନ୍ତି ଛତିଶଗଡ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲ । ଶାସନ ପରିଚ୍ଳାନା ସୂଚ୍କାଙ୍କ ଅନୁଯାୟୀ ଛତିଶଗଡ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲ ଦେଶର ସର୍ବୋତ୍ତମ ପ୍ରଦର୍ଶନକାରୀ ମୁଖ୍ୟମନ୍ତ୍ରୀ ହୋଇପାରିଛନ୍ତି। ଆଇଏଏନଏସ ଏବଂ ସି-ଭୋଟର ପକ୍ଷରୁ କରାଯାଇଥିବା ସର୍ଭେରେ ଏହି ରିପୋର୍ଟ ଆସିଛି। କେବଳ ବାଘେଲଙ୍କ ବିରୋଧରେ ୬ ପ୍ରତିଶତ ଜନ ଅସନ୍ତୋଷ ରହିଛି। ଆଉ ସେମାନେ ପରିବର୍ତ୍ତନ ଚ୍ହାହୁଛନ୍ତି। କିନ୍ତୁ ସର୍ଭେ ? ଅନୁଯାୟୀ, ଭୂପେଶ ବାଘେଲ ସର୍ବାଧିକ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଭାବେ ଶୀର୍ଷ ତାଲିକାରେ ରହିଛନ୍ତି। ସେହିପରି ଭୂପେଶଙ୍କ ବିରୋଧରେ କମ୍ ? ଓ ବିଧାୟକ ଏବଂ କେନ୍ଦ୍ରସରକାରଙ୍କ ବିରୋଧରେ ଅଧିକ ଜନଅସନ୍ତୋଷ ରହିଛି । ଛତିଶଗଡରେ ୪୪.୭ ପ୍ରତିଶତ ଲୋକ କେନ୍ଦ୍ର ବିରୋଧରେ ଏବଂ ୩୬.୬ ପ୍ରତିଶତ ଲୋକ ରାଜ୍ୟ ସରକାରଙ୍କ ଉପରେ ଅସନ୍ତୁଷ୍ଟ ଅଛନ୍ତି। ବାଘେଲ ଛତିଶଗଡରେ ବହୁ ଜନକଲ୍ୟାଣକାରୀ ଯୋଜନା ପ୍ରଣୟନ କରିଥିବା ବେଳେ କୋଭିଡ୍ ?ରେ ବାପା-ମାଙ୍କୁ ହରାଇଥିବା ପିଲାଙ୍କୁ ମାଗଣା ଶିକ୍ଷା ପାଇଁ ହୋଇଥିବା ଯୋଜନା ତାଙ୍କୁ ବେଶ ଲୋକପ୍ରିୟ କରାଇ ପାରିଛି। ସେହିପରି ଲିଙ୍ଗଗତ ସମାନତା କ୍ଷେତ୍ରରେ ବାଘେଲ କାର୍ଯ୍ୟକାରୀ କରିଥିବା ଯୋଜନା ତାଙ୍କୁ ଶ୍ରେଷ୍ଠ ପ୍ରଦର୍ଶନକାରୀ ଭାବେ ମାନ୍ୟତା ମିଳିଛି। NITI ଆୟୋଗର SDG ଇଣ୍ଡିଆ ଇଣ୍ଡେକ୍ସ ରିପୋର୍ଟ ୨୦୨୦-୨୧ ଅନୁଯାୟୀ ତାଙ୍କୁ ଏହି ପ୍ରମାଣପତ୍ର ମିଳିଛି। ଲିଙ୍ଗଗତ ସମାନତା ମାନଦଣ୍ଡରେ ଛତିଶଗଡ ଗତ ବର୍ଷ ୪୩ ପଏଣ୍ଟ ପାଇ ଦେଶର ସପ୍ତମ ସ୍ଥାନରେ ଥିଲା । ଚ୍ଳିତ ବର୍ଷ ଏହି ରାଜ୍ୟ ୬୧ ?ର କରି ଶୀର୍ଷରେ ରହିଛି। ଦୋଷ ସ୍ୱୀକାର କରିବାରେ ବାଘେଲ ଆଦୌ ଭୟ କରନ୍ତିନି ବୋଲି କୁହାଯାଇଛି। ସେହିପରି ସର୍ବନିମ୍ନ ଜନଅସନ୍ତୋଷ ତାଲିକାରେ ଉତ୍ତରାଖଣ୍ଡର ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ଦ୍ୱିତୀୟରେ ଥିବା ବେଳେ ତୃତୀୟ ଅଛନ୍ତି ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟ। ୧୦.୧ ପ୍ରତିଶତ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀଙ୍କ ଉପରେ ଅସନ୍ତୁଷ୍ଟ ଥିବା ବେଳେ ତାଙ୍କ ସରକାରଙ୍କ ଉପରେ ୬୧% ଅସନ୍ତୁଷ୍ଟ ଅଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପରେ ୧୦.୪ ପ୍ରତିଶତ ଜନଅସନ୍ତୋଷ ରହିଥିବା ବେଳେ ରାଜ୍ୟ ସରକାରଙ୍କ ଉପରେ ୩୭.୬ ପ୍ରତିଶତ ଅସନ୍ତୁଷ୍ଟ ଅଛନ୍ତି। ଜନ ଅସନ୍ତୋଷ ତାଲିଲାରେ ସର୍ବାଗ୍ରେ ରହିଛନ୍ତି ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ଚ୍ନ୍ଦ୍ର ଶେଖର ରାଉ। ଚ୍ନ୍ଦ୍ର ଶେଖରଙ୍କ ବିରୋଧରେ ୩୦.୩ ପ୍ରତିଶତ ଅସନ୍ତୋଷ ରହିଛି। ଅର୍ଥାତ ସେମାନେ ମୁଖ୍ୟମନ୍ତ୍ରୀ ପରିବର୍ତ୍ତନ ଚ୍ହାହୁଁଛନ୍ତି। କିନ୍ତୁ ତେଲେଙ୍ଗା ଲୋକେ କେନ୍ଦ୍ର ଉପରେ ଅଧିକ ଖୁସିଥିବା ସର୍ଭେ ? ରିପୋର୍ଟ ଆସିଛି। ସମ୍ମାନଜନନ ପଦରେ ପଞ୍ଜାବ ଏବଂ କର୍ଣ୍ଣାଟକ ଅଛି। କାରଣ ଏହି ଦୁଇଟି ରାଜ୍ୟ ନିକଟରେ ଦୁଇ ଜଣ ନୂଆ ମୁଖ୍ୟମନ୍ତ୍ରୀ ପାଇଛି। ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ବିରୋଧରେ ୨୮.୧ ପ୍ରତିଶତ ଜନଅସନ୍ତୋଷ ରହିଛି। ତେବେ ଦେଖିବାକୁ ଗଲେ ସର୍ବନିମ୍ନ ଜନଅସନ୍ତୋଷ ତାଲିକାରେ ଛତିଶଗଡ ଏକ ନମ୍ବର, ଦ୍ୱିତୀୟରେ ଉତ୍ତରାଖଣ୍ଡ ଏବଂ ତୃତୀୟରେ ଓଡିଶାର ମୁଖ୍ୟମନ୍ତ୍ରୀ ରହିଛନ୍ତି। ସୂଚ୍ନା ଅନୁଯାୟୀ, ଗତ ୧୦ ବର୍ଷ ହେଲା ସି ଭୋଟର ଟ୍ରାକର ପକ୍ଷରୁ ଏଭଳି ସର୍ଭେ ? କରାଯାଇ ଆସୁଛି।

# ଜିଲ୍ଲା ପରିଷଦ ଅଧ୍ୟକ୍ଷ ସଂରକ୍ଷଣ ନେଇ ବିଜ୍ଞପ୍ତି , ପଛୁଆ ବର୍ଗଙ୍କ ପାଇଁ ୪ ଜିଲ୍ଲା

ଭୁବନେଶ୍ୱର,(ପି.ଏନ): ଜିଲ୍ଲା ପରିଷଦ ଅଧ୍ୟକ୍ଷ ପଦ ସଂରକ୍ଷଣ ନେଇ ଶନିବାର ଦିନ ଚିଠା ବିଜ୍ଞପ୍ତି ପ୍ରକାଶ ପାଇଛି। ୩୦ ଜିଲ୍ଲା ମଧ୍ୟରୁ ପଛୁଆବର୍ଗଙ୍କ ପାଇଁ ୪ ଜିଲ୍ଲା ଅଧ୍ୟକ୍ଷ ପଦ ସଂରକ୍ଷିତ ରହିଛି। ସେହି ଜିଲ୍ଲା ଗୁଡ଼ିକ ହେଲା ଅନୁଗୋଳ, କେନ୍ଦୁଝର, ଖୋର୍ଦ୍ଧା ଓ ଗଜପତି। ସେହିପରି ୧୨ ଜିଲ୍ଲା ପାଇଁ ଅଧ୍ୟକ୍ଷ ପଦ ଅଣ ସଂରକ୍ଷିତ ରହିଥିବା ଚିଠା ବିଜ୍ଞପ୍ତିରେ ପ୍ରକାଶ ପାଇଛି। ସେହି ଜିଲ୍ଲା ଗୁଡ଼ିକ ହେଲା- କଳାହାଣ୍ଡି, କେନ୍ଦ୍ରାପଡ଼ା, ଗଂଜାମ, ଝାରସୁଗୁଡ଼ା, ଢେଙ୍କାନାଳ, ଦେବଗଡ଼, ନୂଆପଡ଼ା, ପୁରୀ, ବରଗଡ଼, ବଲାଙ୍ଗିର, ବୌଦ୍ଧ ଓ ସମ୍ବଲପୁର। ଏହି ଜିଲ୍ଲାରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପଦ ଅଣସଂରକ୍ଷିତ ରହିବ। କଟକ, ଜଗତସିଂହପୁର, ଯାଜପୁର ଓ ଭଦ୍ରକ ଅନୁସୂଚିତ ଜାତି ପାଇଁ ସଂରକ୍ଷିତ ରହିବ। କନ୍ଧମାଳ, କୋରାପୁଟ, ନବରଙ୍ଗପୁର, ନୟାଗଡ଼, ବାଲେଶ୍ୱର, ମୟୂରଭଞ୍ଜ, ମାଲକାନଗିରି, ରାୟଗଡ଼ା, ସୁନ୍ଦରଗଡ଼ ଓ ସୋନପୁର ଜିଲ୍ଲା ଅନୁସୂଚିତ ଜନଜାତିଙ୍କ ପାଇଁ ସଂରକ୍ଷିତ ରହିଛି।

# ଅଧ୍ୟାପକଙ୍କ ବଦଳିବାତିଲ ପାଇଁ ଛାତ୍ରଛାତ୍ରୀଙ୍କ ବିକ୍ଷୋବ




ଚଣ୍ଡିଖୋଲ, (ପିଏନ) : ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ନୂଆହାଟ ସ୍ଥିତ ବିଷ୍ଣୁସାମନ୍ତରାୟ କଲେଜ ର ଛାତ୍ରଛାତ୍ରୀମାନେ ଅଧ୍ୟାପକଙ୍କ ବଦଳି ବାତିଲ ନେଇ କଲେଜ ଫାଟକ ସମୁଖରେ ସୋମବାର ବିକ୍ଷୋବ ପ୍ରଦର୍ଶନ କରିଥିଲେ.ଶିକ୍ଷା ବିଭାଗର ଅଧ୍ୟାପକ ସତ୍ୟବ୍ରତ ପୃଷ୍ଟି ଙ୍କ ଅନ୍ୟ ଏକ କଲେଜ କୁ ବଦଳି ହେଇଯାଇଛି । ଦୀର୍ଘଦିନ ହେବ ଅଧ୍ୟାପକ ପୃଷ୍ଟି କଲେଜ ରେ ପାଠପଢେଇ ବେଶ ସୁନାମ ଅର୍ଜନ କରିଥିଲେ.କେବଳ ପାଠପଢା ଛଡା ବିଭିନ୍ନ କଲେଜର ଉନୟନ କାର୍ଯ୍ୟ ରେ ସେମଧ ସହଯୋଗ କରି ସାଧାରଣରେ ପ୍ରଂଶସିତ ହେଇପାରିଥିଲେ। କଲେଜର ଜାତୀୟ ସେବା ଯୋଜନାର ଦାଇତ୍ୱ ନେଇ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମରେ ସାମିଲ କରି ନିକଟବର୍ତୀ ଅଂଚଳରେ ବେଶ ଲୋକପ୍ରିୟତା ଅର୍ଜନ କରିଥିଲେ। ଛାତ୍ରଛାତ୍ରୀଙ୍କ ଶିକ୍ଷାର ସୁରକ୍ଷା ପାଇଁ ସେ ଏହି କଲେଜରେ ରହିବାର ଯଥେଷ୍ଟ ଆବଶ୍ୟକତା ରହିଛିବୋଲି ଆଜି ଛାତ୍ରଛାତ୍ରୀମାନେ କଲେଜ ଆଗରେ ବିକ୍ଷୋବରେ ଦୃଢଦାବୀ କରିଛନ୍ତି । ପୂଜା ଛୁଟି ପୂର୍ବରୁ ମଧ ବଦଳି ବାତିଲ ନେଇ ଛାତ୍ରଛାତ୍ରୀମାନେ କଲେଜ ଫାଟକରେ ଚାବି ପକାଇଥିଲେ। ଛାତ୍ରଛାତ୍ରୀମାନେ ଏନେଇ ଏକ ଲିଖିତ ଅଭିଯୋଗ କଲେଜ ଅଧକ୍ଷ ଓ ସ୍ଥାନୀୟ ବଡ଼ଚଣା ବିଧାୟକଙ୍କୁ ଦେଇଛନ୍ତ। ବଦଳି ବାତିଲ ନହେଲେ ଛାତ୍ରଛାତ୍ରୀଙ୍କ ଧାରଣା ଆହୁରି ତୀବ୍ରତର ହେବ ବୋଲି ଛାତ୍ରଛାତ୍ରୀମାନେ କହିଛନ୍ତି ।ଏନେଇ କଲେଜ ଅଧକ୍ଷଙ୍କୁ ପଚାରିବାରୁ ଅଧ୍ୟାପକଙ୍କ ବଦଳି ବାତିଲ କରିବା ମୋ ପରିସରଭୁକ୍ତ ନୁହିଁ ବୋଲି କହିଥିଲେ ।ଏହି ସମସ୍ୟାର ଶୀଘ୍ର ସମାଧାନ କରିବାକୁ ସାଧାରଣରେ ଦାବୀ ହେଉଅଛି।

# ମମିତା ମେହେର ନିଖୋଜ ଘଟଣା ; ମନ୍ତ୍ରୀ ଦିବ୍ୟସିଂହ ମିଶ୍ରଙ୍କୁ ମନ୍ତ୍ରୀମଣ୍ଡଳରୁ ବହିଷ୍କାର କରାଯାଉ : ବିଜେପି

ଭୁବନେଶ୍ୱର, ୧୮।୧୦(ପି.ଏନ): କଳାହାଣ୍ଡି ଜିଲ୍ଲା ସନସାଇନ ପବ୍ଲିକ ସ୍କୁଲ ଶିକ୍ଷୟିତ୍ରୀ ମମିତା ମେହେର ନିଖୋଜ ଘଟଣାକୁ ୩ଟି ଜିଲ୍ଲା ପୋଲିସ ତଦନ୍ତ କରି ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କୁ ଗିରଫ କରିଥିଲେ । ଗିରଫ ହୋଇ ହାଜତରେ ଥିବାବେଳେ ସେଠାରୁ ଖସିଯିବା ସମସ୍ତଙ୍କୁ ଆଚମ୍ବିତ କରିବା ସହ ସାଧାରଣରେ ବହୁ ସନ୍ଦେହ ସୃଷ୍ଟି କରିଛି । ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟସିଂହ ମିଶ୍ରଙ୍କ ସହ ଶ୍ରୀ ସାହୁଙ୍କ ଅତ୍ୟନ୍ତ ଉତମ ସଂପର୍କ ଥିବାର ମଧ ସ୍ପଷ୍ଟ ହୋଇଛି । ଏହି କଥାକୁ ଖୋଦ୍ ଗୃହ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ମିଶ୍ର ସ୍ୱୀକାର ମଧ କରିଛନ୍ତି । ଅଭିଯୁକ୍ତ ଥାନାରୁ ଖସିଯାଇ ସମସ୍ତ ତଥ୍ୟ ପ୍ରମାଣ ନଷ୍ଟ କରିଦେବାର ସମ୍ଭାବନା ରହିଛି ଏବଂ ଏଥିରେ ମନ୍ତ୍ରୀ ଶ୍ରୀ ମିଶ୍ରଙ୍କ ପ୍ରତ୍ୟକ୍ଷ ସଂପୃକ୍ତି ରହିଥିବାର ଚର୍ଚ୍ଚା ହେଉଛି । 'ମାଁ କୁ ସମ୍ମାନ'ର ନାରା ଦେଉଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଘଟଣାରେ ତୁରନ୍ତ ହସ୍ତକ୍ଷେପ କରି ନିଖୋଜ ଥିବା ମମିତା ମେହେରଙ୍କୁ ଉଦ୍ଧାର କରି ପରିବାରକୁ ହସ୍ତାନ୍ତର କରିବାକୁ ବିଜେପି ସାଂସଦ ବସନ୍ତ ପଣ୍ଡା ଦାବୀ କରିଛନ୍ତି ।କ୍ଷମତାର ଅପବ୍ୟବହାର କରି ତଦନ୍ତ ପ୍ରକ୍ରିୟାକୁ ବିଭ୍ରାନ୍ତ କରିବାର ଷଡଯନ୍ତ୍ର କରୁଥିବାରୁ ଗୃହ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ମିଶ୍ରଙ୍କୁ ମୁଖ୍ୟମନ୍ତ୍ରୀ ସର୍ବପ୍ରଥମେ ତାଙ୍କ ମନ୍ତ୍ରୀମଣ୍ଡଳରୁ ବହିଷ୍କାର କରନ୍ତୁ । ସମସ୍ତ ଦୋଷୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଉପଯୁକ୍ତ ଦଣ୍ଡ ପ୍ରଦାନ କରାଯାଉ । ଏହା ହେଲେ ଯାଇ ପ୍ରକୃତ ସତ୍ୟ ସାମ୍ନାକୁ ଆସିପାରିବ ବୋଲି ଶ୍ରୀ ପଣ୍ଡା କହିଛନ୍ତି ।ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସାଧାରଣ ସଂପାଦକ ଗୋଲକ ମହାପାତ୍ର, ଡ.ଲେଖାଶ୍ରୀ ସାମନ୍ତସିଂହାର ଏବଂ ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ସ୍ମୃତି ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ପେଟ୍ରୋଲ / ଡିଜେଲ / ରନ୍ଧନ ଗ୍ୟାସ ଦରବୃଦ୍ଧି ପ୍ରତିବାଦରେ ଭୁବନେଶ୍ୱରରେ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିରଙ୍କ ଗର୍ଜନ

ଭୁବନେଶ୍ୱର,(ପି.ଏନ): ଆଜି ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ୟାସିର ନଓ୍ୱାଜଙ୍କ ନେତୃତ୍ୱରେ ପେଟ୍ରୋଲ / ଡିଜେଲ / ରନ୍ଧନଗ୍ୟାସର ଆକାଶଛୁଆଁ ଦର ପ୍ରତିବାଦରେ ଭୁବନେଶ୍ୱରରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପ୍ରଦେଶ ଛାତ୍ର କଂଗ୍ରେସ, ଭୁବନେଶ୍ୱର ଛାତ୍ର କଂଗ୍ରେସ, ଏକାମ୍ର ଭୁବନେଶ୍ୱର, ମଧ ଭୁବନେଶ୍ୱର ଓ ଉତର ଭୁବନେଶ୍ୱର ଛାତ୍ର କଂଗ୍ରେସର ସଭାପତି ଓ କର୍ମକର୍ତା ମାନେ ମାଷ୍ଟରକ୍ୟାଂଟିନ ଛକରେ ତୈଳ ଓ ରନ୍ଧନ ଗ୍ୟାସ ଦରବୃଦ୍ଧି ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ନବନୀ ପଟ୍ଟନାୟକଙ୍କୁ ଦାୟୀ କରି ସେମାନଙ୍କର କୁଶପୁତଳିକା ଦାହ କରିଥିଲେ। ଛାତ୍ର କଂଗ୍ରେସର କର୍ମକର୍ତାମାନେ ମାଷ୍ଟରକ୍ୟାଂଟିନ ମୁଖ୍ୟ ରାସ୍ତାକୁ ଏକଘଂଟା ଧରି ଅବରୋଧ କରିବାପରେ ଦୁଇ ନମ୍ବର ଓ ଏକ ନମ୍ବର ପେଟ୍ରୋଲ ଟାଙ୍କିରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଫଟୋରେ 'ନରେନ୍ଦ୍ର ମୋଦି ଚୋର ହେ, ପେଟ୍ରୋଲ ଡିଜେଲ ଏକଶୋ ପାର ହେ' ପୋଷ୍ଟର ଲଗାଇଥିଲେ। ଏହା ପରେ ଏକ ର୍ୟାଲିରେ ଭୁବନେଶ୍ୱର ପରିକ୍ରମା କରିଥିଲେ। ଏହି ପରିପ୍ରେକ୍ଷୀରେ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ୟାସିର ନଓ୍ୱାଜ କହିଥିଲେ ଯେ ପ୍ରଧାନମନ୍ତ୍ରୀ ମୋଦି ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତୈଳ/ ରନ୍ଧନ ଗ୍ୟାସର ଦର ଏପରି ବୃଦ୍ଧି କରିଛନ୍ତି ଯେ ତାହା ରକ୍ତ ଶୋଷଣର ଯନ୍ତ୍ରଣାଠୁ ଟପି ଯାଇଛି। ନରେନ୍ଦ୍ର ମୋଦି ମୁଖ୍ୟମନ୍ତ୍ରୀ ଥିଲା ବେଳେ କହିଥିଲେ ପେଟ୍ରୋଲ ଓ ଡିଜେଲ ଦର ୪୦ ଟଙ୍କା ହେବା କଥା। ତତ୍କାଳୀନ ମନମୋହନ ସିଂ ସରକାରଙ୍କୁ ଅତି ନିଛସ୍ତରକୁ ଯାଇ ତିରସ୍କାର କରିଥିଲେ। ଆଜି ତୈଳ ଓ ରନ୍ଧନଗ୍ୟାସ ଦର ବୃଦ୍ଧିରେ ମୋଦିଙ୍କ ହିଟଲର ରୂପ ପ୍ରକଟିତ ହୋଇପଡୁଛି। ମୋଦି ଜଣେ ନୃଶଂସ ଶାସକ ବୋଲି ପ୍ରମାଣିତ। ମନମୋହନ ସିଂ ସରକାର ଥିବା ବେଳେ ଆର୍ନ୍ତଜାତିକ ବଜାରରେ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୧୦୧-୧୩୦ ଡଲାର ହୋଇଥିବା ବେଳେ ଭାରତରେ ପେଟ୍ରୋଲ ଲିଟର ୭୦ ଟଙ୍କା, ଡିଜେଲ ଲିଟର ୫୦ ଟଙ୍କା ଏବଂ ରନ୍ଧନ ଗ୍ୟାସ ଟାଙ୍କି ୩୫୦ ଟଙ୍କାରେ ମିଳୁଥିଲା। ୨୦୧୪ ପରଠାରୁ ଆର୍ନ୍ତଜାତିକ ବଜାରରେ ଅଶୋଧିତ ତୈଳଦର ବ୍ୟାରେଲ ପିଛା ୩୦ ଡଲାରରୁ ୮୦ ଡଲାର ମଧ୍ୟରେ ଥିବା ବେଳେ ପେଟ୍ରୋଲ ଦର ୧୧୦ ଟଙ୍କା, ଡିଜେଲ ଦର ୧୦୮ ଟଙ୍କା ଏବଂ ଗ୍ୟାସ ଟାଙ୍କି ୧୦୦୦ ଟଙ୍କାରେ ପଂହଚିଛି। ମୋଦିଙ୍କ ଭାଷାକୋଷରେ ବିକାଶର ଅର୍ଥ ବିନାଶ। ମୋଦି ମାର୍କା ଆଚ୍ଛାଦିନର ବିକୃତ ଓ ବିକଳ ଚିତ୍ର ଆଜି ଭାରତବାସୀ ଓ ଓଡିଶା ବାସୀ ଦେଖୁଛନ୍ତି। ଏପଟେ ବିଜେଡ଼ି ଦଳ ତୈଳ / ରନ୍ଧନଗ୍ୟାସର ଦର ମନମୋହନ ସିଂ ସରକାରଙ୍କ ସମୟରେ ୧ଟଙ୍କା ବୃଦ୍ଧି ହେଉଥିବା ବେଳେ ରାଜ ରାସ୍ତାରେ ଚିତ୍କାର କରୁଥିଲେ। ଏବେ କିନ୍ତୁ ଘରବୁଡ଼ି ପାଣି ଆଣ୍ଠୁଏ ମାତ୍ର ନବୀନ ନିରବ, ଛାତ୍ର ବିଜେଡ଼ି ଓ ଯୁବ ବିଜେଡ଼ି ମୁକ ପାଲଟି ଯାଇଛନ୍ତି। ନବୀନ ସରକାର ଏହି ଦର ବୃଦ୍ଧିରେ ମୋଦି ସରକାରଙ୍କୁ ସମର୍ଥନ କରୁଛନ୍ତି କାରଣ କେନ୍ଦ୍ରୀୟ ଟିକସ ବାଦ ଦେଲେ ନବୀନ ବାବୁ ମଧ ତୈଳ / ରନ୍ଧନଗ୍ୟାସରୁ ମୋଟା ଅଙ୍କର ଟିକସ ନେଉଛନ୍ତି। ଆଜି ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ନବନିଯୁକ୍ତି ଭୁବନେଶ୍ୱର ଛାତ୍ର କଂଗ୍ରେସ ସଭାପତି ଜଗଦୀଶ ଗଜେନ୍ଦ୍ର, ମଧ ଭୁବନେଶ୍ୱର ଛାତ୍ର କଂଗ୍ରେସ ସଭାପତି ସାହାରୁଖ ଖାନ୍, ଉତର ଭୁବନେଶ୍ୱର ଛାତ୍ର କଂଗ୍ରେସ ସଭାପତି ଉଦିତ୍ ପ୍ରଧାନ ଏବଂ ଏକାମ୍ର ଭୁବନେଶ୍ୱର ଛାତ୍ର କଂଗ୍ରେସ ସଭାପତି ନିଆଜୁଲ୍ ଇସ୍‌ଲାମଙ୍କୁ ଉତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମର୍ଦ୍ଧନା ଦିଆଯାଇଥିଲା। ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ମାନସ ଚୌଧୁରୀ, ରଜତ ଚୌଧୁରୀ, ବିଶ୍ୱଜିତ ଦାଶ, ଜାନକୀ ବଲ୍ଲଭ ପଟ୍ଟନାୟକ, ପ୍ରକାଶ ମିଶ୍ର, ସୁବ୍ରତ ମହପାତ୍ର, ନିହାର ବେହେରା, ମୁନୁ ପରିଡ଼ା, ସୁନିଲ ମାଟିଆ, ବାବୁ ଜେନା, ମହମ୍ମଦ ଗୁଲଫାମ, ସାଗର ପଟ୍ଟନାୟକ, ରିତ ସେନାପତି, ଅଭିରାମ ଗୌଡ଼, ବିଶ୍ୱଭୂଷଣ ମହାପାତ୍ର, ଅଖିଳେଷ ଯାଦବ, ଅଜିତ ବାରିକ, ବିଭୁତି ଭୂଷଣ ମହାପାତ୍ର, ନିତେଶ ବେହେରା, ଏହମ୍ମଦ ଖାନ, ପ୍ରତ୍ୟୁଷ ପ୍ରଧାନ, ଆଦିତ୍ୟ କହଁର, ଆର୍ଯ୍ୟାନ ସାସ୍‌ମଲ, ମିହିର ଆଚାର୍ଯ୍ୟ, ଜୟକୃଷ୍ଣ ସୁବୁଦ୍ଧି, ସୁବାଷ ପ୍ରଧାନ, ସଂଦୀପ ରାଉତରାୟ, ସଂଜୀବ ରାଉତ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଅଟ୍ରୀ-ଶରଧାପୁର ରାସ୍ତା ପାଲଟିଛି ମରଣଯନ୍ତା



ଖୋର୍ଦ୍ଧା,(ପିଏନ): ଖୋର୍ଦ୍ଧା ଜିଲ୍ଲା ବାଘମାରୀ ଥାନା ଅନ୍ତର୍ଗତ ଅଟ୍ରୀ-ଶରଧାପୁର ୧ କିମି ରାସ୍ତା ମରଣଯନ୍ତା ପାଲଟିଛି । ଫଳରେ ସଂପୃକ୍ତ ଗ୍ରାମର ଜନସାଧାରଣ ଯାତାୟତରେ ବାଧାପ୍ରାପ୍ତ ହେଉଥିବା ସହ ପ୍ରତ୍ୟହ ରାତ୍ରରେ ଛୋଟବଡ ଦୁର୍ଘଟଣା ଘଟୁଛି ।ଏହି ରାସ୍ତାଟିରେ ଗ୍ରାମର ଜନସାଧାରଣମାନେ ଦୈନନ୍ଦିନ ବାଘମାରୀ ବଜାରକୁ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷପତ୍ର ଆଣିବା,ଛାତ୍ରଛାତ୍ରୀ ମାନେ ପାଠ ପଢିବା ପାଇଁ ବିଦ୍ୟାଳୟ ଓ କଲେଜକୁ ଯାତାୟତ କରିଥାନ୍ତି । ସରକାର ପ୍ରତି ଗ୍ରାମକୁ ବିଭିନ୍ନ ଯୋଜନା ଦେଇ ପକ୍କା ସଡକ ନିର୍ମାଣ କାର୍ଯ୍ୟକୁ ଗୁରୁତ୍ୱ ଦେଉଥିବା ସମୟରେ ଏହି ଗ୍ରାମକୁ କାହିଁକି ପକ୍କା ସଡକ ନିର୍ମାଣ କରାଯାଉନାହିଁ ବୋଲି ସମସ୍ତଙ୍କ ମନରେ ପ୍ରଶ୍ନ ଉଙ୍କି ମାରିଛି । ବିଭିନ୍ନ ରାଜନୈତିକ ଦଳମାନେ ନିର୍ବାଚନ ସମୟ ଆସିଲେ ଗ୍ରାମକୁ ଆସି କେବଳ ପ୍ରତିଶ୍ରୁତି ଦେଇ ଚାଲିଯାଇଥାନ୍ତି । ପରେ ରାଜନୈତିକ ଦଳର ନେତାମାନେ କ୍ଷମତାକୁ ଆସିଲେ ଏଥିପ୍ରତି ଦୃଷ୍ଟି ଦେଇ ନଥାନ୍ତି । ଫଳରେ ସାଧାରଣ ଜନତା ଭଲ ପକ୍କା ସଡକ ଯୋଜନାରୁ ବଂଚିତ ହୋଇ ଖାଲଖମା ରାସ୍ତା ଦେଇ ଯଥା ପୂର୍ବଂମ ତଥା ପରମ ଭଳି ସବୁଦିନ ଯାତାୟତ କରିଥାନ୍ତି । ବର୍ଷା ହେଲେ ରାସ୍ତା ଉପରେ ପାଣି ଜମି କୃତ୍ରିମ ହ୍ରଦ ସୃଷ୍ଟି ହୋଇ ସମସ୍ତଙ୍କୁ ଭ୍ରମରେ ପକାଇଥାଏ ।ଏହି ରାସ୍ତା ପାଇଁ ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କେହି କର୍ଣ୍ଣପାତ କରୁ ନାହାନ୍ତି । ରାଜନୈତିକ ଦଳର ନେତା ମାନେ ନିଜର ସ୍ୱାର୍ଥକୁ ଦୃଷ୍ଟିରେ ରଖି କେବଳ ନିଜର ଫାଇଦା ପାଇଁ ରାସ୍ତା ଉପରେ ଅଳ୍ପ କିଛି ମୋରମ ବିଛାଇ ଅବଶିଷ୍ଟ ଅର୍ଥକୁ ଆତ୍ମସାତ କରିଥାନ୍ତି । ଏହି ରାସ୍ତା ସମସ୍ୟା ପ୍ରଶାସନ କେବେ ସୁଧାରିବ ତାହା ଜନସାଧାରଣମାନେ ଦେଖିବାକୁ ଚାହିଁ ବସିଛନ୍ତି ।ସେହିଭଳି ଅଟ୍ରି ଠାରୁ ବାମଡିହ ପର୍ଯ୍ୟନ୍ତ ୧ କିମି ରାସ୍ତା ରାସ୍ତା ମଧ୍ୟ ଅନୁରୂପ ଭାବରେ ଯାତାୟତ କରିଥାନ୍ତି ।






Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray